ବର୍ଷ-୨୫, ସଂଖ୍ୟା-୩୩୪
ଭୁବନେଶ୍ୱର
୧୪, ଡିସେମ୍ବର, ୨୦୨୫ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

# ମହାଭାରତ

Vol.-25, Issue No. 334
Bhubaneswar
14, December, 2025 Sunday
Page-08, Rs.: 2.00

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

## ଚିନ୍ତା ବଢ଼ାଇଲା ଦିଲ୍ଲୀ ପ୍ରଦୂଷଣ




**ନୂଆଦିଲ୍ଲୀ,୧୩।୧୨(ଏଜେନ୍ସି):** ଜାତୀୟ ରାଜଧାନୀ ଦିଲ୍ଲୀରେ ବଢୁଥିବା ପ୍ରଦୂଷଣ ମାତ୍ରାକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି ସୁପ୍ରିମକୋର୍ଟ । ଏହାକୁ ନେଇ ଆମେ ଚୁପ ବସିପାରିବା ନାହିଁ । କୋଭିଡ୍ ସମୟରେ ଦିନରେ ଆକାଶ ନୀଳ ଦିଶୁଥିଲା ଏବଂ ରାତିରେ ତାରା ଦିଶୁ ଥିଲା, ଏବେ ସେହି ନିର୍ମଳ ବାୟୁ କାହିଁକି ନାହିଁ । ଅର୍ଥାତ ବାୟୁକୁ ସଫା କରାଯାଇ ପାରିବ ବୋଲି କହିଛନ୍ତି କୋର୍ଟ । ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ମାମଲାର ଶୁଣାଣି ବେଳେ କହିଛନ୍ତି ଯେ କେବଳ ନଡ଼ା ଜାଳିବା ଗୋଟିଏ କାରଣ ହୋଇ ପାରିବ ନାହିଁ । ଏହାକୁ ରାଜନୈତିକ ଅହଂକାରର ପ୍ରସଙ୍ଗ କରାଯିବା ଉଚିତ୍ ନୁହେଁ । ପ୍ରଦୂଷଣ କମ କରିବାକୁ ଯୋଜନା କାହିଁ ବୋଲି ଦିଲ୍ଲୀ ସରକାରଙ୍କୁ କୋର୍ଟ ପ୍ରଶ୍ନ କରିଛନ୍ତି । ସିଏକ୍ୟୁଏମ୍ ଓ ରାଜ୍ୟର ସଂସ୍ଥାଗୁଡ଼ିକ ପ୍ରଦୂଷଣକୁ ରୋକିବାକୁ ଅଣ୍ଟା ଭିଡ଼ିବା ଦରକାର । କେବଳ କାଗଜରେ ଯୋଜନାଗୁଡ଼ିକୁ ସୀମିତ ନ ରଖି ଏହାର କାର୍ଯ୍ୟକାରୀ କରନ୍ତୁ । ଆମେ କେବଳ କଥା ଶୁଣିପାରିବୁ ନାହିଁ, ବରଂ ବିଶେଷଜ୍ଞଙ୍କ ଦ୍ୱାରା ସମାଧାନ ବାହାରିବା ଦରକାର । ଶୁଣାଣି ସମୟରେ ସିଏକ୍ୟୁଏମ୍ କହିଛି ଯେ ଏହା ଅଂଶୀଦାରମାନଙ୍କ ସହିତ ଆଲୋଚନା କରିଛି । ଏଏସଜି କହିଛି ଯେ ହରିୟାଣା, ପଞ୍ଜାବ ଏବଂ ସିପିସିବି ଭଳି ସମସ୍ତ ଏଜେନ୍ସିରୁ କାର୍ଯ୍ୟାନୁଷ୍ଠାନ ରିପୋର୍ଟ କୋର୍ଟରେ ଦାଖଲ କରାଯାଇପାରିବ । ପ୍ରଧାନ ବିଚାରପତି ଜବାବରେ ଉତ୍ତର ଦେଇଛନ୍ତି ଯେ କୋର୍ଟ ଚୁପ୍ ବସିପାରିବେ ନାହିଁ ଏବଂ ଆଲୋଚନାକୁ ସହଜ କରିବା ପାଇଁ ସମସ୍ତ ପକ୍ଷଙ୍କୁ ଗୋଟିଏ ମଞ୍ଚରେ ଏକାଠି କରିବା ଉଚିତ । କୋର୍ଟ ସିଏକ୍ୟୁଏମକୁ ପଚାରିଥିଲେ ଯେ ଏହାର କ୍ଷୁଦ୍ରକାଳୀନ ଯୋଜନା କ'ଣ । ସିଏକ୍ୟୁଏମ୍ କହିଛି ଯେ ଏହା ପୂର୍ବରୁ ଏହି ସମ୍ପର୍କରେ ଏକ ଶପଥପାଠ ଦାଖଲ କରାଯାଇଛି । ପ୍ରଧାନ ବିଚାରପତି ସିଏକ୍ୟୁଏମକୁ ନଡ଼ା ପୋଡ଼ିବା ବ୍ୟତୀତ ପ୍ରଦୂଷଣର ଅନ୍ୟାନ୍ୟ କାରଣଗୁଡ଼ିକର ସମାଧାନ ପାଇଁ ନିଆଯାଇଥିବା ପ୍ରଭାବଶାଳୀ ପଦକ୍ଷେପ ବିଷୟରେ ଏକ ସପ୍ତାହ ମଧ୍ୟରେ ଏକ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ପରବର୍ତ୍ତୀ ଶୁଣାଣି ଡିସେମ୍ବର ୧୦ ତାରିଖରେ ହେବ ।

# ନବମ ଶ୍ରେଣୀ ଛାତ୍ରଙ୍କ ଠାରୁ ବନ୍ଧୁକ ଜବତ

## ଶିକ୍ଷକଙ୍କୁ ହତ୍ୟା କରିବାକୁ ସ୍କୁଲକୁ ଆଣିଥିଲା

**କେନ୍ଦ୍ରାପଡ଼ା, ୧୩।୧୨(ମହାଭାରତ):** କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ଅଂଚଳର କୋରୁଆ ସରକାରୀ ଉଚ୍ଚ ବିଦ୍ୟାଳୟର ଜଣେ ଛାତ୍ରଠାରୁ ବନ୍ଧୁକ ଜବତ ହୋଇଥିବା ଘଟଣା ଆତଙ୍କ ଖେଳାଇ ଦେଇଛି । ଧାନମଣ୍ଡଳ ଅଞ୍ଚଳର ଜଣେ ନବମ ଶ୍ରେଣୀ ଛାତ୍ରଙ୍କ ଅଣ୍ଟାରୁ ଏକ ବନ୍ଧୁକ ଏବଂ ଗୁଳି ଜବତ ହେବା ସହିତ ବିଦ୍ୟାଳୟ ପରିସରରେ ଭୟର ବାତାବରଣ ସୃଷ୍ଟି ହୋଇଛି । ସଂପୃକ୍ତ ଛାତ୍ର ଖେଳ ଶିକ୍ଷକଙ୍କୁ ଧମକ ଦେବା ପାଇଁ ପୂର୍ବରୁ ମଧ ବନ୍ଧୁକ ନେଇ ଆସିଥିଲା । ଆଜି ମଧ ବନ୍ଧୁକ ନେଇ ଆସିଥିବାବେଳେ ଅନ୍ୟ ପିଲାମାନେ ଏହାକୁ ଦେଖି ଶିକ୍ଷକଙ୍କୁ ସୂଚନା ଦେଇଥିଲେ ।

ବିଦ୍ୟାଳୟର ଖେଳ ଶିକ୍ଷକଙ୍କୁ ବିରୋଧ କରି ଛାତ୍ର ଜଣକ ଧମକ ଦେଇଥିବା ଅଭିଯୋଗ ମଧ ଆସିଛି । ପୂର୍ବରୁ ମଧ ଏହି ଛାତ୍ର ବିଦ୍ୟାଳୟକୁ ଅନେକଥର ବନ୍ଧୁକ ଆଣିଥିବା ଅଭିଯୋଗ ଉଠିଥିବାରୁ ଘଟଣାର ଗୁରୁତ୍ୱ ଅଧିକ ବୃଦ୍ଧି ପାଇଛି । ଖେଳ ଶିକ୍ଷକ ବନ୍ଧୁକ ଜବତ କରିବା ପରେ ଛାତ୍ର ସ୍କୁଲ କର୍ତ୍ତୃପକ୍ଷଙ୍କୁ ମଧ ଧମକ ଦେଇଥିବା ସୂତ୍ରରୁ ଜଣାପଡ଼ିଛି । ଶିକ୍ଷା ବିଭାଗର ନିର୍ଦ୍ଦେଶରେ ଏତଲା ଦିଆଯିବା ପରେ ଘଟଣାସ୍ଥଳରେ ପୋଲିସ ପହଞ୍ଚିଛି । ଘଟଣା ପରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶରେ କୁଜାନଗରୀ ଥାନାରେ ଔପଚାରିକ ଏତଲା ଦାଖଲ ହେବାପରେ ପୋଲିସ ବିଦ୍ୟାଳୟରେ ପହଂଚିବା ସମୟରେ ଅଭିଯୁକ୍ତ ଛାତ୍ର ଖସି ପଳାଇବାକୁ ଚେଷ୍ଟା କରିଥିଲେ । ମାତ୍ର ପୋଲିସକୁ ଲୁଚକାଳୀ ଖେଳି ଅବଶେଷରେ ଛାତ୍ର ଜଣକ ନାକେଦମ କରି ଧରାପଡ଼ିଛି । ଏନେଇ ଅଭିଭାବକଙ୍କୁ ଖବର ଦିଆଯିବା ସହ ସ୍ୱଧାର ଆଶ୍ରୟ ସ୍ଥଳକୁ ଛାତ୍ରକୁ ପଠାଯିବ । ନିୟମାନୁସାରେ, ଏପରି ଗୁରୁତ୍ୱ ଆଚରଣ କରୁଥିବା ନାବାଳକଙ୍କୁ ସ୍ୱଧାର ଆଶ୍ରୟ ସ୍ଥଳକୁ ପଠାଇବା ପ୍ରକ୍ରିୟା ଆରମ୍ଭ ହୋଇଛି ।




ବନ୍ଧୁକ କେଉଁଠୁ ଆସିଲା ସେ ନେଇ ପୋଲିସ ତଦନ୍ତ ଆରମ୍ଭ କରିବା ସହ ବନ୍ଧୁକ ଏବଂ ଗୁଳି ଜବତ କରି ଏହାକୁ କିଏ ଦେଇଛି, କେଉଁଠୁ ଆସିଛି, ଏବଂ ପଛ ପଟର ଉଦ୍ଦେଶ୍ୟ କ'ଣ ସେ ନେଇ ତଦନ୍ତ ଆରମ୍ଭ କରିଛି । କେନ୍ଦ୍ରାପଡ଼ାରେ ଚୋରା ବନ୍ଧୁକ ଜାଲ ବ୍ୟାପିଥିବାବେଳେ କେନ୍ଦ୍ରାପଡ଼ା ଜିଲ୍ଲା ବିଭିନ୍ନ ଅଂଚଳରେ ଶତାଧିକ ଚୋରା ବନ୍ଧୁକ ଚାଲାଣ ହେଉଛି । ଜଣେ ଛାତ୍ରଙ୍କ ହାତରେ ଏପରି ବିପଜ୍ଜନକ ଅସ୍ତ୍ର ପହଂଚିଯିବା ଏହି ଚୋରା ବନ୍ଧୁକ ଜାଲର ଗଭୀରତାକୁ ଇଙ୍ଗିତ କରିଛି । ଜିଲ୍ଲାବାସୀଙ୍କ ମଧ୍ୟରେ ଅଶାନ୍ତି ଏହି ଘଟଣା ପରେ ଅଭିଭାବକଙ୍କ ମଧ୍ୟରେ ଭୟ ଓ ଅସନ୍ତୋଷ ବୃଦ୍ଧି ପାଇଛି । ବିଦ୍ୟାଳୟ ପରିସରରେ ଶିକ୍ଷା ପରିବେଶ ନିରାପଦ କରିବା ପାଇଁ ପୋଲିସ ଓ ଶିକ୍ଷା ବିଭାଗ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ଉଠିଛି । ତେବେ ମିଳିଥିବା ସୂଚନା ମୁତାବକ ସଂପୃକ୍ତଛାତ୍ରକୁ ସ୍ୱଧାର ଗୃହକୁ ପଠାଯିବା ସହ ଜବତ ହୋଇଥିବା ବନ୍ଧୁକକୁ ପୋଲିସ ପରୀକ୍ଷା ପାଇଁ ଫରେନସିକ ଲାବୋଟାରୀକୁ ପଠାଇଛି । ଏବଂ ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଚୋରା ବନ୍ଧୁକ କାରବାରର ମୂଳ ଖୋଜିବା ପାଇଁ ୨-୩ ଜାଗାରେ ଚଢ଼ାଉ କରାଯାଇ ଥିବା ସୂଚନା ମିଳିଛି ।

## ବର୍ଦ୍ଧିତ ଦରମା ନେବେନି ନବୀନ



**ଭୁବନେଶ୍ୱର, ୧୩।୧୨(ମହାଭାରତ):** ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁଣି ଥରେ ମହାନତା ଦେଖାଇଛନ୍ତି । ରାଜ୍ୟରେ ଥିବା ଗରିବଙ୍କ କଥା ଚିନ୍ତା କରିଛନ୍ତି । ଗରିବମାନଙ୍କୁ କିଛି ଆର୍ଥିକ ସହାୟତା ମିଳିଲେ ସେ ଖୁସି ହେବେ ବୋଲି ଚିନ୍ତା କରିଛନ୍ତି । ତେଣୁ ସେ ବର୍ଦ୍ଧିତ ଦରମା ନନେବାକୁ ନିଷ୍ପତ୍ତି ନେଇଛନ୍ତି । ବିଜୁ ଜନତା ଦଳ (ବିଜେଡି) ସଭାପତି ବର୍ଦ୍ଧିତ ଦରମା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିଛନ୍ତି । ନବୀନ ଚିଠିରେ ଲେଖିଛନ୍ତି ୨୫ ବର୍ଷ ହେଲା ଓଡ଼ିଶାବାସୀଙ୍କ ସ୍ନେହ, ଶ୍ରଦ୍ଧା, ସମର୍ଥନ ପାଇ ଆସୁଛି । ମୋ ପ୍ରତି ଓ ମୋ ବାପା ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତି ସ୍ନେହ ପାଇଁ ମୁଁ ଚିର ଋଣୀ । ୨୦୧୫ରେ ପୈତୃକ ସଂପତି କଟକ ସ୍ଥିତ ଆନନ୍ଦ ଭବନକୁ ମୋ ପରିବାର ଓଡ଼ିଶାବାସୀଙ୍କ ପାଇଁ ଉତ୍ସର୍ଗ କରିଥିଲେ । ତେଣୁ ବର୍ଦ୍ଧିତ ଦରମା ଗରିବଙ୍କ ପାଇଁ ବିନିଯୋଗ କରିବାକୁ ଅନୁରୋଧ କରୁଛି ।

## ୨,୦୦୦ ବିମାନ ଚଳାଇଲା ଇଣ୍ଡିଗୋ




**ଭୁବନେଶ୍ୱର, ୧୩।୧୨(ମହାଭାରତ):** ଦେଶର ସର୍ବବୃହତ ବିମାନ କମ୍ପାନୀ ଇଣ୍ଡିଗୋ, ଯାହା କାର୍ଯ୍ୟକ୍ଷମ ସଙ୍କଟ ସହିତ ଜଡ଼ିତ, ଶନିବାର ଦିନ ଲଗାତାର ଦ୍ୱିତୀୟ ଦିନ ପାଇଁ ୨,୦୦୦ ରୁ ଅଧିକ ବିମାନ ପରିଚାଳନା କରିଥିଲା । ଗତ ପାଂଚ ଦିନ ମଧ୍ୟରେ କାର୍ଯ୍ୟକ୍ଷମ ସ୍ୱାଭାବିକତା ଏବଂ ସ୍ଥିରତାକୁ ଉଦ୍ଧୃତ କରି ବିମାନ କମ୍ପାନୀ ଏହା କହିଛି । ଇଣ୍ଡିଗୋର ଜଣେ ମୁଖପାତ୍ର ଏକ ବିବୃତିରେ କହିଛନ୍ତି ଯେ ଏହା ସଂଶୋଧିତ ସମୟସୂଚୀ ଅନୁସାରେ ୨,୦୫୦ ରୁ ଅଧିକ ବିମାନ ପରିଚାଳନା କରିବାକୁ ପ୍ରସ୍ତୁତ, ଯାହା ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ହ୍ରାସ କରାଯାଇଛି । ମୁଖପାତ୍ର ଆହୁରି କହିଛନ୍ତି ଯେ ସମସ୍ତ ୧୩୮ କାର୍ଯ୍ୟକ୍ଷମ ଗନ୍ତବ୍ୟସ୍ଥଳ ସଂଯୁକ୍ତ, ଏବଂ ଆମର ସମୟାନୁସାରେ କାର୍ଯ୍ୟଦକ୍ଷତା ସ୍ଥିର ଭାବରେ ସ୍ୱାଭାବିକ ରହିଛି, ଇଣ୍ଡିଗୋ ମାନଦଣ୍ଡ ଅନୁଯାୟୀ । ଗତ ସପ୍ତାହରେ ଫ୍ଲାଇଟ୍ ଡ୍ୟୁଟି ସମୟ ସୀମା ନିୟମରେ ନୂତନ ସଂଶୋଧନ ସମେତ ଅନେକ କାର୍ଯ୍ୟକ୍ଷମ ସମସ୍ୟାର ସମ୍ମୁଖୀନ ହେବା ପରେ, ଯାହା ହଜାର ହଜାର ଉଡ଼ାଣ ବାତିଲ କରିଥିଲା, ସରକାରୀ ହସ୍ତକ୍ଷେପ ଯୋଗୁଁ ବଜେଟ୍ ବିମାନ କମ୍ପାନୀ ଇଣ୍ଡିଗୋର କାର୍ଯ୍ୟ ଏବେ ଧୀରେ ଧୀରେ ସ୍ୱାଭାବିକ ହୋଇଛି ।

## ବାମଗଡରେ ଫୁଟିଲା ପଦ୍ମ

**ଥିରୁଅନନ୍ତପୁରମ,୧୩।୧୨ (ଏଜେନ୍ସି):** ପୌର ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନଡିଏର ବଡ଼ ବିଜୟ । କେରଳରେ ଇତିହାସ ରିଚିଛି ବିଜେପି । ଥିରୁଅନନ୍ତପୁରମର କର୍ପୋରେସନରେ ଏକକ ସର୍ବବୃହତ ଦଳ ହୋଇ ପାରିଛି ଏନଡିଏ । ୧୦୧ରୁ ଏନଡିଏ ୫୦ ୱାର୍ଡରେ ଜିତି ଦୀର୍ଘ ୪୫ ବର୍ଷ ଧରି ଏଠାରେ ବାମପନ୍ଥୀ ମେଣ୍ଟର ଜାରି ରହିଥିବା ଦବଦବା ଉପରେ ପୂର୍ଣ୍ଣଚ୍ଛେଦ ଟାଣିଛି । ଶାସକ ଏଲଡିଏଫ କେବଳ ୨୯ଟି ଆସନରେ ଜିତିବାକୁ ସକ୍ଷମ ହୋଇଛି । ଏହାର ଅର୍ଥ ଥିରୁଅନନ୍ତପୁରମ କର୍ପୋରେସନ ବିଜେପି ଦଖଲକୁ ଯାଇଛି । କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ ୧୯ଟି ଆସନ ଜିତି ପାରିଛି । ୨ଟି ଆସନ ସ୍ୱାଧୀନ ପ୍ରାର୍ଥୀଙ୍କ ଖାତାକୁ ଯାଇଥିବା ବେଳେ ଗୋଟିଏ ୱାର୍ଡରେ ପ୍ରାର୍ଥୀଙ୍କ ବିୟୋଗ ଯୋଗୁ ଭୋଟିଂ ହୋଇ ନଥିଲା । ଏହି ବିଜୟର ରାଜନୀତିକ ଗୁରୁତ୍ୱ ମଧ ରହିଛି । କାରଣ ଥିରୁଅନନ୍ତପୁରମ ହେଉଛି କଂଗ୍ରେସ ଭେଟରାନ ତଥା ସାଂସଦ ଶଶି ଥରୁରଙ୍କ ଗଡ଼ । ହେଲେ ସେଠାରେ ବିଜେପି ଧସେଇ ପଶିବାରେ ସକ୍ଷମ ହୋଇଛି । ଖାଲି ସେତିକି ନୁହେଁ, ଏନଡିଏ ଶାସକ ଏଲଡିଏଫ ଠାରୁ ତ୍ରିପୁନିଥୁରା ମ୍ୟୁନିସପାଲଟୀ ମଧ ଛଡ଼ାଇ ଆଣିବାକୁ ସକ୍ଷମ ହୋଇଛି ।

# ଶୀତଳ ଭଣ୍ଡାର କୃଷି ଅଭିବୃଦ୍ଧି ପାଇଁ ସହାୟକ ହେବ

**ଭୁବନେଶ୍ୱର, ୧୩।୧୨(ମହାଭାରତ):** ଆପିକଲ, ଆସୋଚାମର ମିଳିତ ସହଯୋଗରେ, ଆଇଟିସି ୱେଲକମ ହୋଟେଲ ଠାରେ ଶୀତଳ ଭଣ୍ଡାର କନକ୍ଲେଭ ଏବଂ କ୍ରେତା-ବିକ୍ରେତା ସମ୍ମିଳନୀ ୨୦୨୫ ସଫଳତାର ସହିତ ଆୟୋଜନ ହୋଇଯାଇଛି, ଯାହା ନୀତି ନିର୍ଦ୍ଧାରକ, ଶିଳ୍ପ ନେତା, କୃଷି-ଉଦ୍ୟୋଗୀ, ଚାଷୀ ଗୋଷ୍ଠୀ, ଆର୍ଥିକ ପ୍ରତିଷ୍ଠାନ ଏବଂ ପ୍ରଯୁକ୍ତିବିଦ୍ୟା ପ୍ରଦାନକାରୀଙ୍କୁ ଏକତ୍ରିତ କରିଛି । ଏହା ଦ୍ୱାରା ଓଡ଼ିଶାର ଶୀତଳ ଭଣ୍ଡାର ଓ ଅମଳ ପରବର୍ତ୍ତୀ ଭିତିଭୂମିର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରାଯାଇପାରିବ । ଏହି କାର୍ଯ୍ୟକ୍ରମକୁ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ଉଦଘାଟନ କରିଥିଲେ । ପ୍ରଥମେ ପ୍ରଦର୍ଶନୀର ଆନୁଷ୍ଠାନିକ ଉଦଘାଟନ କରିଥିଲେ ଏବଂ ଓଡ଼ିଶାର ଉଦ୍ୟାନ-କୃଷି ସମ୍ଭାବନାକୁ ପ୍ରଦର୍ଶନ କରୁଥିବା ବିଭିନ୍ନ ଷ୍ଟଲ ପରିଦର୍ଶନ କରିଥିଲେ । ଉଦଘାଟନୀ ଅଧିବେଶନରେ ଶୀତଳ ଭଣ୍ଡାର ହିତାଧିକାରୀମାନଙ୍କୁ ଅନୁମୋଦନ ପତ୍ର ବଂଟନ ମଧ କରାଯାଇଥିଲା ।

ସମାବେଶକୁ ସମ୍ବୋଧିତ କରି ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଥିଲେ, "ରାଜ୍ୟ ସରକାର କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରରେ ନିବେଶ, ନବସୃଜନ ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ପାଇଁ ଏକ ସକ୍ଷମ ଇକୋସିଷ୍ଟମ ସୃଷ୍ଟି କରିବାକୁ ପ୍ରତିବଦ୍ଧ । ସ୍ଥାୟୀତ୍ୱ ଉପରେ ଗୁରୁତ୍ୱାରୋପ କରି ସେ ଘୋଷଣା କରିଥିଲେ ଯେ ସରକାର ଆର୍ଥିକ ବର୍ଷ ୨୦୨୯-୩୦ ସୁଦ୍ଧା ୫୮ଟି ସବ ଡିଭିଜନରେ ଶୀତଳ ଭଣ୍ଡାର ୟୁନିଟ୍ ପ୍ରତିଷ୍ଠା କରିବାକୁ ଏକ ମହତ୍ୱାକାଂକ୍ଷୀ ଲକ୍ଷ୍ୟ ରଖିଛନ୍ତି, ଯାହାର ପ୍ରସ୍ତାବିତ ବଜେଟ୍ ବ୍ୟୟ ୨୫୨ କୋଟି ।"

ସେ ଅଚଳ ଶୀତଳ ଭଣ୍ଡାର ୟୁନିଟ୍ ଗୁଡ଼ିକୁ ପୁନରୁଦ୍ଧାର କରିବା ଏବଂ ନୂତନ ପ୍ରକଳ୍ପଗୁଡ଼ିକର ଦୀର୍ଘକାଳୀନ କାର୍ଯ୍ୟକ୍ଷମତା ସୁନିଶ୍ଚିତ କରିବା ପାଇଁ ପୁଞ୍ଜି ନିବେଶ ସବସିଡି ଏବଂ ସୁଧ ପରିଶୋଧ ଭଳି ପ୍ରମୁଖ ନୀତିଗତ ହସ୍ତକ୍ଷେପ ଉପରେ ଆଲୋକପାତ କରିଥିଲେ । ବ୍ୟାଙ୍କ, ଶିଳ୍ପ ସଂଘ, ପ୍ରଯୁକ୍ତିବିଦ୍ୟା ପ୍ରଦାନକାରୀ ଏବଂ ବଡ଼ କ୍ରେତାଙ୍କୁ ଓଡ଼ିଶାର ଚାଷୀ ଏବଂ ଉଦ୍ୟୋଗୀମାନଙ୍କ ସହିତ ଘନିଷ୍ଠ ଭାବରେ ସହଭାଗୀ ହେବାକୁ ଆହ୍ୱାନ କରି, ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ଯେ କୃଷି କ୍ଷେତ୍ରର ପୂର୍ଣ୍ଣ ସମ୍ଭାବନାକୁ ଉନ୍ମୁକ୍ତ କରିବା ପାଇଁ ମୂଲ୍ୟ ଶୃଙ୍ଖଳରେ ଦୃଢ଼ ସହଯୋଗ ଜରୁରୀ ।

କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ ଅରବିନ୍ଦ କୁମାର ପାଢୀ, ବଜାର-କେନ୍ଦ୍ରିକ କୃଷି ଆଡକୁ ରାଜ୍ୟର ପରିବର୍ତ୍ତନ ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ଉଲ୍ଲେଖ କରିଥିଲେ ଯେ ଓଡ଼ିଶା ଗତ ୧୬-୧୭ ବର୍ଷ ଧରି ଏକ ଧାନ ଉତ୍ପାଦନରେ ବଳକା ରାଜ୍ୟ ହୋଇ ଆସିଛି, ୧୨ ରୁ ଅଧିକ ରାଜ୍ୟକୁ ଚାଉଳ ଯୋଗାଣ କରୁଛି ଏବଂ ଗତ କୃଷି ବର୍ଷରେ ସମାନ ପରିମାଣର ଉଦ୍ୟାନ କୃଷି ଉତ୍ପାଦ ସହିତ ପ୍ରାୟ ୧୫ ନିୟୁତ ଟନ୍ ଖାଦ୍ୟ ଶସ୍ୟ ଉତ୍ପାଦନ କରିଛି ।




ନୀତିଗତ ସଂସ୍କାର ଉପରେ ଆଲୋକପାତ କରି ସେ କହିଛନ୍ତି ଯେ ସରକାର ପରିବେଶ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଘରୋଇ ନିବେଶକୁ ଆକର୍ଷିତ କରିବା ପାଇଁ ଆକର୍ଷଣୀୟ ପ୍ରୋତ୍ସାହନ ସହିତ ଏକ ବ୍ୟାପକ କିନ୍ତୁ ସଂକ୍ଷିପ୍ତ ଶୀତଳ ଭଣ୍ଡାର ନୀତି ପ୍ରସ୍ତୁତ କରିଛନ୍ତି । ୧୫ ରୁ ଅଧିକ ପ୍ରସ୍ତାବ ପୂର୍ବରୁ ପ୍ରାପ୍ତ ହୋଇଛି ଏବଂ ବହୁ ନିବେଶକ ୟୁନିଟ୍ ସ୍ଥାପନ କରିଛନ୍ତି, ସେ ସରକାରଙ୍କ ମତକୁ ପୁନର୍ବାର ଦୋହରାଇଛନ୍ତି ଯେ ଏହା ଏକ ଅପରେଟର ପରିବର୍ତ୍ତେ ଏକ ସୁବିଧାକାରୀ ଭାବରେ କାର୍ଯ୍ୟ କରିବ, ଘରୋଇ ନିବେଶକଙ୍କୁ ଏହି କ୍ଷେତ୍ରର ନେତୃତ୍ୱ ନେବାକୁ ଆମନ୍ତ୍ରଣ କରୁଛି । ସେ ଅମଳ ପରବର୍ତ୍ତୀ କ୍ଷତି ହ୍ରାସ କରିବା ଏବଂ କୃଷକଙ୍କ ଆୟ ବୃଦ୍ଧି କରିବା ପାଇଁ ସହାୟକ ଶିଳ୍ପ, ଶକ୍ତି ଦକ୍ଷତା ଏବଂ କୃଷି-ବଜାରୀକରଣକୁ ଉତ୍ପାଦନ ସହିତ ସମନ୍ୱିତ କରିବାର ଆବଶ୍ୟକତା ଉପରେ ମଧ ଗୁରୁତ୍ୱାରୋପ କରିଥିଲେ ।

ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ୱାମନ, ଉଦ୍ୟାନ କୃଷି ନିର୍ଦ୍ଦେଶକ, ଉଲ୍ଲେଖ କରିଛନ୍ତି ଯେ କିପରି ଓଡ଼ିଶାରେ ଉଦ୍ୟାନ କୃଷି କ୍ଷେତ୍ର ଏହାର ଦୂରଦୃଷ୍ଟିପୂର୍ଣ୍ଣ ଶୀତଳ ସଂରକ୍ଷଣ ନୀତି ମାଧ୍ୟମରେ ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟରେ ପ୍ରବେଶ କରୁଛି ଏବଂ ଏକ ନିର୍ଭରଯୋଗ୍ୟ ଶୀତଳ ଭଣ୍ଡାର ଓ ଲଜିଷ୍ଟିକ୍ସ ନେଟୱାର୍କ ନିର୍ମାଣ କରି ଏହାର ଅମଳ ପରବର୍ତ୍ତୀ ପରିଚାଳନା ଇକୋସିଷ୍ଟମକୁ ସୁଦୃଢ଼ କରୁଛି । ଶିଳ୍ପ ଦୃଷ୍ଟିକୋଣରୁ କଥା ହୋଇ, ଆସୋଚାମ ଓଡ଼ିଶା (ଖଣି, ଇସ୍ପାତ ଏବଂ କୃଷି ପରିଷଦ)ର ଅଧ୍ୟକ୍ଷ ଏବଂ ଏସଏନଏମ ଗ୍ରୁପର ଏମଡି ଡକ୍ଟର ପ୍ରବୋଧ ମହାନ୍ତି କହିଛନ୍ତି ଯେ ଓଡ଼ିଶାରେ ଉତ୍ପାଦନ ବୃଦ୍ଧି, ପରବର୍ତ୍ତୀ ଅଭିବୃଦ୍ଧି, ଆଦି ଅମଳ ପରବର୍ତ୍ତୀ ଲଜିଷ୍ଟିକ୍ସ ଏବଂ ପ୍ରକ୍ରିୟାକରଣକୁ ଆଧୁନିକୀକରଣ କରିବା ଦ୍ୱାରା ସମ୍ଭବ ହେବ । ଆପିକଲର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଶୁଭ୍ରାଂଶୁ ମିଶ୍ର କହିଛନ୍ତି ଯେ ରାଜ୍ୟ ସରକାର ଏକ ଦୃଢ଼ ଏବଂ ସ୍ଥାୟୀ ଶୀତଳ ଭଣ୍ଡାର ଇକୋସିଷ୍ଟମ କଳ୍ପନା କରନ୍ତି । କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ ଅଧୀନରେ ନୂତନ ଯୋଜନା ସହିତ, ବନ୍ଦ ୟୁନିଟଗୁଡ଼ିକୁ ପୁନରୁଦ୍ଧାର କରିବା, ଯୋଜନା ଅବଧି ପରେ ସ୍ଥାୟୀତ୍ୱ ସୁନିଶ୍ଚିତ କରିବା ଏବଂ ଫସଲ ପରବର୍ତ୍ତୀ କ୍ଷତି ହ୍ରାସ କରିବା ଯାହା ଫଳରେ ଚାଷୀମାନଙ୍କର ଆୟ ବୃଦ୍ଧି ପାଇବ ଉପରେ ଧ୍ୟାନ ଦିଆଯାଇଛି ।

ଏହି କାର୍ଯ୍ୟକ୍ରମରେ ଓଡ଼ିଶାରେ ଯୋଗାଣ ଶୃଙ୍ଖଳକୁ ସୁଦୃଢ଼ କରିବା, ବଜାର ପ୍ରବେଶ, ଗ୍ରାମୀଣ ଉଦ୍ୟୋଗଗୁଡ଼ିକୁ ବ୍ରାଣ୍ଡିଂ ଏବଂ ଆର୍ଥିକ ସହାୟତା, ଶୀତଳ ଭଣ୍ଡାରରେ ବିନିଯୋଗ: ଓଡ଼ିଶାର ଶୀତଳ ଭଣ୍ଡାର ଶୃଙ୍ଖଳ ଏବଂ ବଜାର ସଂଯୋଗ ବିକାଶ କରିବା ଉପରେ ଅନ୍ୟାନ୍ୟ ପ୍ରମୁଖ ପ୍ୟାନେଲ ଆଲୋଚନା ହୋଇଛି ।

କ୍ରେତା-ବିକ୍ରେତା ବୈଠକ କନକ୍ଲେଭର ଏକ ପ୍ରମୁଖ ଆକର୍ଷଣ ଭାବରେ ଉଭା ହୋଇଥିଲା, ଯାହା ଓଡ଼ିଶାର ଉତ୍ପାଦକ, ଏଫପିଓ, ଏସ୍‌ଏଚଜି ଓ ଉଦ୍ୟୋଗୀଙ୍କୁ ଖୁଚୁରା, ରପ୍ତାନି ଏବଂ ଇ-କମର୍ସ କ୍ଷେତ୍ରର ଜାତୀୟ କ୍ରେତାଙ୍କ ସହିତ ସଂଯୋଗ କରିଥିଲା । ପ୍ରଦର୍ଶନୀରେ ଜିଆଇ-ଟ୍ୟାଗ୍ ହୋଇଥିବା କାଜୁ, ମହୁ, ମସଲା, ଛତୁ ଓ ବିଦେଶୀ ପନିପରିବା ସମେତ ବିଭିନ୍ନ ପ୍ରକାରର ସ୍ଥାନୀୟ ଏବଂ ମୂଲ୍ୟଯୁକ୍ତ ଉତ୍ପାଦ ପ୍ରଦର୍ଶିତ ହୋଇଥିଲା ।

# ପୂର୍ବ ଭାରତର ଉଦୟ ଦେଶର ଭବିଷ୍ୟତ ଗଢ଼ିବ

**ଭୁବନେଶ୍ୱର, ୧୩।୧୨(ମହାଭାରତ):** 'ବିକଶିତ ଭାରତ' ପାଇଁ 'ପୂର୍ବୋଦୟ' ହେଉଛି ଅଭିବୃଦ୍ଧିର ଇଞ୍ଜିନ । ଏହି ଆହ୍ୱାନ ମଧ୍ୟରେ ଥିବା ସମ୍ଭାବନାକୁ ବାସ୍ତବର ରୂପ ଦେବା ସହ ସୁଯୋଗର ସମ୍ପୂର୍ଣ୍ଣ ଲାଭ ନେବା ପାଇଁ ସମସ୍ତେ ମିଳିତ ଭାବେ ଆଗେଇ ଆସିବା ଦରକାର ବୋଲି ଆଜି ଭୁବନେଶ୍ୱର ଠାରେ 'ପୂର୍ବୋଦୟ ଦୃଷ୍ଟିକୋଣ – ୨୦୨୫' ଉପରେ ଆୟୋଜିତ ଆନ୍ତର୍ଜାତୀୟ ସମ୍ମିଳନୀର ତୃତୀୟ ସଂସ୍କରଣରେ ଭିଡ଼ିଓ ବାର୍ତ୍ତା ମାଧ୍ୟମରେ ସମ୍ବୋଧିତ କରି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ, ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ଏବଂ ଦ ଏନର୍ଜି ଫୋରମ୍ (ଟିଇଏଫ)ର ମିଳିତ ଉଦ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ କହିଛନ୍ତି, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ 'ପୂର୍ବୋଦୟ' ପରିକଳ୍ପନାକୁ ଆଗକୁ ନେବା ଦିଗରେ ଏଭଳି ଆୟୋଜନ ସ୍ୱାଗତଯୋଗ୍ୟ । ୨୦୧୬ ମସିହା ଫେବୃଆରୀ ୬ ତାରିଖରେ ଇଣ୍ଡିଆନ ପାରାଦୀପ ରିଫାଇନାରୀକୁ ଦେଶ ପାଇଁ ଉତ୍ସର୍ଗ କରିବା ସମୟରେ ପ୍ରଧାନମନ୍ତ୍ରୀ ପ୍ରଥମେ 'ପୂର୍ବୋଦୟ'ର ଆଧାରଶିଳା ରଖିଥିଲେ । କେନ୍ଦ୍ର ବଜେଟ୍ ୨୦୨୪ରେ ମଧ ଏହି ପୂର୍ବୋଦୟ ଯୋଜନାକୁ ଆଣି ଓଡ଼ିଶା, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ ଏବଂ ଆନ୍ଧ୍ରପ୍ରଦେଶକୁ ନେଇ ଗଠିତ ପୂର୍ବାଞ୍ଚଳର ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହି ପଦକ୍ଷେପର ମୁଖ୍ୟ ଲକ୍ଷ୍ୟ ହେଉଛି ଏହି ଅଞ୍ଚଳକୁ ବିକଶିତ ଭାରତର ଅଭିବୃଦ୍ଧି ଇଞ୍ଜିନ ଭାବରେ ରୂପାନ୍ତରିତ କରିବା ।

ପୂର୍ବୋଦୟର ପ୍ରବେଶପଥ ଏବଂ ଶକ୍ତି ନିରାପତ୍ତାଅଞ୍ଚଳର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଦର୍ଶାଇ ସେ କହିଛନ୍ତି ଯେ ପାରାଦୀପ, ଧାମରା ଏବଂ ଗୋପାଳପୁର ଭଳି ପ୍ରମୁଖ ବନ୍ଦର ଏବଂ ଖଣିଜ ଭିତ୍ତିକ ଶିଳ୍ପ ସହିତ ଓଡ଼ିଶା ଆଜି 'ପୂର୍ବୋଦୟର ପ୍ରବେଶପଥ' ଭାବରେ ଉଭା ହୋଇଛି । ସେ ଗୁରୁତ୍ୱାରୋପ କରିଛନ୍ତି ଯେ ବନ୍ଦର ଭିତ୍ତିକ ବିକାଶ ଏବଂ ବ୍ଲୁ ଇକୋନୋମି ହେଉଛି ଆମ ସରକାରଙ୍କ ପ୍ରମୁଖ ପ୍ରାଥମିକତା । ଅର୍ଥନୈତିକ କରିଡର କେବଳ ରାସ୍ତା ଓ ବନ୍ଦର ନୁହେଁ, ଏହା ଶକ୍ତି, ତଥ୍ୟ, ଆର୍ଥିକ ଏବଂ ବିଚାରର ପ୍ରବାହକୁ ମଧ ଦର୍ଶାଉଛି । ବର୍ତ୍ତମାନ ସମୟରେ ପୂର୍ବ ଭାରତ ଦ୍ରୁତ ଗତିରେ ଏକ ରଣନୈତିକ ଶକ୍ତି କରିଡର ଭାବରେ ଉଭା ହେଉଛି । ଆଜି ଭାରତରେ ୯,୩୦୦ କିଲୋମିଟରରୁ ଅଧିକ ପେଟ୍ରୋଲିୟମ ଏବଂ ଉତ୍ପାଦ ପାଇପଲାଇନ କାର୍ଯ୍ୟକ୍ଷମ ଅଛି । ଏହି ପାଇପଲାଇନଗୁଡ଼ିକ ପାରାଦୀପ, ଧାମରା, ହଳଦିଆ ଏବଂ ଭାଇଜାଗ ବନ୍ଦର ସହିତ ମିଶି ଅଶୋଧିତ ତୈଳ, ଏଲଏନଜି ଏବଂ ପେଟ୍ରୋକେମିକାଲ୍ ବାଣିଜ୍ୟ ପାଇଁ ଶକ୍ତିଶାଳୀ ପ୍ରବେଶପଥ ପାଲଟିଛନ୍ତି । ଏହି ସମନ୍ୱିତ ନେଟୱର୍କ ଶକ୍ତି ନିରାପତ୍ତାକୁ ମଜବୁତ କରିବା ସହ ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ କରୁଛି । ବିଶ୍ୱ ନିବେଶକମାନଙ୍କ ପାଇଁ ଏହି ଆକର୍ଷଣର କେନ୍ଦ୍ର ହୋଇଛି, ଯାହା ଭାରତର ପୂର୍ବ ଉପକୂଳ ଏବଂ ଦକ୍ଷିଣ ପୂର୍ବ ଏସିଆ ମଧ୍ୟରେ ଶକ୍ତି ଭାଗିଦାରୀ ପାଇଁ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ସୃଷ୍ଟି କରୁଛି ।



ଶ୍ରୀ ପ୍ରଧାନ ଆହୁରି କହିଛନ୍ତି, ସ୍ଥାୟୀତ୍ୱ ବା ସଷ୍ଟେନବିଲିଟି ହେଉଛି ଅନ୍ୟ ଏକ ପ୍ରମୁଖ ଧ୍ୟାନ କ୍ଷେତ୍ର । ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଆମ ସରକାର ସ୍ଥାୟୀତ୍ୱ ଏବଂ ଜଳବାୟୁ ପରିବର୍ତ୍ତନର ଚିନ୍ତାଧାରାକୁ ସମାଧାନ କରିବା ପାଇଁ ବ୍ୟାପକ ନୀତିଗତ ହସ୍ତକ୍ଷେପ କରିଛନ୍ତି । ଆଗାମୀ କାଲିର ସବୁଜତା ପାଇଁ ସ୍ୱଚ୍ଛ ଶକ୍ତି କେବଳ ଏକ ବିକଳ୍ପ ନୁହେଁ, ଏହା ହେଉଛି ଏକମାତ୍ର ଉପାୟ । ପୂର୍ବୋଦୟ କେବଳ ଅଭିବୃଦ୍ଧି ବିଷୟରେ ନୁହେଁ- ଏହା ସବୁଜ ଅଭିବୃଦ୍ଧି ବିଷୟରେ ମଧ । ଆମେ ଭବିଷ୍ୟତର ରୂପାନ୍ତର ପାଇଁ ପଥ ପ୍ରସ୍ତୁତ କରୁଛୁ, ଯାହା ସବୁଜ ହାଇଡ୍ରୋଜେନ୍, ଜୈବ ଇନ୍ଧନ, ସ୍ୱଳ୍ପ-କାର୍ବନ ରିଫାଇନିଂ ଏବଂ ସ୍ୱଚ୍ଛ ପେଟ୍ରୋକେମିକାଲ୍ସ ପୂର୍ବୋଦୟକୁ ସ୍ଥାୟୀ ବିକାଶ ସହିତ ସମନ୍ୱିତ କରୁଛି ।

ଯୁବ ସମ୍ବଳ ଉପରେ ଗୁରୁତ୍ୱାରୋପ କରି ଶ୍ରୀ ପ୍ରଧାନ କହିଛନ୍ତି, ଭାରତର ବିଶ୍ୱସ୍ତରୀୟ ପ୍ରତିଭା ପାଇଁ ଆମର ଯୁବଗୋଷ୍ଠୀ ଭାରତର ଭବିଷ୍ୟତ ଗଠନ କରିବାର ସାମର୍ଥ୍ୟ ରଖିଛନ୍ତି । ପୂର୍ବୋଦୟ ରାଜ୍ୟଗୁଡ଼ିକ ସମୃଦ୍ଧ ମାନବ ସମ୍ବଳ ପାଇଁ ଜଣାଶୁଣା । ଆମର ସମ୍ଭାବନାକୁ ଉପଯୋଗ କରିବା ପାଇଁ ଶିକ୍ଷା ଏବଂ ଦକ୍ଷତା ହେଉଛି ଦୁଇଟି ମୁଖ୍ୟ ସ୍ତମ୍ଭ । ଏହି ଅଞ୍ଚଳରେ ଆଇଆଇଟି, ଏନଆଇଟି, ଆଇଆଇଏମ୍, ଆଇଜର, ନାଇଜର ଭଳି ଅନୁଷ୍ଠାନଗୁଡ଼ିକ ଅନ୍ୟାନ୍ୟ ଜାତୀୟ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ଅଛି । ଏହି ଅନୁଷ୍ଠାନଗୁଡ଼ିକ ଉଚ୍ଚ ଗୁଣବତ୍ତା ସମ୍ପନ୍ନ ମାନବ ସମ୍ବଳ ସୃଷ୍ଟି କରୁଛନ୍ତି, ଯାହା ଦେଶ ଗଠନରେ ଅବଦାନ ଦେଉଛି । ନିକଟରେ ଓଡ଼ିଶା ସରକାର ଏବଂ ଗ୍ଲୋବାଲ୍ ଫାଇନାନ୍ସିଆଲ୍ ଟେକ୍ନୋଲୋଜି ନେଟୱର୍କ, ସିଙ୍ଗାପୁର ମଧ୍ୟରେ ସାମ୍ପ୍ରତିକ ସହଯୋଗ ଦେଶର ଯୁବବର୍ଗଙ୍କ ପାଇଁ ନୂଆ ସୁଯୋଗ ଆଣିଦେଇଛି ।

ଏହି ସମ୍ମିଳନୀକୁ ଭବିଷ୍ୟତ ପାଇଁ ଆଗାମୀ ପଥ ଉପରେ ଚିନ୍ତା କରିବାକୁ ପଡିବ । ଆମ ଯୁବକମାନଙ୍କୁ କିପରି ଭବିଷ୍ୟତ ପାଇଁ ପ୍ରସ୍ତୁତ କରାଯିବ ? ଏହି ସମ୍ବଳ-ସମୃଦ୍ଧ ଅଞ୍ଚଳର ସମ୍ଭାବନାକୁ କିପରି ଉପଯୋଗ କରାଯାଇପାରିବ ? ଅଞ୍ଚଳର ବିକାଶରେ ଘରୋଇ କ୍ଷେତ୍ରକୁ କିପରି ଅଧିକ ସକ୍ରିୟ ଭାବରେ ଜଡିତ କରାଯାଇପାରିବ ? ଉପରେ ଆଲୋକପାତ କରିଛନ୍ତି ଶ୍ରୀ ପ୍ରଧାନ । ଶେଷରେ, ଏହି ଆନ୍ତର୍ଜାତୀୟ ସମ୍ମିଳନୀକୁ ସଫଳତାର ସହ ଆୟୋଜନ କରିଥିବାରୁ ଶ୍ରୀ ପ୍ରଧାନ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ, ଟିଇଏଫ ଏବଂ ସିଆଇଆଇକୁ ପ୍ରଶଂସା କରିଛନ୍ତି ।

## ଆଳୁ ଚାର୍ଟ

ଆବଶ୍ୟକ ସମାଗ୍ରୀ: କିଛି ଆଳୁ , ଗରମ ମସଲା ପାଉଡ଼ର , ଜିରା ପାଉଡ଼ର, ଛଣା ସେଉ, ବେଦେନା ଦାନା କିଛି , କଟା ହୋଇଥିବା ଆପଲ। ଚଟନି ପାଇଁ କଞ୍ଚା ଧନିଆ ଅଦା , କଞ୍ଚା ,ଲଙ୍କା , ଲୁଣ ,ଚିନି , ଲେମ୍ବୁ ରସ , ବାଦାମ।

ପ୍ରସ୍ତୁତି ପ୍ରଣାଳୀ: ଆଳୁକୁ ପ୍ରଥମେ ସିଝାଇ ଦେବେ। ଆଳୁ ଥଣ୍ଡା ହେବା ଭିତରେ ଚଟନୀ ପ୍ରସ୍ତୁତ କରି ନିଅନ୍ତୁ। ଚଟନି ପାଇଁ କଞ୍ଚା ଧନିଆ , ଅଦା , କଞ୍ଚା ଲଙ୍କା, ଲୁଣ ଚିନି , ଲେମ୍ବୁ ରସ ଓ କିଛି ବାଦାମକୁ ଗ୍ରାଇମଣ୍ଡରେ ରଖନ୍ତୁ। ଅଳ୍ପ ପାଣି ଦେଇ ଭଲ ଭାବେ ଗ୍ରାଇଣ୍ଡିଂ କରି ଦିଅନ୍ତୁ।

ଏବେ ପ୍ୟାନରେ ତେଲ ପକାଇ ଗରମ କରନ୍ତୁ। ତେଲ ଗରମ ହୋଇଗଲା ପରେ ଜିରା ପକାନ୍ତୁ। ଜିରା ଫୁଟିବା ପରେ ଏଥିରେ ଆଳୁ , ଲୁଣ ପକାଇ ଭାଜନ୍ତୁ। ଆଳୁ ଅଳ୍ପ ନାଲି ହୋଇଗଲା ପରେ ଏଥିରେ ଜିରା ପାଉଡ଼ର ପକାଇ ଗୋଳାନ୍ତୁ। ଏବେ ଗ୍ୟାସ ବନ୍ଦ କରି ଦିଅନ୍ତୁ। ଆଳୁ ଅଳ୍ପ ଥଣ୍ଡା ହୋଇଗଲା ପରେ ଏଥିରେ ଚଟନୀ ପକାଇ ଗୋଳାଇ ଦିଅନ୍ତୁ। ଏଥିରେ ଚାହିଁଲେ ଚାର୍ଟ ମସଲା ବି ପକାଇ ପାରିବେ। ବେଦୋ ନାନା , କଟା ଯାଇଥିବା ଆପଲ ଓ କିଛି ଛଣା ସେଉ ପକାଇ ପରସନ୍ତୁ। ପରସିବା ବେଳେ ଏହା ଉପରେ ଅଳ୍ପ ଲେମ୍ବୁରସ ପକାଇ ପାରନ୍ତି।



**ଖବର**

## ଜାନୁଆରି ୧୬ରେ 'ଚକ୍ରାନ୍ତ'




ସେରଭ ପାଢ଼ୀଙ୍କ ପ୍ରଯୋଜିତ ତଥା ପିନୁ ନାୟକଙ୍କ ନିର୍ଦ୍ଦେଶିତ ଓଡ଼ିଆ ଚଳଚ୍ଚିତ୍ର 'ଚକ୍ରାନ୍ତ' ୨୦୨୬ ଜାନୁଆରି ୧୬ ତାରିଖରେ ମୁକ୍ତିଲାଭ କରିବ ବୋଲି ଜଣାଯାଇଛି। ଏଥିରେ ପ୍ରଥମ ଥର ଲାଗି ମଣ୍ଟୁ-ଭୂମିକାଙ୍କ ଯୋଡ଼ିକୁ ଦର୍ଶକ ଦେଖିବାକୁ ପାଇବେ। ହରିହର ମହାପାତ୍ର, ଚୌଧୁରୀ ଜୟପ୍ରକାଶ ଦାସ, ପ୍ରଦ୍ୟୁମ୍ନ ଲେଙ୍କା, ଧରିତ୍ରୀ ଖଣ୍ଡୁଆଳ, ସୁରଭି, ସୌମ୍ୟ ଶତପଥୀ, ଶୁଭମ୍ ପାଢ଼ୀ, ସୁମନ ମହାନ୍ତି, କୁସୁମ ତ୍ରିପାଠୀ, ପ୍ରମୋଦ, ତୁଷାର, ଉମାକାନ୍ତ, ନିରଞ୍ଜନ ନିରୁଆ ଓ କୃଷ୍ଣାରାଣୀ ଦାଶ ପ୍ରମୁଖ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଛନ୍ତି। 'ଚକ୍ରାନ୍ତ'ର କାହାଣୀ ଦିଶା ପାଢ଼ୀ ଲେଖିଥିବା ବେଳେ ପୁଣ୍ୟତୋୟା ମିଶ୍ର ଏହାର ସହ-ପ୍ରଯୋଜନା କରିଛନ୍ତି। ଡକ୍ଟର ନିର୍ମଳ ନାୟକ ଓ ଡକ୍ଟର ରଘୁନାଥ ସାହୁଙ୍କ ଗୀତକୁ ସ୍ୱରରେ ସଜାଇଛନ୍ତି ଅଭିଜିତ ମଜୁମଦାର। ଅମିତ ନାୟକ ଓ କବୀର ନୃତ୍ୟ ନିର୍ଦ୍ଦେଶନା ଦେଇଥିବା ବେଳେ ସିନେମାଟୋଗ୍ରାଫି କରିଛନ୍ତି ସୁଦର୍ଶନ ସେନାପତି। ଏହାର ବିତରଣ ଦାୟିତ୍ୱ ବହନ କରିଛନ୍ତି ପ୍ରକାଶ ଫିଲ୍ମସ।

## ଆଲମଣ୍ଡ ଖାଇଲେ ହୃତପିଣ୍ଡ ସୁସ୍ଥ ହୁଏ



ହୃଦୟ ରୋଗ ଏବଂ ତାହାର ଉପଚାର କିପରି କରାଯାଇ ପାରିବ ଏହାର ସମାଧାନ ନିମନ୍ତେ ପ୍ରତି ବର୍ଷ ସେପ୍ଟେମ୍ବର ୨୯ରେ ବିଶ୍ୱ ହୃଦୟ ଦିବସର ପାଳନ କରାଯାଇଥାଏ। ବର୍ତ୍ତମାନ ସମୟରେ ହୃଦ୍ ରୋଗ ପ୍ରତ୍ୟେକ ଭାରତୀୟଙ୍କ ମୁଖ୍ୟ ସମସ୍ୟା ରୂପେ ଜଣାଯାଇଛି ଦୈନନ୍ଦିନ ଜୀବନ ଆହାର ଓ ପରିବର୍ତ୍ତନ ଶିଳ ଜୀବନ ଶୈଳୀ ଏହାର ମୂଖ୍ୟ କାରଣ। ଆପଣ ଏବଂ ଆପଣଙ୍କ ପରିବାରର ସଦସ୍ୟ ନିଜ ଦୈନନ୍ଦିନ ଆହାରରେ ଏକ ମୁଠା ଆଲମଣ୍ଡ ସେବନ କରି ଏକ ସୁସ୍ଥ ହୃଦୟର ଆରମ୍ଭ କରନ୍ତୁ। ଶୀଲା କୃଷ୍ଣସ୍ୱାମୀ, ପୋଷଣ ଏବଂ କଲ୍ୟାଣ ପରାମର୍ଶଦାତା କହିଛନ୍ତି ଯେ, ନ୍ତସ୍ୱାସ୍ଥ୍ୟ ହିଁ ସମ୍ପଦ, ନିଜ ହୃଦୟରେ ସନ୍ତୁଳନ ରଖିବା ନିମନ୍ତେ ଆଲମଣ୍ଡର ମୁଖ୍ୟ ଭୂମିକା ରହିଛି। ୨୦୧୫ର ଏକ ଅଧ୍ୟୟନ ଦର୍ଶାଇଥିଲା ଯେ ଜଳଖିଆରେ ଦୈନନ୍ଦିନ ୪୨ ଗ୍ରାମର ଆଲମଣ୍ଡ ସେବନ ହୃଦ ରୋଗର ସଙ୍କଟ ଦୂର କରିଥାଏ। ପରିପୂର୍ଣ୍ଣତାର ଅନୁଭବକୁ ପ୍ରୋତ୍ସାହିତ କରୁଥିବା ଏବଂ ଓଜନ ପରିଚାଳନାରେ ମଧ୍ୟ ସାହାଯ୍ୟ କରୁଥିବା ଆଲମଣ୍ଡ ପ୍ରୋଟିନ୍ ଏବଂ ଫାଇବର'ର ଭଲ ଉତ୍ସ ହୋଇଥିବାରୁ ତାହା ଏକ ଭଲ ବିକଳ୍ପ ଅଟେ।

## ଘର କିମ୍ୱା ଅଫିସ୍‌ରେ କିପରି ରଖିବେ ମାଛ ଆକ୍ୱାରିୟମ



ଘର କିମ୍ୱା ଅଫିସରେ ଏପରି ରଖନ୍ତୁ ମାଛ ଆକ୍ୱାରିୟମ୍ ଘରେ କିମ୍ୱା ଅଫିସରେ ମାଛ ଆକ୍ୱାରିୟମ୍ ରଖିବା ସମୟରେ କିଛି କଥା ପ୍ରତି ଧ୍ୟାନ ରଖିବା ଉଚିତ। ଏହାକୁ ଯଦି ଠିକ୍ ସ୍ଥାନ ଏବଂ ଦିଗରେ ରଖାଯିବ ତେବେ ଏହା ପରିବାର ଲୋକଙ୍କ ଖୁସିର କାରଣ ହୋଇପାରେ। ଆକ୍ୱାରିୟମ୍ ଭିତରେ ବୋହୁଥିବା ପାଣିର ଶବ୍ଦ ଘରେ ସକରାତ୍ମକ ଶକ୍ତିର ପ୍ରବାହ ଏବଂ ଖୁସିକୁ ମଧ୍ୟ ବଢ଼ାଇଥାଏ। ଆକ୍ୱାରିୟମକୁ ପୂର୍ବ,ଉତ୍ତର ଏବଂ ପୂର୍ବ-ଉତ୍ତର ଦିଗରେ ରଖିବା ଶୁଭ ହୋଇଥାଏ। ଘରର ଉତ୍ତର ଭାଗ କ୍ୟାରିୟରର ପ୍ରତିନିଧିତ୍ୱ କରିଥାଏ ଏବଂ ପୂର୍ବ ଭାଗ ସୁଖକୁ ଦର୍ଶାଇଥାଏ। ଦାମ୍ପତ୍ୟ ଜୀବନରେ ପାରସ୍ପରିକ ପ୍ରେମ ବଜାୟ ରଖିବା ପାଇଁ ଏହାକୁ ମୁଖ୍ୟ ଦ୍ୱାରର ବାମ ପାର୍ଶ୍ୱରେ ରଖିବା ଉଚିତ। ତେଣୁ ଏହାକୁ ଡାହାଣ ପାର୍ଶ୍ୱରେ ରଖିବା ଦ୍ୱାରା ଘରର ପୁରୁଷଙ୍କ ମନ ଚଞ୍ଚଳ ହୋଇଥାଏ।

ମାଛ ଆକ୍ୱରିୟମକୁ ରୋଷେଇ ଘର କିମ୍ୱା ବେଡରୁମରେ ରଖିବା ଅନୁଚିତ। ଏହି ସ୍ଥାନରେ ଆକ୍ୱରିୟମ୍ ରଖିବା ଦ୍ୱାରା ନାକାରାତ୍ମକ ଶକ୍ତି ବ୍ୟାପିଥାଏ। ଆକ୍ୱାରିୟମ୍ ଭିତରେ ସମସ୍ତ ୫ଟି ତତ୍ତ୍ୱ ସନ୍ତୁଳନ ସହ ରହିଛି। ଯେତେବେଳେ ଏହି ୫ଟି ତତ୍ତ୍ୱ ପରସ୍ପର ସହ ମିଶିଥାଏ ତେବେ ଏହି ଶକ୍ତିକୁ ପ୍ରବାହିତ କରିଥାଏ।

ଆକ୍ୱାରିୟମ୍ ଭିତରେ ଏକ କଳା ମାଛ ଏବଂ ୮-୯ଟି ନାରଙ୍ଗୀ ମାଛ ରହିବା ଉଚିତ।

ଆକ୍ୱାରିୟମର କୌଣସି ମାଛ ମରିଯାଇଥିଲେ ଏହାକୁ ଶୀଘ୍ର ହଟାଇ ତାହା ସ୍ଥାନରେ ନୂଆ ମାଛକୁ ଫିଶ ଟ୍ୟାଙ୍କରେ ପକାନ୍ତୁ।

## ଖୁବ ସ୍ୱତନ୍ତ୍ର ବାବା ଝାଡେଶ୍ୱରଙ୍କ ମହିମା, ଜାଣନ୍ତୁ ଏହାର ଇତିହାସ



ବାବା ଝାଡେଶ୍ୱର । ଦେବଗଡ ସହରବାସୀଙ୍କ ଆରାଧ୍ୟ ଠାକୁର ।ଇତିହାସରୁ ମିଳିଥିବା ତଥ୍ୟ ଅନୁସାରେ ବାମଣ୍ଡାର ଦଶମ ରାଜା ରାମଚନ୍ଦ୍ର ଦେବ ଏକଦା ଶିକାର ଉଦ୍ଦେଶ୍ୟରେ ଆମ୍ବୁଲପାଣି ଜଙ୍ଗଲକୁ ଯାଇଥିଲେ । ଶିକାର କରିବା ଉଦ୍ଦେଶ୍ୟରେ ବୁଲିଲା ବେଳେ ଦେଖିଲେ ଗୋଟିଏ ମାଳତୀଲତା ମୂଳରେ ଧବଳ ଡିମ୍ବାକୃତି ଶିଳାର ମସ୍ତକରେ ଏକ ନାଗସାପ ଫେଣା ଟେକି ରହିଛି । ସାପକୁ ରାଜା ବନ୍ଧୁକ ଉଠାଇ ଗୁଳି କରିଥିଲେ ।କିନ୍ତୁ ଲକ୍ଷ୍ୟ ଭ୍ରଷ୍ଟ ହୋଇ ଗୁଳି ପଥରରେ ବାଜିବାରୁ ବୋହି ଚାଲିଲା ରକ୍ତଧାର । ଏହା ଦେଖି ରାଜା ଭୟଭୀତ ହୋଇପଡିଲେ। ଜାଣିଲେ ରକ୍ତ ବୋହୁଥିବା ପଥର ହିଁ ଶିବଲିଙ୍ଗ ।ସାଷ୍ଟାଙ୍ଗ ପ୍ରଣିପାତ ହେଲେ । ଦୋଷ ମାର୍ଜନା କରିବାକୁ ମହାଦେବଙ୍କୁ ପ୍ରାର୍ଥନା କଲେ। ଝାଡ଼ ମଧ୍ୟରୁ ଆର୍ବିଭାବ ହୋଇଥିବାରୁ ଝାଡେଶ୍ୱର ବାବା ନାମରେ ଝାଡ ମଧ୍ୟରେ ପୂଜାପାଇ ଆସୁଥିଲେ ମହାଦେବ ।ବାମଣ୍ଡାର ୨୪ତମ ରାଜା ବାଳୁଙ୍କା ବୃଷଭ ଦେବଙ୍କ ୫ ପୁତ୍ର ମଧ୍ୟରୁ ଦେବଦୁଲ୍ଲଭ ଦେବ ବାବା ଝାଡେଶ୍ୱରଙ୍କ ପାଇଁ ୧୮୫୪ରେ ଭବ୍ୟ ମନ୍ଦିର ନିର୍ମାଣ କରାଇଥିଲେ । ଯାହା ଆଜି ମଧ୍ୟ ବିଦ୍ୟମାନ । ସମୟ କ୍ରମେ ମନ୍ଦିରର ବିକାଶ ପାଇଁ ଉଦ୍ୟମ ଜାରି ରହିଛି । ବାବାଙ୍କ ମୁଖ୍ୟପର୍ବ ଶିବରାତ୍ରୀ, କାର୍ତ୍ତିକ ପୂର୍ଣ୍ଣମୀ ଓ ଧବଳେଶ୍ୱର ପୂଜା । ପ୍ରତିଦିନ ପ୍ରତ୍ୟୁଷରେ ମନ୍ଦିର ଖୋଲାଯାଇ ନୀତିକାନ୍ତି ସରିବା ପରେ ସକାଳ ସାଢେ ୬ଟାରେ ଭକ୍ତମାନେ ବାବାଙ୍କୁ ଦର୍ଶନ ପାଇଁ ସୁଯୋଗ ପାଇଥାନ୍ତି ।ଭକ୍ତଙ୍କ ମନସ୍କାମନା ବାବା ପୂର୍ଣ୍ଣ କରୁଥିବା ଭକ୍ତଙ୍କ ରହିଛି ବିଶ୍ୱାସ । ଏହି ଏତିହ୍ୟ ଭରା ଦେବଦୁର୍ଗ ଝାଡେଶ୍ୱର ବାବାଙ୍କ ନିକଟରେ ପହଞ୍ଚିବାକୁ ହେଲେ ଦେବଗଡ ସହର ଠାରୁ ୪ କିଲୋମିଟର ଯିବାକୁ ପଡିବ । ଟ୍ରେନରେ ଆସିଲେ ସମ୍ବଲପୁରରୁ ୯୦ କିଲୋମିଟର, ଝାରସୁଗୁଡ଼ାରୁ ୧୦୦ କିଲୋମିଟର ଓ ରାଉରକେଲାରୁ ୧୩୦ କିଲୋମିଟର ଦୂରରେ ରହିଛି ବାବାଙ୍କ ପୀଠ।

## ବାବା ପଞ୍ଚାନନଙ୍କ ମାହାତ୍ମ୍ୟ ଅପାର, ଭକ୍ତର ସବୁ ମାନସିକ ପୂରଣ କରନ୍ତି ବାବା

ଋଷିକୁଲ୍ୟା ନଦୀତଟରେ ପୂଜା ପାଉଛନ୍ତି ବାବା ପଞ୍ଚାନନ । ଗଞ୍ଜାମ ଜିଲ୍ଲା ସୋରଡ଼ାରେ ବସତି ସ୍ଥାପନ ପୂର୍ବରୁ ବାବା ପଞ୍ଚାନନ ପୂଜା ପାଇଆସୁଛନ୍ତି । ୫ଟି ବାଲୁକାରେ ସ୍ଥାପିତ ଲିଙ୍ଗ ମନ୍ଦିରର ଭର୍ଗଗୃହରେ



ଶୋଭାପାଉଛନ୍ତି । ତ୍ରେତୟା ଯୁଗରେ ପ୍ରଭୁ ରାମଚନ୍ଦ୍ର ଋଷିକୁଲ୍ୟା ନଦୀତଟ ଦେଇ ଦଣ୍ଡକାରଣ୍ୟ ଯାଇଥିଲେ। ଏହି ପବିତ୍ର ପଞ୍ଚାନନ ପୀଠ ଠାରୁ ଆରମ୍ଭ ହୋଇଛି ଦଣ୍ଡକାରଣ୍ୟ । ଋଷି କର୍ଦ୍ଦମ ଓ ଦେବହୂତିଙ୍କ ଅପାର କୃପାରୁ ଋଷିମାଳ ପର୍ବତରୁ ସୃଷ୍ଟ ଋଷିକୁଲ୍ୟା ନଦୀରୁ ବାଲୁକା ଆଣି ଲିଙ୍ଗ ସ୍ଥାପନ କରି ପ୍ରତିଷ୍ଠା କରିଥିଲେ ଯପ୍ରଭୁ ଶ୍ରୀରାମଙ୍କ ପୂଜା ଆରାଧନାରେ ସନ୍ତୁଷ୍ଟ ହୋଇ ପ୍ରଭୁ ଶିବଶଙ୍କର ଓ ମାତା ପାର୍ବତୀ ଆର୍ବିଭିତ ହୋଇଥିଲେ । ଏହି ସ୍ଥାନରେ ପ୍ରଭୁ ରାମଚନ୍ଦ୍ର, ମାତା ଜାନକୀ, ପ୍ରଭୁ ଆଶୁତୋଷ ଓ ମାତା ପାର୍ବତୀଙ୍କ ମହା ମିଳନ ହୋଇଥିଲା ।କାଳକ୍ରମେ ଏହି ପୀଠ ନଦୀବାଲିରେ ପୋତି ହୋଇଯାଇଥିଲା। ନଳବଂଶ ରାଜା ନରେନ୍ଦ୍ର ଧବଳଙ୍କୁ ସ୍ୱପ୍ନାଦେଶ ହେବାରୁ ୯୩୫ ଖ୍ରୀଷ୍ଟାବ୍ଦରୁ ୯୬୨ ମଧ୍ୟରେ ମନ୍ଦିର ପ୍ରତିଷ୍ଠା କରାଯାଇଥିଲା । ଅବଧୂତ ଋଷିଙ୍କ ପ୍ରଚେଷ୍ଟାରେ ସେହି ୫ଲିଙ୍ଗଙ୍କୁ ଉଦ୍ଧାର କରାଯାଇ ମନ୍ଦିର ସ୍ଥାପନ କରାଯାଇଥିଲା ।ପରେ ଜନବସତି ଗଢି ଉଠିବାରୁ ଠାକୁରଙ୍କ ମହିମା ଦିନକୁ ଦିନ ବଢି ଚାଲିଲା। ପଞ୍ଚାନନ ପୀଠରେ ସବୁ ସମୟରେ ଭକ୍ତଙ୍କ ଗହଳି ଲାଗିରହୁଥିଲେ ମଧ୍ୟ ଜାଗରରେ ହଜାର ହଜାର ଭକ୍ତ ଦୀପ ଜାଳି ଉଜାଗର ରହିଥାନ୍ତି । ଶ୍ରାବଣରେ ଦୂର ଦୂରାନ୍ତରୁ ଆସୁଥିବା ଭକ୍ତମାନେ ବାବାଙ୍କୁ ଜଳାଭିଷେକ କରିଥାନ୍ତି । କାର୍ତ୍ତିକ ସୋମବାର, ବୈଶାଖ ଓ ମାଘରେ ମଧ୍ୟ ଭକ୍ତଙ୍କ ଭିଡ଼ ଜମିଥାଏ । ମନ୍ଦିର ପରିସର ଅତି ସୁନ୍ଦର ।ଭକ୍ତଙ୍କ ପାଇଁ କଲ୍ୟାଣୀ ମଣ୍ଡପ, ସ୍ୱତନ୍ତ୍ର ଗୃହ, ପାନୀୟ ଜଳ, ଶୌଚଳୟ, ରୋଷେଇ ଗୃହ ପ୍ରଭୃତି ରହିଛି ।ଏହି ପୀଠକୁ ଆସିବାକୁ ହେଲେ ବ୍ରହ୍ମପୁର ଠାରୁ ୭୫ କିଲୋମିଟର ଆସିକା ଦେଇ ସୋରଡା ଆସିବାକୁ ପଡିବ । ସୋରଡା ଠାରୁ ମାତ୍ର ଏକ କିଲୋମିଟର ଓ ଭଞ୍ଜନଗର ଠାରୁ ମାତ୍ର ୩୦ କିଲୋମିଟର ଦୂରରେ ରହିଛି ଏହି ପ୍ରାଚୀନ ପୀଠ। ଏହି ଶୈବ ପୀଠର ମହାତ୍ମ୍ୟ ଅପାର ୟ ପ୍ରତ୍ୟକ ସମୟରେ ଭକ୍ତଙ୍କ ଦୁଖ ଶୁଣିଥାନ୍ତି ବାବା ପଞ୍ଚାନନ । ବାବାଙ୍କ ମହିମା ଯୋଗୁ ଜିଲ୍ଲା ତଥା ଜିଲ୍ଲା ବାହାରୁ ବହୁ ଭକ୍ତ ଆସିଥାନ୍ତି ଏଠାକୁ । ପ୍ରତେକ ମୁହୂର୍ତ୍ତରେ ପ୍ରଭୁ ଡାକ ଶୁଣନ୍ତି ଭକ୍ତମାନଙ୍କର । ଯାହାର ଅନେକ ଉଦାହରଣ ରହିଛି । ବହୁ ଭକ୍ତ ଏଠାକୁ ଆସି ଠାକୁରଙ୍କ ପାଖରେ ଅଧିଆ ମଧ୍ୟ ପଡ଼ିଥାନ୍ତି । ବାବାଙ୍କ ମହିମା ଏତେ ଅପାର ଯେ ବହୁ ଭକ୍ତ ଠାକୁରଙ୍କ ପାଖରେ ଆସି ମାନସିକ କରିଥାନ୍ତି ଆଉ ସମସ୍ତଙ୍କ ମାନସିକ ପୂରଣ ମଧ୍ୟ ହୁଏ ।

# ଅଧିକାର ସୁରକ୍ଷିତ ହେଲେ ସମାଜ ସମୃଦ୍ଧ ହୁଏ

**ଭୁବନେଶ୍ୱର,୧୩।୧୨ (ମହାଭାରତ):** ଅଧିକାର ସୁରକ୍ଷିତ ହେଲେ ସାମାଜ ସୁଦୃଢ଼ ହୁଏ ବୋଲି ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି କହିଛନ୍ତି । ବୁଧବାର ଦିନ ଓଡ଼ିଶା ମାନବିକ ଅଧିକାର ଆୟୋଗ ଆନୁକୂଲ୍ୟରେ ସମ୍ବଲପୁରଠାରେ ଆୟୋଜିତ ବିଶ୍ୱ ମାନବାଧିକାର ଦିବସ ପାଳନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହା କହିବା ସହିତ ମାନବାଧିକାରକୁ ବଜାୟ ରଖିବା ପାଇଁ ସାମୂହିକ ପ୍ରତିବଦ୍ଧତା ପାଇଁ ଆହ୍ୱାନ ଜଣାଇଛନ୍ତି । ଏହି ସମାରୋହରେ ଉଦବୋଧନ ଦେଇ ଅଧିକାରଗୁଡ଼ିକ କେବଳ ଆଇନ ମାଧ୍ୟମରେ ନୁହେଁ ବରଂ ନାଗରିକ, ଅନୁଷ୍ଠାନ ଏବଂ ଗୋଷ୍ଠୀମାନଙ୍କର ସକ୍ରିୟ ଅଂଶଗ୍ରହଣ ମାଧ୍ୟମରେ ବିକଶିତ ହେବା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଛନ୍ତି। ନିଜ ଉଦବୋଧନରେ ରାଜ୍ୟପାଳ କହିଛନ୍ତି ଯେ ବିଶ୍ୱ ମାନବାଧିକାର ଦିବସ ଏକ ସ୍ମରଣକାରୀ ଦିବସ ଭାବରେ କାର୍ଯ୍ୟ କରେ ଯାହା ସମସ୍ତଙ୍କ ପାଇଁ ନ୍ୟାୟ ଉପଲବ୍ଧ କରାଇବା, ସମାଜରେ ଭେଦଭାବର କୌଣସି ସ୍ଥାନ ନ ରହିବା ଏବଂ ପ୍ରତ୍ୟେକ ବ୍ୟକ୍ତିକୁ ସମ୍ମାନର ସହିତ ବଂଚିବାର ସୁଯୋଗ ମିଳିବା ଆବଶ୍ୟକ ବୋଲି ସ୍ମରଣ କରାଇଦିଏ। ଚଳିତ ବର୍ଷର ବିଷୟବସ୍ତୁ ‘ମାନବାଧିକାର ଆମର ଦୈନନ୍ଦିନ ଆବଶ୍ୟକତା‘ ଉପରେ ଆଲୋକପାତ କରି ଶିକ୍ଷା, ଅଭିବ୍ୟକ୍ତିର ସ୍ୱାଧୀନତା, ନିରାପଦ କାର୍ଯ୍ୟ ପରିବେଶ, ଖାଦ୍ୟ, ପାଣି, ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ଭଳି ଅଧିକାର ମାନବିକ ମର୍ଯ୍ୟାଦାର ମୂଳଦୁଆ ଗଠନ କରେ ବୋଲି ରାଜ୍ୟପାଳ ଉଲ୍ଲେଖ କରିଥିଲେ। ଯେତେବେଳେ ଏହି ଅଧିକାର ଗୁଡ଼ିକୁ ବଜାୟ ରଖାଯାଏ ସମାଜ ସମୃଦ୍ଧ ହୁଏ; ଯେତେବେଳେ ପ୍ରତ୍ୟାଖ୍ୟାନ କରାଯାଏ ସମାଜରେ ଅବକ୍ଷୟ ଦେଖାଯାଏ ବୋଲି ରାଜ୍ୟପାଳ କହିଥିଲେ। ୧୯୪୮ ମସିହାରେ ମାନବାଧିକାରର ଘୋଷଣାନାମା ଗ୍ରହଣକୁ ମନେ ପକାଇ ରାଜ୍ୟପାଳ କହିଥିଲେ ଯେ ଏହା ମାନବ ସଭ୍ୟତାରେ ଏକ ମୋଡ଼ ପରିବର୍ତନ କରିଛି। ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ମର୍ଯ୍ୟାଦା, ସ୍ୱାଧୀନତା, ସମାନତା ଏବଂ ନ୍ୟାୟକୁ ନିଶ୍ଚିତ କରୁଛି। ମାନବାଧିକାର ପରିଷଦ ଏବଂ ୟୁନିଭର୍ସାଲ ପିରିଅଡ଼ିକ ରିଭ୍ୟୁ, ସ୍ୱତନ୍ତ୍ର ସମ୍ମିଳନୀ ଏବଂ ଉତର ଦାୟିତ୍ୱ ବ୍ୟବସ୍ଥା ମାଧ୍ୟମରେ ଏକ ଦୃଢ଼ ବିଶ୍ୱ ମାନବାଧିକାର ଢାଂଚା ନିର୍ମାଣ ପାଇଁ ଜାତିସଂଘକୁ ରାଜ୍ୟପାଳ ପ୍ରଶଂସା କରିଛନ୍ତି। ଓଡ଼ିଶା ମାନବାଧିକାର ଆୟୋଗର ମାନ୍ୟବର ଅଧ୍ୟକ୍ଷ ଜଷ୍ଟିସ ଶତ୍ରୁଘନ ପୂଜାହାରୀଙ୍କ ନେତୃତ୍ୱରେ ଆୟୋଗର କାର୍ଯ୍ୟକୁ ରାଜ୍ୟପାଳ ପ୍ରଶଂସା କରିଥିଲେ ଓ ସ୍ୱତଃସ୍ଫୁର୍ତ ଭାବେ ଅଭିଯୋଗର ପଞ୍ଜିକରଣ କରିବା, ଅଭିଯୋଗର ତୁରନ୍ତ ସମାଧାନ ଏବଂ ଦୁର୍ବଳ ଗୋଷ୍ଠୀକୁ ସୁରକ୍ଷା ଦେବା ପାଇଁ ଆୟୋଗର ପ୍ରୟାସକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ଖାଦ୍ୟ ସୁରକ୍ଷା, ବିପର୍ଯ୍ୟୟ ପରିଚାଳନା, ମହିଳା ସଶକ୍ତିକରଣ ଏବଂ ଆଦିବାସୀ କଲ୍ୟାଣ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ମଧ୍ୟ ରାଜ୍ୟପାଳ ପ୍ରଶଂସା କରିଥିଲେ। ଓଡ଼ିଶା ମାନବାଧିକାର ଆୟୋଗର ଅଧ୍ୟକ୍ଷ ଜଷ୍ଟିସ ଶତ୍ରୁଘନ ପୂଜାହାରୀ, ମାନବାଧିକାର କର୍ମୀ ତଥା ରମନ ମାଗାସେସେ ପୁରସ୍କାର ବିଜେତା ବେଜୱାଡା ୱିଲସନ ଏବଂ ପୂର୍ବତନ ଡିଜିପି ତଥା ଓପିଏସସିର ପୂର୍ବତନ ଅଧ୍ୟକ୍ଷ ଡକ୍ଟର ସତ୍ୟଜିତ ମହାନ୍ତି ଏହି ସମାରୋହରେ ବକ୍ତବ୍ୟ ପ୍ରଦାନ କରିଥିଲେ।



# ଫର୍ଟିଲାଇଜର ପ୍ଲାଣ୍ଟ ସ୍ଥାପନା ନେଇ ବୈଠକ

**ଭୁବନେଶ୍ୱର,୧୩।୧୨ (ମହାଭାରତ):** ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ବୈଠକରେ ରାଜ୍ୟରେ ସାର ଉତ୍ପାଦନ ନେଇ ଆଲୋଚନା ହୋଇଥିଲା। ଏହି ବୈଠକରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ, କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା ମଧ୍ୟ ଉପସ୍ଥିତ ଥିଲେ।

ଓଡ଼ିଶାର କୃଷି କ୍ଷେତ୍ରରେ ଆଖିଦୃଶିଆ ଉନ୍ନତି ହୋଇଥିବା ଏବଂ ଚାଷ ପ୍ରତି ଯୁବପିଢ଼ି ଅନୁଗାମୀ ହୋଇଥିବା କାରଣରୁ କୃଷି ଉଦ୍ୟୋଗୀ ମଧ୍ୟ ଓଡ଼ିଶାରେ ନିବେଶ ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ଓଡ଼ିଶା ସରକାରଙ୍କ ସହଜ ଓ ନିବେଶମୁଖୀ ନୀତି ଯୋଗୁଁ ନିବେଶକଙ୍କ ପ୍ରଥମ ପସନ୍ଦ ପାଲଟିଛି ଓଡ଼ିଶା। ଏହି ପରିପ୍ରେକ୍ଷୀରେ ଇଣ୍ଟରନ୍ୟାସନାଲ ଫର୍ଟିଲାଇଜର ଡେଭଲପମେଂଟ ସେଂଟର ମଧ୍ୟ ଓଡ଼ିଶାରେ ନିଜର ପ୍ଲାଂଟ ସ୍ଥାପନ ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି ଏବଂ ଏଥିପାଇଁ ଓଡ଼ିଶା ସରକାରଙ୍କ ସହଯୋଗ ମଧ୍ୟ କାମନା କରିଛନ୍ତି। ଓଡ଼ିଶା ସରକାରଙ୍କ ତରଫରୁ ଚାଷୀଙ୍କୁ ବିଭିନ୍ନ ପ୍ରକାର ସହାୟତା ଯୋଗାଇ ଦିଆଯାଉଥିବାରୁ ବହୁ ଲୋକ ଏବେ ଚାଷକୁ ଆପଣେଇଲେଣି। ଅଣ ଧାନ ଫସଲ ଗୁଡ଼ିକ ମଧ୍ୟ ଖରିଫରେ ଧାନ ଫସଲ କରୁଛନ୍ତି। ବିଶେଷ କରି ଖରିଫ ଫସଲ ସମୟରେ ସାରର ଆବଶ୍ୟକ ବିଶେଷ ଭାବେ ବୃଦ୍ଧି ପାଇଥାଏ। ଏହାର ସ୍ଥାୟୀ ସମାଧାନ ନିମନ୍ତେ ବିଭାଗ ପକ୍ଷରୁ ଅଧିକ ପ୍ଲାଂଟ ସ୍ଥାପନା ନେଇ ଆଲୋଚନା ଚାଲିଛି। ଯଦ୍ୱାରା ରାଜ୍ୟରେ ଚାଷ ପାଇଁ ସାରର ଅଭାବ ପରିଲକ୍ଷିତ ହେବ ନାହିଁ ଏବଂ ବଂଟନ ମଧ୍ୟ ସୁଚାରୁରୂପେ ହୋଇପାରିବ। ବିଭାଗୀୟ ବରିଷ୍ଠ ଅଧିକାରୀ ମାନେ ବୈଠକରେ ମଧ୍ୟ ଉପସ୍ଥିତ ଥିଲେ ।



# କିଟ୍ ଅନ୍ତର୍ଜାତୀୟ ଛାୟା ଜାତିସଂଘ ଉଦ୍‌ଯାପିତ

**ଭୁବନେଶ୍ୱର,୧୩।୧୨ (ମହାଭାରତ):** ତିନି ଧରି ଚାଲିଥିବା ବହୁ ପ୍ରତୀକ୍ଷିତ କିଟ ଅନ୍ତର୍ଜାତୀୟ ଛାୟା ଜାତିସଂଘ (ମୁନ୍)ର ୧୩ତମ ସଂସ୍କରଣ ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ତିନି ଜଣ ଅନ୍ତର୍ଜାତୀୟ କାର୍ଯ୍ୟନିର୍ବାହୀ ବୋର୍ଡ ସଦସ୍ୟ, ୨୦ ରୁ ଅଧିକ କର୍ପୋରେଟ୍ ବ୍ୟକ୍ତିତ୍ୱଙ୍କ ଉପସ୍ଥିତି ଓ ବଲିଉଡ୍ ପ୍ଲେବ୍ୟାକ୍ ଗାୟକ ଆଶ୍ କିଙ୍ଗଙ୍କ ଷ୍ଟାର ନାଇଟ୍ ପ୍ରମୁଖ ମୁଖ୍ୟ ଆକର୍ଷଣ ଥିଲା। ଏଥିରେ ଭାରତ ଓ ବିଦେଶରୁ ଯୁବ ପ୍ରତିନିଧି ଓ ୩୦ରୁ ଅଧିକ ଅନ୍ତର୍ଜାତୀୟ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଛାୟା ଜାତିସଂଘର ପ୍ରତିନିଧିମାନଙ୍କୁ ଉଦ୍‌ବୋଧନ ଦେଇ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ କହିଲେ ଛାତ୍ରଛାତ୍ରୀମାନେ କୂଟନୀତିକୁ ଠିକ୍ ଭାବେ ବୁଝିବା ଆବଶ୍ୟକ। କାରଣ ଛାତ୍ରଛାତ୍ରୀମାନେ ବିଶ୍ୱର ଭବିଷ୍ୟତ। ଏହା ସହ ସେ ପ୍ରତିନିଧିମାନଙ୍କୁ ବିତର୍କ ଓ ଆଲୋଚନାରେ ଅର୍ଥପୂର୍ଣ୍ଣ ଭାବରେ ସାମିଲ ହେବାକୁ ଉତ୍ସାହିତ କରିଥିଲେ। ଉପକୁଳପତି ପ୍ରଫେସର ରାଜୁ କେ. ଡି. ସମସାମୟିକ ବିଶ୍ୱରେ କୂଟନୀତିର ପ୍ରାସଙ୍ଗିକତା ଉପରେ ଗୁରୁତ୍ୱାରୋପ କରିଥିଲେ। ‘ଡିଜିଟାଲ ଯୁଗରେ, କୂଟନୀତି କଳାର ଗୁରତ୍ୱ ଉପରେ ସେ ଆଲୋକପାତ କରିଥିଲେ। ସେ କହିଲେ, ମୁନ୍ ଭଳି କାର୍ଯ୍ୟକ୍ରମ ବିଶ୍ୱ ଜଟିଳତାକୁ ବୁଝିବାର ଏକ ସୁଯୋଗ। ବ୍ରିଗେଡିୟର ଜୀବନ ରାଜପୁରୋହିତ ମଧ ଛାତ୍ରଛାତ୍ରୀଙ୍କୁ ପ୍ରେରଣାଦାୟୀ ଉଦ୍‌ବୋଧନ ଦେଇଥିଲେ। କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ମୁନ୍ ପ୍ରତି ବର୍ଦ୍ଧିତ ଅନ୍ତର୍ଜାତୀୟ ଆଗ୍ରହ ଉପରେ ଆଲୋକପାତ କରିବା ସହ ବିଦେଶରୁ ୩୩ଜଣ ସଦସ୍ୟ ଏହି ବିଶ୍ୱ ଯୁବ ମଞ୍ଚରେ ଅଂଶଗ୍ରହଣ କରିଥିବାରୁ ଖୁସି ବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ସମୟରେ, ପ୍ରତିନିଧିମାନେ ସମସାମୟିକ ଓ ଐତିହାସିକ ଭୂ-ରାଜନୈତିକ ସଙ୍କଟକୁ ଅନୁକରଣ କରି ଏକାଧିକ ଜାତିସଂଘ କମିଟିରେ ତୀବ୍ର ବିତର୍କ, ଆଲୋଚନା ଓ ନୀତି ପ୍ରସ୍ତୁତରେ ନିୟୋଜିତ ହୋଇଥିଲେ। କମିଟି ଅଧିବେଶନ ବ୍ୟତୀତ, ସମ୍ମିଳନୀରେ କର୍ମଶାଳା, ଶୈକ୍ଷିକ ମାଷ୍ଟରକ୍ଲାସ୍, ସାଂସ୍କୃତିକ ପ୍ରଦର୍ଶନ ଏବଂ ସ୍ପନ୍ଦନଶୀଳ କ୍ୟାମ୍ପସ୍ ସଂଯୋଗ କାର୍ଯ୍ୟକଳାପ ପ୍ରଦର୍ଶିତ ହୋଇଥିଲା।




# କମ୍ ଜିଆଇ ଯୁକ୍ତ ଚାଉଳ ଓ ମାଣ୍ଡିଆ ପ୍ରକ୍ରିୟାକରଣ ୟୁନିଟ ସ୍ଥାପନର ସମୀକ୍ଷା

**ଭୁବନେଶ୍ୱର,୧୩।୧୨ (ମହାଭାରତ):** ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ବରମୁଣ୍ଡାରେ ହେବାକୁ ଥିବା ସ୍ୱତନ୍ତ୍ର କମ୍ ଜିଆଇ ଯୁକ୍ତ ଚାଉଳ ଓ ମାଣ୍ଡିଆ ପ୍ରକ୍ରିୟାକରଣ କାରଖାନା ବିକାଶ ସମ୍ପର୍କରେ ଏକ ବୈଠକ ବୁଧବାର ଲୋକସେବା ଭବନରେ ଅନୁଷ୍ଠିତ ହୋଇଥିଲା। ବୈଠକରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ ଅରବିନ୍ଦ କୁମାର ପାଢୀ, କୃଷି ନିର୍ଦ୍ଦେଶକ ଶ୍ରୀ ଶୁଭମ ସକ୍ସେନା ଏବଂ ମିଶନ ଶକ୍ତି ନିର୍ଦ୍ଦେଶକ ମୋନିକା ପ୍ରିୟଦର୍ଶିନୀ ଯୋଗ ଦେଇଥିଲେ।

ଏହି ପ୍ରକଳ୍ପଟି ଅତି ନିମ୍ନ ଗ୍ଲାଇସେମିକ୍ ଇଣ୍ଡେକ୍ସ (ଜିଆଇ) କିସମ ସହିତ ଆଇସିଏଆର ଦ୍ୱାରା ବିକଶିତ ଚାଉଳ ଉପରେ ଧ୍ୟାନ ଦେଉଛି, ଯାହା ସାଧାରଣ ଧାନ ଅପେକ୍ଷା କମ୍ ଜିଆଇଯୁକ୍ତ ଧାନ ପ୍ରକ୍ରିୟାକରଣ କରିବା ଲକ୍ଷ୍ୟ ରଖିଛି। ଭାରତରେ ପ୍ରଥମ ଥର ଏପରି ମାଣ୍ଡିଆ ପ୍ରକ୍ରିୟାକରଣ କାରଖାନା ସ୍ଥାପନ ହେବାକୁ ଯାଉଛି । ଏହାର ମୋଟ ପ୍ରକଳ୍ପ ମୂଲ୍ୟ ୯୧,୨୨,୯୧,୨୮୭ ଆକଳନ କରାଯାଇଛି, ନିମ୍ନ ଜିଆଇ ଯୁକ୍ତ ଚାଉଳ ଯେଉଁଥିରେ ୧୦-୧୨% ପ୍ରୋଟିନ୍ ସାମଗ୍ରୀ ଥିବ ସେହିଭଳି ଚାଉଳ ପ୍ରକ୍ରିୟାକରଣ କରିବ। ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ନିମ୍ନ ଜିଆଇ ଯୁକ୍ତ ଚାଉଳର ବୃହତ ଆକାରରେ ଉତ୍ପାଦନ ଓ ପ୍ରକ୍ରିୟାକରଣ ମଧୁମେହ ରୋଗୀ ଏବଂ ଅନ୍ନପ୍ରେମୀଙ୍କ ପାଇଁ ଅଧିକ ଲାଭଦାୟକ ହେବ। ସେହିପରି, ଅଧିକ ପରିମାଣରେ ମାଣ୍ଡିଆ ବା ଶ୍ରୀଅନ୍ନ ଉତ୍ପାଦନ ଉଭୟ ସ୍ୱାସ୍ଥ୍ୟ ଏବଂ ଅର୍ଥନୀତି ପାଇଁ ଲାଭଦାୟକ ହେବ, କାରଣ ଏହାର ଚାହିଦା ଦିନକୁ ଦିନ ବୃଦ୍ଧି ପାଉଛି।

କୃଷି ପ୍ରମୁଖ ସଚିବ ଡକ୍ଟର ପାଢୀ କହିଛନ୍ତି ଯେ ଏହି ପଦକ୍ଷେପର ଲକ୍ଷ୍ୟ ଅଧିକ ଲକ୍ଷପତି ଦିଦି (ଲାଭକାରୀ)ଙ୍କୁ ସୃଷ୍ଟି କରିବା କାରଣ ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡ଼ିକ ଏହା ସହିତ ସିଧାସଳଖ ଜଡିତ ହେବେ ଏବଂ ଦେଶବ୍ୟାପୀ ପୁଷ୍ଟିକର ତଥା କମ ଜିଆଇ ପରିମାଣର ଚାଉଳ କିସମକୁ ପ୍ରୋତ୍ସାହିତ କରିବେ। ସ୍ୱତନ୍ତ୍ର ଚାଉଳ ଏବଂ ମାଣ୍ଡିଆ ପ୍ରକ୍ରିୟାକରଣ କାରଖାନାର ପ୍ରମୁଖ ଦିଗଗୁଡ଼ିକ ମଧ୍ୟରେ କମ୍ ଜିଆଇ ଯୁକ୍ତ କିସମର ବିଶୋଧନ, ଏକତ୍ରୀକରଣ ସହିତ ଜଡିତ ମାର୍କେଟିଂ ରଣନୀତି, କ୍ଲଷ୍ଟର ଉତ୍ପାଦନ ଏବଂ ପ୍ରୋଫାଇଲିଂ ଅନ୍ତର୍ଭୁକ୍ତ। ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ ଦ୍ୱାରା ଏକ ବଜାର ଅଧ୍ୟୟନ ଏବଂ ସିଏଫଏମଏସ୍ ମାଧ୍ୟମରେ ଆର୍ଥିକ ତଦାରଖ କରାଯିବ। ଅନ୍ୟ ଉପସ୍ଥିତ ବ୍ୟକ୍ତିଙ୍କ ମଧ୍ୟରେ ଆଇସିଏଆରରୁ ଡ ୱାରିୟର, ଆଇଆରଆରଆଇ, ଓଏଆଇସି, ଓୟୁଏଟି, ଇମେଜର ପ୍ରତିନିଧି, କୃଷି ବିଭାଗର ବରିଷ୍ଠ ଅଧିକାରୀମାନେ ସାମିଲ ଥିଲେ।



# ୯ ହଜାର ଏକର ଜମିରେ ବିଡିଏର ଟାଉନ ପ୍ଲାନିଂ

**ଭୁବନେଶ୍ୱର,୧୩।୧୨ (ମହାଭାରତ):** ୯ ହଜାର ଏକର ଜମିରେ ବିଡ଼ିଏର ଟାଉନ ପ୍ଲାନିଂ। ଭୁବନେଶ୍ୱର ଗୋହିରିଆ ଛକ ନିକଟରେ ଚାଲିଛି ବିଡିଏର ଏହି ଟାଉନ ପ୍ଲାନିଂ। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଏହି ପ୍ଲାନିଂ ସାଇଟକୁ ଯାଇ ସମୀକ୍ଷା କରିଛନ୍ତି। ୪ଟି ଯାକ ଟିପି ପ୍ରକଳ୍ପ ଅଞ୍ଚଳ ବୁଲି ଦେଖିଛନ୍ତି। ଟିପି-୧ରେ ସହଜପୁର, ନରୋଗଦା, ଶିଯିପୁଟ, ପାଇକରାପୁର, ଟିପି-୨ରେ ବିଜିପୁର, ତମାଣ୍ଡୋ, ଟିପି-୩ରେ ପାଇକରାପୁର, ନୂଆଗାଁ, ଟିପି-୪ ରେ ଶ୍ୟାମସୁନ୍ଦରପୁର ରହିଛି। ସମୁଦାୟ ଜମିର ୬୦ ପ୍ରତିଶତ ଜମି ମୂଳ ମାଲିକଙ୍କୁ ଫେରାଇବ ବିଡ଼ିଏ।

ଅବଶିଷ୍ଟ ୪୦ ପ୍ରତିଶତ ଜମିରେ ବିଡ଼ିଏ ରାସ୍ତା, ଡ୍ରେନ, ସ୍ୱରେଜ ଇତ୍ୟାଦି ତିଆରି କରିବ। ପୁରୀରେ ମଧ୍ୟ ଆରମ୍ଭ ହେବ ଟିପି ସ୍କିମ ବା ଟାଉନ ପ୍ଲାନିଂ ସ୍କିମ। ପୁରୀ କର୍ପୋରେସନ ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ସେହି ଅନୁସାରେ ଏହାର କଳେବର ବଢ଼ାଇବାକୁ ଯୋଜନା ଥିବା କହିଛନ୍ତି ନଗର ଉନ୍ନୟନ ମନ୍ତ୍ରୀ। ଜମି ଜବରଦଖଲ ଉଛେଦ ସରଳିକରଣ କରାଯିବ। ଲୋକମାନେ ସୁବିଧାରେ କିଭଳି ଘର ପାଇପାରିବେ ସେ ନେଇ ବ୍ୟବସ୍ଥା କରାଯିବ। ସେପଟେ ଭୁବନେଶ୍ୱରରେ ଆଉ ୨ ନୂଆ ତହସିଲ ଅଫିସ୍ ପ୍ରସ୍ତୁତ ହେବାକୁ ଯାଉଛି। ପୁରୁଣା ଭୁବନେଶ୍ୱରରେ ଥିବା ତହସିଲ ଅଫିସ୍‌ରେ କ୍ରମାଗତ ଭାବେ ଚାପ ବଢ଼ିବାରେ ଲାଗିବା ପରେ ସରକାରଙ୍କ ପକ୍ଷରୁ ଆଉ ୨ ନୂଆ ତହସିଲ ଖୋଲିବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ପ୍ରକାଶ ପରେ ବର୍ତ୍ତମାନ ପ୍ରଶାସନିକ ସ୍ତରରେ ତତ୍ପରତା ଦେଖାଦେଇଛି। ପୂର୍ବରୁ ଥିବା ୨୮ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ସର୍କଲକୁ ୩ଟି ତହସିଲ ଅଫିସ୍ ଅଧୀନରେ ଭାଗ ଭାଗ କରିବା ପାଇଁ ନୀଳ ନକ୍ସା ପ୍ରସ୍ତୁତ ହୋଇଛି। ଏବେ ଉପକଣ୍ଠରେ ଜମି କିଣାବିକା ଅଧିକ ହେଉଛି।

ସହର ଖଣ୍ଡଗିରି ଓ ରସୁଲଗଡ଼ ଦିଗରେ ବଢୁଛି। ତେଣୁ ଏହି ୨ ଅଞ୍ଚଳରେ ରହୁଥିବା ବାସିନ୍ଦାଙ୍କର ଜମି କିଣାବିକା, ମାଲିକାନା ହସ୍ତାନ୍ତର, ପଟ୍ଟା ପ୍ରସ୍ତୁତି, ଜାତିଗତ ଓ ଅନ୍ୟାନ୍ୟ ପ୍ରମାଣପତ୍ର ସମସ୍ୟା ହେଲେ କଳ୍ପନା ସ୍ଥିତ କାର୍ଯ୍ୟାଳୟକୁ ଦୌଡ଼ିବାକୁ ହେଉଛି। ସେଥିପାଇଁ ନୂଆ ତହସିଲ ଗୋଟିଏ ରସୁଲଗଡ଼ ଓ ଗୋଟିଏ ଖଣ୍ଡଗିରିରେ ଖୋଲିବାକୁ ନିଷ୍ପତ୍ତି ହୋଇଛି। ଭୁବନେଶ୍ୱର ତହସିଲ ଅଧୀନରେ ସୁନ୍ଦରପଦା, ଭୁବନେଶ୍ୱର, ଇଟିପୁର, ଧଉଳି ଓ ଶିଶୁପାଳ ଭଳି ୯ଟି ଆର୍‌ଆଇ ସର୍କଲ ରହିବାକୁ ଯୋଜନା ହୋଇଛି।



# ନଗର ଉନ୍ନୟନ ମନ୍ତ୍ରୀଙ୍କ ଗଙ୍ଗୁଆ ପ୍ରକଳ୍ପର ସମୀକ୍ଷା

**ଭୁବନେଶ୍ୱର,୧୩।୧୨ (ମହାଭାରତ):** ଖାରବେଳ ଭବନରେ ଗଙ୍ଗୁଆ ନଳା ଉନ୍ନତି ପ୍ରକଳ୍ପ ସମ୍ବନ୍ଧୀୟ ଏକ ଉଚ୍ଚ-ସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ମନ୍ତ୍ରୀ ଡ଼ଃ କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ନିକୋ ପାର୍କ ଓ ତାହାର ପରିବେଶର ସମଗ୍ର ଉନ୍ନତି ସହିତ ଭୁବନେଶ୍ୱରର ଝଡ଼ଜଳ ପରିଚାଳନାକୁ ଆହୁରି ସୁଦୃଢ଼ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଗଲା। ବୈଠକରେ ବିଧାୟକ ବାବୁ ସିଂହ, ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢ଼ୀ, ବିଏମସି କମିଶନର-କମ୍-ବିଡ଼ିଏ ଉପାଧ୍ୟକ୍ଷ ଚଞ୍ଚଳ ରଣା ଓ ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସମୀକ୍ଷା ସମୟରେ ମନ୍ତ୍ରୀ ଗଙ୍ଗୁଆ ଉନ୍ନତି କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇ, ଆସନ୍ତା ବର୍ଷା ପୂର୍ବରୁ ଦୃଶ୍ୟମାନ ପରିବର୍ତ୍ତନ ଆଣିବା ଉପରେ ଜୋର ଦେଇଛନ୍ତି। ସେ ଏହାକୁ ଏକ ସମନ୍ୱୟିତ ପ୍ରୟାସରେ ପରିଣତ କରି, ନିକୋ ପାର୍କ ଅଂଚଳର ମନୋରଞ୍ଜନ ଓ ସାମାଜିକ ସୁବିଧା ବୃଦ୍ଧି, ଗଙ୍ଗୁଆ ନଳାର ପୁନରୁଦ୍ଧାର ଓ ସ୍ୱଚ୍ଛ ଜଳରାଶି ପ୍ରବାହ ସୁନିଶ୍ଚିତକରଣ କାମଗୁଡ଼ିକୁ ଏକାସଙ୍ଗରେ ଆଗେଇ ନେବାକୁ ପରାମର୍ଶ ଦେଇଛନ୍ତି। ଶ୍ରୀମତୀ ପାଢୀ ଏହି ପ୍ରକଳ୍ପ ନିର୍ମାଣ ନିମନ୍ତେ ନିୟୋଜିତ ବିଭିନ୍ନ ଏଜେନ୍ସୀଙ୍କ ସମନ୍ୱୟ ଆବଶ୍ୟକ ବୋଲି କହିଲେ। ବିଏମସି କମିଶନର ଚଂଚଳ ରଣା ଚାଲୁ ରହିଥିବା କାର୍ଯ୍ୟ, ସମସ୍ୟା ଓ ପ୍ରସ୍ତାବିତ ଟାଇମଲାଇନ ବିଷୟରେ ବିସ୍ତୃତ ଅବଗତ କରିଲେ। ମନ୍ତ୍ରୀ ଡାଃ ମହାପାତ୍ର ସମସ୍ତ ଅମିମାଂସିତ ବିଷୟଗୁଡ଼ିକୁ ଶୀଘ୍ର ସମାଧାନ କରିବା ଓ ନିର୍ଦ୍ଧାରିତ ସମୟ ସିମା’ଭିତରେ ଗୁଣାତ୍ମକ ଭାବରେ କାମ ସମାପ୍ତ କରିବା ନିମନ୍ତେ ନିର୍ଦ୍ଦେଶ ଦେଲେ। ଭୁବନେଶ୍ୱର ନଗରୀବାସୀଙ୍କ ପାଇଁ ଏହି ପ୍ରକଳ୍ପ ସୁରକ୍ଷିତ, ସ୍ୱଚ୍ଛ ଓ ଉପଲବ୍ଧ ସହର ପରିବେଶ ତିଆରି କରିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ସଭାରେ ଉଲ୍ଲେଖ ହେଲା।



# ବିଶ୍ୱ ମୃତିକା ଦିବସ ପାଳିତ

**ଭୁବନେଶ୍ୱର,୧୩।୧୨ (ମହାଭାରତ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଫ୍ୟାକଲ୍ଟି ଅଫ୍ ଏଗ୍ରିକଲ୍‌ଚରାଲ ସାଇନସେସ୍ (ଆଇଏଏସ୍) ର ମୃତିକା ବିଭାଗ ପକ୍ଷରୁ ବିଶ୍ୱ ମୃତିକା ଦିବସ ପାଳିତ ହୋଇଯାଇଛି। ସୁସ୍ଥ ମାଟି ହିଁ ସୁସ୍ଥ ସହରର ଭିତିଭୂମି ଓ ସୁସ୍ଥ ଜୀବନର ଆଧାର। ଅସ୍ୱାସ୍ଥ୍ୟକର ମାଟି ପ୍ରତ୍ୟକ୍ଷ ଅବା ପରୋକ୍ଷରେ ଆମ ଜୀବନକୁ ପ୍ରଭାବିତ କରେ ବୋଲି ବିଶ୍ୱ ମୃତିକା ଦିବସରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ କୃଷି ବିଜ୍ଞାନୀ ତଥା ମୁଖ୍ୟମନ୍ତ୍ରୀ ମକା ମିଶନର ସ୍ୱତନ୍ତ୍ର ସଦସ୍ୟ ଡ. ରାଜେଶ ଦାସ ଯୋଗ ଦେଇ ମାଟି ଅସୁସ୍ଥ ହେବାର କାରଣ ଓ ଜୀବନ ଉପରେ ଏହାର ପ୍ରଭାବ ସଂପର୍କରେ ଆଲୋକପାତ କରିଥିଲେ। ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଅଧ୍ୟକ୍ଷତା କରିବା ସହ ଏହି ଦିବସ ଛାତ୍ରଛାତ୍ରୀମାନେ ପାଳନ କରି ଏହାର ଗୁରୁତ୍ୱ ଉପଲବ୍ଧୀ କରିବା ଜରୁରୀ ବୋଲି କହିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ସୋଆ ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଂଜନ ଦାସ ଏବଂ ପେସ ଫାଉଣ୍ଡେସନର ପ୍ରତିଷ୍ଠାତା ନିର୍ଦ୍ଦେଶକ ଶ୍ରୀଯୁକ୍ତ ସମ୍ବିତ ତ୍ରିପାଠୀ ଯୋଗ ଦେଇଥିଲେ। ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ଉତ୍ସବର ଆଭିମୁଖ୍ୟ ସଂପର୍କରେ ବର୍ଣ୍ଣନା କରିଥିଲେ। ମୃତିକା ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ଗୌରହରି ସାନ୍ତ୍ରା ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରଫେସର ଅନ୍ତର୍ଯ୍ୟାମୀ ମିଶ୍ର ଧନ୍ୟବାଦ ଦେଇଥିଲେ। ପ୍ରଫେସର ପ୍ରଭାତ କୁମାର ଷଡଙ୍ଗୀ ଓ ଡ. ଈପ୍ସିତା ପଟ୍ଟନାୟକ ମଂଚ ସଂଯୋଜନା କରିଥିଲେ। ଏହି ଅବସରରେ ଏକ ବୈଜ୍ଞାନିକ ମୁଖପତ୍ର ସମେତ ପ୍ରଫେସର ଅନ୍ତର୍ଯ୍ୟାମୀ ମିଶ୍ରଙ୍କ ଲିଖିତ ନମୁନା ମାଟି ସଂଗ୍ରହ ଏବଂ ମୃତିକା ବିଜ୍ଞାନ ବିଭାଗ ଦ୍ୱାରା ପ୍ରକାଶିତ ଫସଲରେ ସମନ୍ୱିତ ଖାଦ୍ୟ ସାର ପରିଚାଳନା ପୁସ୍ତିକା ଉନ୍ମୋଚିତ ହୋଇଥିଲା।

# ନଖରା ପଞ୍ଚାୟତରେ ବିଜେପି ନେତାଙ୍କ ମୂଲ୍ୟବାନ ଗୋଚର ଜମି ବିକ୍ରି ଅଭିଯୋଗ

**କଟକ,୧୩।୧୨ (ମହାଭାରତ):** ଗୋଚର ଜମି ଦଖଲ ଚେଷ୍ଟା ନେଇ ଗ୍ରାମବାସୀଙ୍କ ତୀବ୍ର ପ୍ରତିରୋଧ, ତହସିଲ ପ୍ରଶାସନ ଏବେ ଆକ୍ସନ ମୁଡ୍ ରେ। ନଖରା ପଞ୍ଚାୟତରେ ଦୀର୍ଘଦିନ ଧରି ସକ୍ରିୟ ରହିଥିବା ଜମି ମାଫିଅ ମୂଲ୍ୟବାନ ସରକାରୀ ଜମି ଉପରେ ଦୃଷ୍ଟି ଦେଇଥିବାରୁ ଅଞ୍ଚଳରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଥିଲା। ଗ୍ରାମବାସୀଙ୍କ ଅଭିଯୋଗ ସତ୍ତ୍ୱେ ମଧ୍ୟ ତହସିଲ ପ୍ରଶାସନ ଦୀର୍ଘଦିନ ଧରି ନୀରବ ରହିବା ଘଟଣା ସାମ୍ନାକୁ ଆସିଥିଲା। ଆଖି ଥାଇ ଅନ୍ଧ କାନ ଥାଇ ବଧିର ଭାବରେ କାମ କରୁଥିବା ତହସିଲ ପ୍ରଶାସନ ଏବେ ଆକ୍ସନ ମୁଡ୍ ରେ। ନଖରା ପଞ୍ଚାୟତ ନଖରା ଗ୍ରାମରେ ଅବସ୍ଥିତ ଖାତା ନମ୍ବର -୮୧୬, ପ୍ଲଟ ନମ୍ବର - ୪୭ କିସମ ଗୋଚର ଜମିଟି ଦୀର୍ଘ ବର୍ଷ ଧରି ଗାଈ ଗୋରୁଙ୍କ ଚରାଭୁଇଁ ତଥା ଦଳିତ ମାନଙ୍କ ଶ୍ମଶାନ ଭାବେ ବ୍ୟବହୃତ ହୋଇ ଆସୁଛି। ଗ୍ରାମବାସୀ ମାନେ ମା’ପାଇଁ ଗଛ ଟିଏ ଅଭିଯାନରେ ଏଠାରେ ଦୁଇ ଶହରୁ ଉର୍ଦ୍ଧ୍ୱ ବୃକ୍ଷ ରୋପଣ କରିଥିଲେ। ଏହି ମୂଲ୍ୟବାନ ଜମିକୁ ସ୍ଥାନୀୟ ବିଜେପି ନେତା ତଥା ସରପଞ୍ଚ ସ୍ୱାମୀଙ୍କ ଇଙ୍ଗିତରେ ଏକ ସକ୍ରିୟ ଜମି ମାଫିଆକୁ ବିକ୍ରି କରିବାକୁ ଚେଷ୍ଟା ହେଉଥିଲା। ରାତାରାତି କୋଟିପତି ହେବାର ଖେଳକୁ ଭଣ୍ଡୁର କରିଦେଲେ ଗ୍ରାମବାସୀ। ମାଫିଆମାନେ ଅନ୍ଧାର ରାତିରେ କୋଇଲା ଛାଇ ପକାଇ ଗୋଚର ଜମିରେ ଅବୈଧ ରାସ୍ତା ପ୍ରସ୍ତୁତ କରୁଥିଲେ। ଏହି ରାସ୍ତା ଦ୍ୱାରା ଜମିକୁ ଜବର୍ ଦଖଲ କରି ଅବୈଧ ବିକ୍ରି କରିବା ଚକ୍ରାନ୍ତ ଚାଲିଥିବା ଗ୍ରାମବାସୀ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ଏହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ଓ ଭୟଭୀତ ପରିସ୍ଥିତି ସୃଷ୍ଟି ହୋଇଥିଲା। ଗ୍ରାମବାସୀଙ୍କ ଲିଖିତ ଅଭିଯୋଗ ପରେ ପ୍ରଶାସନର ଆଖି ଖୋଲିଲା। ଜିଲ୍ଲାପାଳ କଟକ ଓ ଟାଙ୍ଗୀ ଚୌଦ୍ୱାର ତହସିଲଦାରଙ୍କୁ ଗ୍ରାମବାସୀଙ୍କ ତରଫରୁ ଏକ ଲିଖିତ ଅଭିଯୋଗ ପ୍ରଦାନ କରାଯାଇଥିଲା।

ଏହା ପରେ ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ଆର୍.ଆଇ (ଶାଳଗାଁ) ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ସୂଚନା ମିଳିଛି। ଚରାଭୁଇଁ ଓ ଶ୍ମଶାନ ଭୂମିକୁ କିପରି ବିକ୍ରି ଯୋଗ୍ୟ କରାଯାଇଥିଲା ? ସରପଞ୍ଚଙ୍କ ସ୍ୱାମୀଙ୍କ ଏତେ ଭୂମିକା କାହିଁକି ? ତହସିଲ ପ୍ରଶାସନ ଦୀର୍ଘଦିନ ଧରି ନୀରବ ରହିଥିଲା କାହିଁକି ? ଜମି ମାଫିଆଙ୍କୁ କିଏ ଆଶ୍ରୟ ଦେଉଥିଲା, ଆର୍.ଆଇଙ୍କ ତଦନ୍ତ ପରେ ଏଭଳି ଅନେକ ପ୍ରଶ୍ନରେ ଛନ୍ଦି ହୋଇ ପଡିଛନ୍ତି ଗ୍ରାମବାସୀ। ଜମି ମାଫିଆମାନେ ଟାଙ୍ଗୀ ଚୌଦ୍ୱାର ଅଞ୍ଚଳକୁ ନିଜସ୍ୱ ଜମି ବଜାର ବୋଲି ଭାବି ମୂଲ୍ୟବାନ ଗୋଚର ଓ ସରକାରୀ ଜମିକୁ ହାତେଇବାକୁ ଚେଷ୍ଟା କରୁଥିବା ବେଳେ, ଗ୍ରାମବାସୀଙ୍କ ସଚେତନତା ଏବଂ ଦୃଢ଼ ଅବସ୍ଥାନ ପ୍ରଶାସନ ପଦକ୍ଷେପ ନେବାକୁ ବାଧ୍ୟ ହୋଇଛି।



# ଅନଧିକୃତ ବିକ୍ରେତାଙ୍କ ବିରୁଦ୍ଧରେ ଅଭିଯାନ

**ଭୁବନେଶ୍ୱର,୧୩।୧୨ (ମହାଭାରତ):** ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପରିସୀମା ମଧ୍ୟରେ ବିଭିନ୍ନ ଷ୍ଟେସନ ଏବଂ ଟ୍ରେନରେ ଖାଦ୍ୟ ଏବଂ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି କରୁଥିବା ଅନଧିକୃତ ବିକ୍ରେତାଙ୍କ କାର୍ଯ୍ୟକଳାପକୁ ବନ୍ଦ କରିବା ପାଇଁ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛି । ଭାରତୀୟ ରେଳ ଆଇନର ବ୍ୟବସ୍ଥା ଅନୁଯାୟୀ କଡ଼ାକଡ଼ି ଭାବରେ ପାଳନ କରି ଯାତ୍ରୀ ସୁରକ୍ଷା, ପରିଷ୍କାର ପରିଚ୍ଛନ୍ନତା ଏବଂ ସୁରକ୍ଷା ସୁନିଶ୍ଚିତ କରିବା ଏହି ଅଭିଯାନର ଲକ୍ଷ୍ୟ ଅଟେ। ଅନଧିକୃତ ବିକ୍ରେତା କାର୍ଯ୍ୟକଳାପ ଚିହ୍ନଟ କରିବା ପାଇଁ ବାଣିଜ୍ୟିକ କର୍ମଚାରୀଙ୍କୁ ସ୍ୱତନ୍ତ୍ର ଭାବରେ ନିୟୋଜିତ କରାଯାଇଛି। ସେମାନଙ୍କ ସହିତ, ରେଳ ସୁରକ୍ଷା ବଳ ଏବଂ ସରକାରୀ ରେଳ ପୋଲିସ କର୍ମଚାରୀମାନେ ମଧ୍ୟ ଏହି କାର୍ଯ୍ୟାନୁଷ୍ଠାନ ଅଭିଯାନରେ ଅଂଶଗ୍ରହଣ କରୁଛନ୍ତି ।

## କ୍ଷମତା କନ୍ଦଳ

କର୍ଣ୍ଣାଟକରେ ଜେଡିଏସର ପ୍ରଭାବ ଦିନକୁ ଦିନ ହ୍ରାସ ପାଉଥିବା ବେଳେ ବିଜେପି ଓ କଂଗ୍ରେସ ପାଳି କରି ରାଜ୍ୟରେ ଶାସନ କ୍ଷମତା ଦଖଲ କରିଆସୁଛନ୍ତି। ଗତ ବିଧାନସଭା ନିର୍ବାଚନରେ କଂଗ୍ରେସ ବିପୁଳ ବିଜୟ ହାସଲ କରି କ୍ଷମତାସୀନ ହୋଇଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧରାମେୟା ଦ୍ୱିତୀୟ ଥର ଲାଗି ରାଜ୍ୟର ମୁଖ୍ୟମନ୍ତ୍ରୀ ହୋଇଥିଲେ। କିନ୍ତୁ ଏହି ପଦ ନିମନ୍ତେ ଅନ୍ୟ ଜଣେ ଦାବିଦାର ଥିଲେ । ସେ ହେଲେ ତତ୍କାଳୀନ ପିସିସି ସଭାପତି ଡି କେ ଶିବକୁମାର। ସେ ମୁଖ୍ୟମନ୍ତ୍ରୀ ହେବାକୁ ହକଦାର ଥିଲେ। କିନ୍ତୁ କଂଗ୍ରେସ ହାଇକମାଣ୍ଡ ବରିଷ୍ଠତା ଦୃଷ୍ଟିରୁ ସିଦ୍ଧରାମେୟାଙ୍କୁ ଏହି ପଦ ଲାଗି ବାଛିଲେ। ଶିବକୁମାର ହେଲେ ଉପ-ମୁଖ୍ୟମନ୍ତ୍ରୀ। ସେତେବେଳେ ବୁଝାମଣା ହୋଇଥିଲା ଯେ, ଉଭୟ ଶିବକୁମାର ଏବଂ ସିଦ୍ଧରାମେୟା ୫ ବର୍ଷିଆ କାର୍ଯ୍ୟକାଳ ମଧ୍ୟରେ ପାଳିକରି ଅଢ଼େଇ ବର୍ଷ ହେବ ମୁଖ୍ୟମନ୍ତ୍ରୀ ରହିବେ। ଅବଶ୍ୟ ଦଳ ପକ୍ଷରୁ ସେଭଳି କିଛି ଘୋଷଣା ହୋଇନଥିଲା। କିନ୍ତୁ ଏହା ଥିଲା ଅଘୋଷିତ ବୁଝାମଣା। ଇତିମଧ୍ୟରେ ସିଦ୍ଧରାମେୟାଙ୍କ ଅଢ଼ଇ ବର୍ଷର ଶାସନ କାଳ ସରିଗଲାଣି। ବୁଝାମଣା ଅନୁଯାୟୀ ସେ ମୁଖ୍ୟମନ୍ତ୍ରୀ ପଦ ଶିବକୁମାରଙ୍କୁ ଛାଡ଼ିଦେବା ଉଚିତ। କିନ୍ତୁ ସେ ଏବେ ଏଥିଲାଗି ନାରାଜ। ଏଥିରେ ଶିବକୁମାର ଅସନ୍ତୁଷ୍ଟ ହୋଇ ଏକପ୍ରକାର ବିଦ୍ରୋହ ଘୋଷଣା କରିଛନ୍ତି। ନିକଟରେ ସେ ପିସିସି ସଭାପତି ପଦ ଛାଡ଼ିବାକୁ ମଧ୍ୟ ପ୍ରସ୍ତାବ ଦେଇଛନ୍ତି। ସେ ଦାବି କରିଛନ୍ତି ଯେ, ତାଙ୍କ ପଛରେ ରାଜ୍ୟର ସଂଖ୍ୟାଧିକ କଂଗ୍ରେସ ବିଧାୟକଙ୍କଙ୍କ ସମର୍ଥନ ରହିଛି। ଅନ୍ୟ ପକ୍ଷରେ ସିଦ୍ଧରାମେୟା ମଧ୍ୟ ଛାଡ଼ିବା ଜନ୍ତୁ ନୁହଁନ୍ତି। ସେ କହିଛନ୍ତି ଯେ, ଯେ ପର୍ଯ୍ୟ;ନ୍ତ କଂଗ୍ରେସ ହାଇକମାଣ୍ଡ ନକହିଛନ୍ତି , ସେ ପର୍ଯ୍ୟନ୍ତ ସେ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବେ ନାହିଁ। ଯେଉଁ ଦିନ ରାହୁଲ ଓ ସୋନିଆ ତାଙ୍କୁ କହିବେ ସେହିଦିନ ସେ ତାଙ୍କ ପଦ ଛାଡ଼ିଦେବେ। ତାଙ୍କ ପଛରେ ମଧ୍ୟ ଦଳର ସଂଖ୍ୟାଧିକ ବିଧାୟକ ଅଛନ୍ତି ବୋଲି ସେ ଦାବି କରିଛନ୍ତି। ଏହାକୁ ନେଇ ରାଜ୍ୟ କଂଗ୍ରେସରେ ଏକପ୍ରକାର ଅସ୍ଥିରତା ଏବଂ ଅନିଶ୍ଚିତତା ସୃଷ୍ଟି ହୋଇଛି। କଂଗ୍ରେସ ବିଧାୟକ ଦଳ ଏବେ ଦୁଇଫାଳ। ପରିସ୍ଥିତି ଦିନକୁ ଦିନ ଖରାପ ହେବାରେ ଲାଗିଛି। ସମସ୍ୟାର ସମାଧାନ ଲାଗି ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖାର୍ଗେ ଉଭୟ ସିଦ୍ଧରାମେୟା ଏବଂ ଶିବକୁମାରଙ୍କୁ ଦିଲ୍ଲୀ ଡାକିଛନ୍ତି। ଉଭୟଙ୍କ ସହ ଆଲୋଚନା ପରେ ସବୁ ସମସ୍ୟାର ସମାଧାନ ହୋଇଯିବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି। ଦଳର ଅନ୍ୟତମ ବରିଷ୍ଠ ନେତା ଇକବାଲ ହୁସେନ ଖାନ କହିଛନ୍ତି ଯେ, ଶିବକୁମାର ମୁଖ୍ୟମନ୍ତ୍ରୀ ହେବା ୨୦୦ ପ୍ରତିଶତ ନିଶ୍ଚିତ। ଆସନ୍ତା ନିର୍ବାଚନରେ କଂଗ୍ରେସ କର୍ଣ୍ଣାଟକରେ ଶିବକୁମାରଙ୍କ ନେତୃତ୍ୱରେ ଲଢ଼ିବ ବୋଲି ସେ କହିଛନ୍ତି। କିନ୍ତୁ କଥାଟା ଏତେ ସହଜ ଏବଂ ସରଳ ବୋଲି କୁହାଯାଇପାରିବ ନାହିଁ। କଂଗ୍ରେସ ହାଇକମାଣ୍ଡଙ୍କ ନୀତି ଯାହା ରାଜ୍ୟରେ ମୁଖ୍ୟମନ୍ତ୍ରୀ ପରିବର୍ତ୍ତନ ହେବ ନାହିଁ। ଅତୀତରେ ରାଜସ୍ଥାନରେ ଅଶୋକ ଗେହଲଟ ଏବଂ ସଚିନ ପାଇଲଟଙ୍କ ମଧ୍ୟରେ ଏଭଳି ବିବାଦ ସୃଷ୍ଟି ହୋଇଥିଲା। କିନ୍ତୁ ଶେଷ ପର୍ଯ୍ୟନ୍ତ ଗେହଲଟ ହିଁ ମୁଖ୍ୟମନ୍ତ୍ରୀ ପଦରେ ରହିଲେ। ସଚିନ ପାଇଲଟଙ୍କୁ ରାଜସ୍ଥାନରେ କଂଗ୍ରେସର ନେତୃତ୍ୱ ନେବାକୁ ଆହୁରି ଅନେକ ଦିନ ଅପେକ୍ଷା କରିବାକୁ ପଡ଼ିବ। ଗେହଲଟ ଓ ସଚିନଙ୍କ ମଧ୍ୟରେ ବିବାଦ ଯୋଗୁ ରାଜସ୍ଥାନରେ କଂଗ୍ରେସ ପରାଜିତ ହେଲା ଏବଂ ଦଳ କ୍ଷମତାଚ୍ୟୁତ ହେଲା। କର୍ଣାଟକରେ ଏହାର ପୁନରାବୃତ୍ତି ହେବନି ବୋଲି କୁହାଯାଇପାରିବନି। କର୍ଣ୍ଣାଟକ କଂଗ୍ରେସ ପାଇଁ ଏକ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଏବଂ ରାଜନୈତିକ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ। ଏହି ରାଜ୍ୟକୁ ହାତଛଡ଼ା କରିବା କଂଗ୍ରେସ ପାଇଁ ମହଙ୍ଗା ପଡ଼ିବ। ଗତ ବିଧାନସଭା ନିର୍ବାଚନରେ କଂଗ୍ରେସ କର୍ଣ୍ଣାଟକରେ ଶିବକୁମାରଙ୍କ ନେତୃତ୍ୱରେ ଲଢ଼ିଥିଲା। ଶିବକୁମାର ଜଣେ ବିବାଦୀୟ ବ୍ୟକ୍ତି ହେଲେ ମଦ୍ୟ ଜଣେ ଦକ୍ଷ ଏବଂ ପାରିବାର ନେତା।

## ସଂକ୍ରାମକ ହେପାଟାଇଟିସ୍


॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥



“ ଛୋଟ ପିଲାମାନେ ସାଧାରଣତଃ ଜନ୍ମ ସମୟରେ ସଂକ୍ରମିତ ମାଆ ଠାରୁ ଭୂତାଣୁର ଶିକାର ହୋଇଥାନ୍ତି ଯାହାକୁ ସିଧାପ୍ରସାରଣ କୁହାଯାଏ । ଭୂତାଣୁ ପ୍ରସାରଣର ଦ୍ୱିତୀୟ ମାଧ୍ୟମ ହେଉଛି ଗୋଟିଏ ପିଲାଠାରୁ ଅନ୍ୟ ଏକ ପିଲାକୁ ସଂକ୍ରମଣ । ଏହାକୁ ସମାନ୍ତର ପ୍ରସାରଣ କୁହାଯାଏ । ଅସୁରକ୍ଷିତ ଯୌନ ସମ୍ପର୍କ ଦ୍ୱାରା ମଧ ଏହି ଭୂତାଣୁ ବ୍ୟାପିଥାଏ। ସମଗ୍ର ପୃଥିବୀରେ ୩୫୦ ମିଲିୟନ ଲୋକ ହେପାଟାଇଟିସ୍ ‘ବି’ର ବାହକ। ଛଅ ଲକ୍ଷ ଲୋକ ପ୍ରତିବର୍ଷ ହେପାଟାଇଟିସ୍ ‘ବି’ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରନ୍ତି।


ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚୀତ କରାଯାଇଛି ଯେ ରାଜ୍ୟରେ ହେପାଟାଇଟିସ ବି ଓ ହେପାଟାଇଟିସ ସି ଏକ ବୃହତ ଜନସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଛି ଓ ଏହା ଏକ ରୋଗ ରକ୍ତବାହିତ ରୋଗ ହୋଇଥିବାରୁ ଏହାକୁ ଏକ ନୋଟିଫାୟବଲ (ବିଜ୍ଞାପିତ ରୋଗ) ଅଟେ। ତେଣୁ ସମସ୍ତ ସରକାରୀ, ଘରୋଇ, ଏଜିଓ କ୍ଷେତ୍ରରେ ରୋଗୀଙ୍କ ପରୀକ୍ଷା ଚିକିତ୍ସା ହେଉଥିଲେ ଏ ନେଇ ସମସ୍ତ ସମ୍ପର୍କିତ ତଥ୍ୟ ଜିଲ୍ଲା ତଥା ରାଜ୍ୟର ସର୍ଭେଲାନ୍ସ ଅଧିକାରୀଙ୍କୁ ଜଣାଯିବ। ସୂଚନାଥାଉକି ହେପାଟାଇଟିସ ସିକୁ ସଠିକ ସମୟରେ ତନିମାସ ପାଇଁ ଚିକିତ୍ସା କରାଗଲେ ତାହା ଭଲ ହୋଇପାରିବ ମାତ୍ର ହେପାଟାଇଟିସ ବି ପାଇଁ ଜୀବନବ୍ୟାପୀ ଚିକିତ୍ସା ଦରକାର। ତେବେ ଡାଇଗ୍ନୋସିସର ଅଭାବ ପାଇଁ ଯକୃତ ନଷ୍ଟ ଓ ହେପାଟୋ ସେଲ୍ୟୁଲାର କାର୍ସିନୋମା ବା ଯକୃତ କର୍କଟ ଦେଖାଦେଉଛି। ରାଜ୍ୟରେ ଏହି ଦୁଇ ରୋଗକୁ ହ୍ରାସ କରିବାକୁ ହେଲେ ଧାର୍ଯ୍ୟ ସମୟରେ ଆବଶ୍ୟକ ତଥ୍ୟ ସହିତ ପ୍ଲାନିଂ ଓ ଇଣ୍ଟରଭେସନର ଆବଶ୍ୟକତା ରହିଛି। ସୂଚନା ଥାଉକି ଗତ ବର୍ଷ ସ୍ୱାସ୍ଥ୍ୟ ବିଭାଗ କର୍କଟ ରୋଗକୁ ଏକ ନୋଟିଫାଏବୁଲ ରୋଗ ଭାବେ ଘୋଷଣା କରିଥିଲେ।

ସାଧାରଣରେ ହେପାଟାଇଟିସ୍ ବି ଏକ ସଂକ୍ରାମକ ରୋଗ । ହେପାଟାଇଟିସ ‘ବି’ ଭୂତାଣୁ ଦ୍ୱାରା ସୃଷ୍ଟି ହେଉଥିବା ଏହି ରୋଗଟି ମଣିଷର ଯକୃତକୁ ଆକ୍ରାନ୍ତ କରି ଯନ୍ତ୍ରଣା ଦେଇଥାଏ । ଯାହାକୁ ଯକୃତ ପ୍ରଦାହ କୁହାଯାଏ । ଏହି ରୋଗୀ ମାନଙ୍କର ଆଖି ହଳଦିଆ ଦିଶେ, ଏହା ସହ ଯକୃତ ଫୁଲିଯାଇଥାଏ, ଜ୍ୱର ଅନୁଭୂତ ହେବା ସହ ବାନ୍ତି ମଧ ହୋଇଥାଏ । ଯଦି ଦୀର୍ଘ ଚିକିତ୍ସା ଦ୍ୱାରା ଶରୀରରୁ ଏହି ଭୂତାଣୁର ବିଲୋପ ନହୁଏ ତେବେ ଏହା ଲିଭର ସିରୋସିସ୍ ବା ଜଳଉଦରୀ ଏବଂ ଯକୃତ କର୍କଟ ରୋଗ ମଧ ସୃଷ୍ଟି କରିପାରେ । ଏକ ପରିସଂଖ୍ୟାନରୁ ଜଣାଯାଇଛି ଯେ ଆମ ଦେଶରେ ପ୍ରାୟ ୮୦ଭାଗ ଯକୃତ କର୍କଟ ରୋଗ ପାଇଁ ହେପାଟାଇଟିସ୍ ‘ବି’ ସଂକ୍ରମଣ ହିଁ ଦାୟୀ । ଦେଶରେ ହେପାଟାଇଟିସ୍ ‘ବି’ ଭୂତାଣୁର ବାହକ ବହୁ ସଂଖ୍ୟାରେ ଅଛନ୍ତି । ଏହି ବାହକମାନେ ସାଧାରଣରେ ନୀରୋଗ ଓ ସୁସ୍ଥ ଜଣାପଡ଼ିଥାନ୍ତି । ଏହି ଭୂତାଣୁ ଦ୍ୱାରା ଅନ୍ୟ ଲୋକମାନେ ମଧ ସଂକ୍ରମିତ ହୋଇଥାନ୍ତି। ବିଶୁଦ୍ଧ ହୋଇନଥିବା ଛୁଞ୍ଚି ଦ୍ୱାରା ଇଞ୍ଜେକସନ୍ ନେଲେ କିମ୍ବା କର୍ଣ୍ଣଛେଦନ (କାନଫୋଡା ବା ଚିତାକୁଟା) କଲେ, ଅପରିଷ୍କାର ଯନ୍ତ୍ରପାତି ଦ୍ୱାରା ଅସ୍ତ୍ରୋପଚାର ବା ଘା’ ସିଲେଇ କଲେ, ଏହି ସଂକ୍ରମଣର ସମ୍ଭାବନା ରହିଥାଏ । ସେହିପରି ସଂକ୍ରମିତ ରକ୍ତଦେଲେ ହେପାଟାଇଟିସ୍ ‘ବି’ ଭୂତାଣୁ ଦ୍ୱାରା ସଂକ୍ରମିତ ହେବାର ସମ୍ଭାବନା ଖୁବ୍ ବଢ଼ିଥାଏ । ଅସୁରକ୍ଷିତ ଯୌନ ସମ୍ପର୍କ ଦ୍ୱାରା ମଧ ଏହି ରୋଗ ବ୍ୟାପିଥାଏ।

ଛୋଟ ପିଲାମାନେ ସାଧାରଣତଃ ଜନ୍ମ ସମୟରେ ସଂକ୍ରମିତ ମାଆ ଠାରୁ ଭୂତାଣୁର ଶିକାର ହୋଇଥାନ୍ତି ଯାହାକୁ ସିଧାପ୍ରସାରଣ କୁହାଯାଏ । ଭୂତାଣୁ ପ୍ରସାରଣର ଦ୍ୱିତୀୟ ମାଧ୍ୟମ ହେଉଛି ଗୋଟିଏ ପିଲାଠାରୁ ଅନ୍ୟ ଏକ ପିଲାକୁ ସଂକ୍ରମଣ । ଏହାକୁ ସମାନ୍ତର ପ୍ରସାରଣ କୁହାଯାଏ । ଅସୁରକ୍ଷିତ ଯୌନ ସମ୍ପର୍କ ଦ୍ୱାରା ମଧ ଏହି ଭୂତାଣୁ ବ୍ୟାପିଥାଏ। ସମଗ୍ର ପୃଥିବୀରେ ୩୫୦ ମିଲିୟନ ଲୋକ ହେପାଟାଇଟିସ୍ ‘ବି’ର ବାହକ। ଛଅ ଲକ୍ଷ ଲୋକ ପ୍ରତିବର୍ଷ ହେପାଟାଇଟିସ୍ ’ବି’ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରନ୍ତି। ଆମେରିକା, ୟୁରୋପ, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଇତ୍ୟାଦି ଦେଶରେ ହେପାଟାଇଟିସ୍ ‘ବି’ର ବାହକ ସାଧାରଣତଃ କମ୍ (୦.୧-୨%)। ଜାପାନ, ଭାରତ, ସିଙ୍ଗାପୁର ଓ ଭୂମଧ୍ୟ ସାଗରୀୟ ଅଞ୍ଚଳରେ ୩-୫% ବ୍ୟକ୍ତି ହେପାଟାଇଟିସ୍ ‘ବି’ର ବାହକ। ଦକ୍ଷିଣ ପୂର୍ବ ଏସିଆ, ଚାଇନା ଓ ଆଫ୍ରିକା ମହାଦେଶରେ ୮ରୁ ୧୨% ବ୍ୟକ୍ତି ହେପାଟାଇଟିସ୍ ‘ବି’ର ବାହକ ଅଟନ୍ତି।

ଆମ ଦେଶରେ ବର୍ତ୍ତମାନ ପାଖାପାଖି ପାଞ୍ଚକୋଟି ହେପାଟାଇଟିସ୍ ‘ବି’ ଭୂତାଣୁର ବାହକ ରହିଛନ୍ତି । ଏହି ହେପାଟାଇଟିସ୍ ‘ବି’ ଭୂତାଣୁ ସଂକ୍ରମିତ ପିଲାମାନଙ୍କ ସାଧାରଣତଃ କୌଣସି ଲକ୍ଷଣ ନଥାଏ ଓ ଏମାନେ ନୀରୋଗ ଓ ସୁସ୍ଥ ଜଣାପଡ଼ିଥାନ୍ତି । ଏହି ସୁସ୍ଥ ଦେଖାଯାଉଥିବା ପିଲାମାନେ ତାଙ୍କ ସଂସ୍ପର୍ଶରେ ଆସୁଥିବା ଅନ୍ୟ ପିଲାମାନଙ୍କୁ ଅଜାଣତରେ ଏହି ଭୂତାଣୁ ପ୍ରଦାନ କରିଥାନ୍ତି । ପରବର୍ତ୍ତୀ କାଳରେ ଏହି ସୁସ୍ଥ ଦେଖାଯାଉଥିବା ବାହକ ପିଲାଟି ଯକୃତ ସିରୋସିସ୍ ବା ଯକୃତ କର୍କଟ ରୋଗରେ ଆକ୍ରାନ୍ତ ହୋଇଥାଏ । କେତେକ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଶିଶୁ ଅବସ୍ଥାରେ ସଂକ୍ରମିତ ହୋଇଥିବା ପ୍ରତି ଚାରିଜଣଙ୍କ ମଧ୍ୟରୁ ଜଣେ ଯକୃତ କର୍କଟ ରୋଗରେ ପ୍ରାଣ ହରାଇଥାନ୍ତି ।

ପ୍ରକାଶିତ ବିଭିନ୍ନ ରିପୋର୍ଟର ତଥ୍ୟ ଅନୁଯାୟୀ ଜଣାଯାଇଛି ଯେ, ଭାରତରେ ପ୍ରତି କୋଡିଏ ଜଣଙ୍କ ମଧ୍ୟରୁ ଅନ୍ୟୁନ ଜଣେ ଏହି ହେପାଟାଇଟିସ୍ ‘ବି’ ଭୂତାଣୁର ବାହକ । ସବୁଠାରୁ ଉଦ୍‌ବେଗଜନକ ତଥ୍ୟ ହେଉଛି ଏହାଯେ, ଅଧିକାଂଶ ବାହକମାନେ ଜାଣିନଥାନ୍ତି ଯେ ସେମାନେ ଏହି ଭୂତାଣୁ ଦ୍ୱାରା ସଂକ୍ରମିତ । ଏହି ବାହକ ମାନଙ୍କ ସାଙ୍ଗରେ ଆକସ୍ମିକ ସଂପର୍କ ଦ୍ୱାରା ଏହି ଭୂତାଣୁ ଜଣେ ସୁସ୍ଥ ଲୋକର ଶରୀରକୁ ପ୍ରବେଶ କରେ। ହେପାଟାଇଟିସ୍ ‘ବି’ ଏଡ୍‌ସ ଠାରୁ ଶହେଗୁଣ ଅଧିକ ସଂକ୍ରାମକ । ପରିସଂଖ୍ୟାନରୁ ଜଣାଯାଇଛି ଭାରତରେ ପାଞ୍ଚକୋଟିରୁ ଅଧିକ ହେପାଟାଇଟିସ୍ ‘ବି’ର ବାହକ ଅଛନ୍ତି ଓ ଚାଳିଶ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଏହି ଭୂତାଣୁ ଜନିତ ସାଙ୍ଘାତିକ ଯକୃତ ରୋଗରେ କଷ୍ଟ ପାଉଛନ୍ତି । ପ୍ରତିବର୍ଷ ପ୍ରାୟ ଏକଲକ୍ଷ ଲୋକ ଏହି ଭୂତାଣୁ ଜନିତ ଯକୃତ ରୋଗରେ ମୃତ୍ୟୁବରଣ କରିଥାନ୍ତି । ହେପାଟାଇଟିସ୍ ‘ବି’ ପ୍ରତିଷେଧକ ଟୀକା ବ୍ୟବହାର କଲେ ଏହି ରୋଗରୁ ସୁରକ୍ଷିତ ରହିହେବ । ସାଧାରଣତଃ ତିନୋଟି ଟୀକା ଜଣେ ଲୋକକୁ ନେବାକୁ ପଡ଼ିଥାଏ । ପ୍ରଥମ ଟୀକାର ଏକମାସ ପରେ ଦ୍ୱିତୀୟ ଟୀକା ଓ ପ୍ରଥମ ଟୀକାର ଛଅମାସରେ ତୃତୀୟ ଟୀକା ନେବାକୁ ପଡ଼ିଥାଏ । ସାଧାରଣତଃ ଏହି ଟୀକା ନେବାପରେ ଶରୀରରେ କୌଣସି କୁପ୍ରଭାବ ଦେଖାଯାଇନଥାଏ । ବର୍ତ୍ତମାନ ପର୍ଯ୍ୟନ୍ତ ଏହି ସଂକ୍ରାମକ ହେପାଟାଇଟିସ୍ ‘ବି’ ପାଇଁ ଯେଉଁ ପ୍ରକାରର ଉତ୍କୃଷ୍ଟ ଧରଣର ଔଷଧ ଆବିଷ୍କାର ହୋଇଅଛି ତାହାଦ୍ୱାରା ଏହି ଭୂତାଣୁକୁ ଶରୀରରୁ ସଂପୂର୍ଣ୍ଣ ନିଶ୍ଚିହ୍ନ କରିହେବନାହିଁ । ଯେଉଁ ଔଷଧଗୁଡ଼ିକ ଏହି ଭୂତାଣୁ ବିରୋଧରେ କିଛି ପରିମାଣରେ ସଫଳତା ଲାଭ କରିଥାଏ ସେଗୁଡ଼ିକ ମଧ୍ୟରୁ ବଜାରରେ ଉପଲବ୍ଧ ହେଉଥିବା ଇଣ୍ଟରଫେରନ୍, ଏଣ୍ଟାକେଭିର ଓ ଟେନୋଫୋଭିର୍ ମୁଖ୍ୟ । ଏହି କାରଣ ଯୋଗୁଁ ସବୁଠାରୁ ଉତ୍ତମ ଉପାୟ ହେଉଛି ସଂକ୍ରମଣରୁ ନିଜକୁ ରକ୍ଷା କରିବା, ଏହା କେବଳ ଟୀକା ଦ୍ୱାରା ସମ୍ଭବ । ସାଧାରଣତଃ ହେପାଟାଇଟିସ୍ ‘ବି’ ଏକ ସଂକ୍ରାମକ ରୋଗ ହୋଇଥିଲେ ବି ଏହାକୁ ନେଇ ସେପରି ଭୟଭୀତ ହେବାର କାରଣ ନାହିଁ । ଅଭିଜ୍ଞ ଲିଭର ବିଶେଷଜ୍ଞଙ୍କ ପରାମର୍ଶ ନେଲେ ପ୍ରାଥମିକ ଅବସ୍ଥାରୁ ଏହାର ନିରାକରଣ ସମ୍ଭବ ।


ପ୍ରଫେସର, ହେପାଟାଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭


## ବଢୁଛି ମଧୁମେହ ରୋଗୀଙ୍କ ସଂଖ୍ୟା


॥ ଗୋପାଳ ମହାପାତ୍ର ॥


ନିକଟରେ ଇଂଲଣ୍ଡରୁ ପ୍ରକାଶିତ ମେଡ଼ିକାଲ ଜର୍ଣ୍ଣାଲ ଲେସେଣ୍ଟରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ବାରତରେ ମଧୁମେହ (ଡାଇବେଟିସ୍) ରୋଗିଙ୍କ ସଂଖ୍ୟା ୧୦କୋଟିରୁ ଅଧିକ ହୋଇଗଲାଣି । ୪ ବର୍ଷ ତଳେ ଏହିରୋଗୀଙ୍କ ସଂଖ୍ୟା ଯାହାଥିଲା ତାର ୪୪ ପ୍ରତିଶତ ଏଇ ୪ ବର୍ଷ ମ୍ଭରେ ବୃଦ୍ଧି ପାଇଛି । ଆଇ.ସି.ଏମ୍.ଆର୍ ପକ୍ଷରୁ ଏ ପ୍ରସଙ୍ଗରେ କରାଯାଇଥିବା ଅ୍ଧୟନରୁ ଜଣାପଡ଼ିଛି ଯେ ପ୍ରି ଡାଇବେଟିସ୍ ବା ଯେଉଁମାନେ ଏହି ରୋଗରେ ଆକ୍ରାନ୍ତ ହେବାକୁ ଯାଉଛନ୍ତି ଅନ୍ୟ ଅର୍ଥରେ ଯେଉଁମାନଙ୍କଠାରେ ଏହି ରୋଗର ଲକ୍ଷଣ ଜଣାପଡୁଛି ସେମାନଙ୍କ ସଂଖ୍ୟା ସାଢ଼େ ତେର କୋଟିରୁ ଅଧିକ ଯାହା ଦେଶର ବର୍ତ୍ତମାନ ଜନସଂଖ୍ୟାର ୧୫ ପ୍ରତିଶତରୁ ଅଧିକ । ଅନ୍ୟପକ୍ଷରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁସାରେ ସାରା ବିଶ୍ୱରେ ପ୍ରତିବର୍ଷ ମଧୁମେହ ବା ଡାଇବେଟିସ ରୋଗରେ ପାଖାପାଖି ୪୦ ଲକ୍ଷ ଲୋକଙ୍କର ମୃତ୍ୟୁ ହେଉଛି । ଭାରତକୁ ଏକ ଯୁବା ଦେଶ ବୋଲି କୁହାଯାଉଛି କାରଣ ଦେଶରେ ଯୁବ ସଂଖ୍ୟା ଅଧିକ। କିନ୍ତୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଭାରତରେ ଯୁବପିଢ଼ୀ ଅଧିକ ଭାବରେ ଏହି ରୋଗରେ ଆକ୍ରାନ୍ତ ହେଉଛନ୍ତି । ଏହି ତଥ୍ୟ ଗୁରୁତ୍ୱପୂର୍ଣ୍ଣ ନିଶ୍ଚୟ । ସ୍ୱର୍ଶକାତର କଥା ହେଉଛି ୨୦ରୁ ୩୫ ବର୍ଷର ଯୁବକମାନେ ଅଧିକ ଭାବେ ମଧୁମେହ ରୋଗରେ ପୀଡ଼ିତ ହେଉଛନ୍ତି । ଏଣୁ ମଧୁମେହ ବା ଡାଇବେଟିସ୍ ଏକ ସମସ୍ୟା ଭାବେ ଉଭାହେଲାଣି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ କହୁଛି ଯେ ୧୮ବର୍ଷରୁ କମବୟସର ପିଲାଙ୍କ ମ୍ଭରୁ ୨୨ ପ୍ରତିଶତ ମେଦବହୁଳତାର ଶିକାର ହେଉଛନ୍ତି । ଏ ପ୍ରସଙ୍ଗରେ କୁହାଯାଇଛି ଯେ ଜୀବନଚର୍ଯ୍ୟାରେ ବ୍ୟତିକ୍ରମ ହିଁ ମଧୁମେହ ରୋଗର ପ୍ରମୁଖ କାରଣ । ବ୍ୟାୟାମ ନକରିବା ଏପରିକି ଶାରୀରିକ ପରିଶ୍ରମରୁ ଦୁରେଇ ରହିବା, ଉଚ୍ଚ କ୍ୟାଲୋରୀର ଖାଦ୍ୟ ଖାଇବା, ଅଧିକ ମିଠା ଖାଇବା ମ୍ଭ ଏହି ରୋଗର ଅନ୍ୟତମ କାରଣ । ତାହେଲେ ପାଶ୍ଚାତ୍ୟ ଶୈଳୀକୁ ଆପଣେଇ ଆମେ କ’ଣ ରୋଗକୁ ଆମନ୍ତ୍ରଣ କରୁଛେ ? ଖାଦ୍ୟ ବିଶେଷଜ୍ଞମାନଙ୍କ ମତରେ ସ୍ୱାସ୍ଥ୍ୟପାଇଁ ସେ ସବୁ ଜିନିଷ ଠିକ୍ ଯାହା ଆମ ଆଖପାଖରେ ମିଳିଥାଏ । ଫଳ, ପନିପରିବା, ଖାଦ୍ୟଶସ୍ୟର ପ୍ରକୃତି ଯାହା ଆମ ଶରୀରର ପ୍ରକୃତି ମ୍ଭ ଠିକ୍ ସେୟା । ଶରୀର ପାଇଁ ଫାଷ୍ଟଫୁଡ୍ ଆଦୌ ଠିକ୍ ନୁହେଁ । ସେହିଭଳି ଶୀତତାପ ନିୟନ୍ତ୍ରଣ ଯନ୍ତ୍ର ବ୍ୟବହାର କରିବା ଦ୍ୱାରା ବାହାରର ପ୍ରାକୃତିକ ବାୟୁ ପାଇବାରୁ ଆମେ ବଞ୍ଚିତ ହେଉଛେ । ନୂଆ ନୂଆ ପ୍ରକାରର ପାନୀୟ ଏବଂ ଆମ ପରିବେଷରେ ଉତ୍ପନ୍ନ ହେଉନଥିବା ଫଳ (ଖାଦ୍ୟପଦାର୍ଥ) ବାବଦରେ କୌଣସି ପରୀକ୍ଷା ନୀରିକ୍ଷା ନ କରି ଆମେ ତାକୁ ଗ୍ରହଣ କରିନେଉଛେ । ବଜାରରେ ଉପଲବ୍ଧ ଅନେକ ପ୍ରକାରର ପ୍ୟାକେଟ ଖାଦ୍ୟ ଏବଂ ‘ଇଷ୍ଟ୍‌ଫୁଡ୍ ମ୍ଭ ଆମେ ବ୍ୟବହାର କରୁଛେ ଯାହା ସ୍ୱାସ୍ଥ୍ୟ ଉପରେ ବିପରିତ ପ୍ରଭାବ ପକାଇ ଥାଏ ।

ଭାରତରେ ମଧୁମେହ, ଏଞ୍ଜାଇଟି ଡିଜ୍‌ଅର୍ଡ଼ର, ଅବସାଦ ଭଳି ଜୀବନଶୈଳୀ ସଂବନ୍ଧିତ ରୋଗ ବିଶେଷ ଭାବରେ ସହରାଞ୍ଚଳରେ ଅଧିକ ଦେଖାଯାଉଛି । ମଧୁମେହ ଭଳି ଅବସାଦ ଓ ମାନସିକ ଚାପ ମ୍ଭ ଯୁବକ ମାନଙ୍କଠାରେ ଅଧିକ ଭାବେ ଦେଖିବାକୁ ମିଳୁଛି। ଏବେ ଗ୍ରାମାଞ୍ଚଳରେ ମ୍ଭ ଏସବୁ ରୋଗ ବ୍ୟାପିଲାଣି ଓ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଲାଣି । ବିଶ୍ୱସ୍ତରୀୟ ରିପୋର୍ଟ ଅନୁସାରେ ବିଶ୍ୱର ଅନ୍ୟଦେଶମାନଙ୍କ ଅପେକ୍ଷା ଭାରତରେ ଅଧିକ ମଧୁମେହ ରୋଗୀ ଅଛନ୍ତି । ଭାରତର ୩୧ ରାଜ୍ୟ ଏବଂ କେନ୍ଦ୍ରଶାସିତ ପ୍ରଦେଶମାନଙ୍କ ବାବଦରେ ମେଡ଼ିକାଲ ଜର୍ଣ୍ଣାଲ ଲେସେଣ୍ଟରେ ପ୍ରକାଶ ପାଇଛି । ଗୋଆ, ପୁଡୁଚେରି, କେରଳ, ଚଣ୍ଡଗଡ଼, ଦିଲ୍ଲୀ, ତାମିଲନାଡୁ ଓ ପଶ୍ଚିମବଙ୍ଗ, ସିକିମ୍, ପଞ୍ଜାବ ଏବଂ ହରିଆଣାରେ ମଧୁମେହ ରୋଗୀଙ୍କ ସଂଖ୍ୟା ଅଧିକ । ଓଡ଼ିଶାରେ ମ୍ଭ ଏହି ରୋଗ ବ୍ୟାପିବାରେ ଲାଗିଛି । ୨୦୧୬ର ସରକାରୀ ତଥ୍ୟ ଅନୁସାରେ ଅଧିକ ମଧୁମେହ ରୋଗୀ ଥିବା ଦେଶର ୨୦ଟି ଜିଲ୍ଲା ମ୍ଭରେ ରହିଥିଲା ଖୋର୍ଦ୍ଧା ଜିଲ୍ଲା ଏବଂ କଟକ ଜିଲ୍ଲା । ୨୦୨୦ ଡିସେମ୍ବର ମାସରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ଓଡ଼ିଶାରେ ୪.୨ନିୟୁତ ମଧୁମେହ ରୋଗୀ ଥିଲେ । ଏଣୁ ଏବେ ଏମାନଙ୍କ ସଂଖ୍ୟା ବଢ଼ିଯିବଣି ନିଶ୍ଚୟ । ୨୦୨୧ରେକେନ୍ଦ୍ର ସରକାରଙ୍କ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ (ଏନ୍ ଏ୍ ଏଚ୍ ଏସ୍) ଯେଉଁ ରିପୋର୍ଟ ପ୍ରକାଶ କରିଥିଲେ ତାହା ଉଦ୍‌ବେଗ ଜନକ। ରିପୋର୍ଟ ଅନୁସାରେ ଓଡ଼ିଶାର ପ୍ରତି ୪ଜଣ ପୁରୁଷଙ୍କ ମ୍ଭରୁ ଜଣେ ମଧୁମେହ ଓ ଅବସାଦଗ୍ରସ୍ତ ରୋଗୀ ହୋଇଥିବା ବେଳେ ପ୍ରତି ୫ଜଣ ମହିଳାଙ୍କ ମ୍ଭରେ ଜଣେ ଏଭଳି ରୋଗୀ ଅଛନ୍ତି । ଏହି ରିପୋର୍ଟ ଅନୁସାରେ ରାଜ୍ୟର ୧୫ବର୍ଷର ୨୫.୫ ପ୍ରତିଶତ ପୁଅ ଏବଂ ୨୨.୪ ପ୍ରତିଶତ ପ୍ରତିଶତ ଝିଅ ଉଚ୍ଚରକ୍ତଚାପ ରୋଗର ଶୀକାର । ସ୍ୱାସ୍ଥ୍ୟ ବିଶେଷଜ୍ଞ ମାନଙ୍କ ଅନୁସାରେ ମଧୁମେହ ଏକ ସାଇଲେଣ୍ଟ କିଲର ବା ଅନ୍ୟ ଅର୍ଥରେ ଧିରେ ଧିରେ ମଣିଷକୁ ମୃତ୍ୟୁମୁଖକୁ ଟାଣି ନେଉଥିବା ରୋଗ।

ଦେଶରେ ମଧୁମେହ ରୋଗୀଙ୍କ ସଂଖ୍ୟା ଦିନ ପ୍ରତିଦିନ ବଢ଼ିବାରେ ଲାଗିଛି । ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସବୁ ବୟସର ଲୋକଙ୍କୁ ଆକ୍ରାନ୍ତ କରୁଛି ଏହି ରୋଗ । ସୁସ୍ଥବ୍ୟକ୍ତିର ଖାଇବା ପୂର୍ବର ରକ୍ତରେ ଗ୍ଲୁକୋଜ ସ୍ତର ୭୦ରୁ ୧୦୦ ଏମ୍.ଜି.ଡିଏଲ୍ ରହିଥାଏ । ଖାଇବା ପରେ ଏହି ସ୍ତର ୧୨୦ରୁ ୧୪୦ଏମ୍.ଜି.ଡିଏଲ୍ ହୋଇଯାଇଥାଏ ଏବଂ ଏହା ଧିରେ ଧିରେ କମିଯାଇଥାଏ । କିନ୍ତୁ ମଧୁମେହ ରୋଗ ହେଲେ ଏହିସ୍ତର ବଢ଼ିଯାଇଥାଏ । ଏକ ଦଶନ୍ଧି ପୂର୍ବରୁ ଭାରତରେ ମଧୁମେହ ରୋଗ ୪୦ବର୍ଷ ବା ତା ଠାରୁ ଅଧିକ ବୟସର ଲୋକଙ୍କୁ ହେଉଥିଲା । କିନ୍ତୁ ଏବେ ସବୁ ବୟସର ଲୋକଙ୍କୁ ଆକ୍ରାନ୍ତ କରୁଛି । ବିଶେଷଜ୍ଞ ମାନଙ୍କ ମତରେ ୨୦୩୦ ବେଳକୁ ଭାରତର ମଧୁମେହ ରୋଗୀଙ୍କ ସଂଖ୍ୟା ୫୫କୋଟିରୁ ଅଧିକ ହୋଇଥିବ । କେନ୍ଦ୍ର ସରକାର ଏକଥାକୁ ଗୁରୁତ୍ୱର ସହ ବିଚାର କରିବା ଉଚିତ୍ ନ ହେଲେ ଆଗାମୀ କିଛି ବର୍ଷ ପରେ ଭାରତ ଏକ ରୋଗୀଙ୍କ ଦେଶରେ ପରିଣତ ହୋଇଯିବ । ମଧୁମେହର ଚିକିତ୍ସା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ । ଅନେକ ବିଶେଷଜ୍ଞଙ୍କ ମତରେ ଜୀବନଚର୍ଯ୍ୟା ଠିକ୍ ରହିଲେ ଏହି ରୋଗ ପାଖ ମାଡ଼ି ପାରିବ ନାହିଁ। ମଧୁମେହ ରୋଗକୁ ବିଲୋପ କରାଯାଇ ନ ପାରିଲେ ମ୍ଭ ଏହାକୁ ନିୟନ୍ତ୍ରଣ କରାଯାଇ ପାରିବ । ଏହାର ନିୟନ୍ତ୍ରଣ ପାଇଁ ଅନେକ ଚିକିତ୍ସା ରହିଛି କିନ୍ତୁ ପ୍ରାକୃତିକ ଚିକିତ୍ସା ଏଥିପାଇଁ ଅଧିକ ଉପାଦେୟ । ଯୋଗ ମ୍ଭ ମଧୁମେହକୁ ନିୟନ୍ତ୍ରଣ କରିପାରେ । ପ୍ରାଣାୟାମ, ବ୍ୟାୟାମ ଓ ଆସନ ଦ୍ୱାରା ମ୍ଭ ମଧୁମେହକୁ ନିୟନ୍ତ୍ରଣ କରାଯାଇପାରିବ ।


ରାମଚନ୍ଦ୍ରପୁର, ରଣପୁର, ମୋ.- ୯୪୩୮୪୮୫୦୯୪


## ଶ୍ରୀମନ୍ଦିରର ରୋଷଘର ଓ କୋଠଭୋଗ


॥ ଡକ୍ଟର ରାଜକିଶୋର ମିଶ୍ର ॥


ମହାପ୍ରସାଦର ଉତ୍ପତ୍ତିସ୍ଥଳ ଶ୍ରୀମନ୍ଦିରର ପବିତ୍ର ରୋଷଘର । ଶ୍ରୀମନ୍ଦିର ପରିସରର ଦକ୍ଷିଣପୂର୍ବ କୋଣରେ, ଭିତରବେଢ଼ା ଏବଂ ବାହାରବେଢ଼ାର ମଧ୍ୟବର୍ତ୍ତୀ ସ୍ଥାନରେ ପ୍ରାୟ ୧୫୦ଫୁଟ ଦୀର୍ଘ ଓ ୧୦୦ଫୁଟ ପ୍ରସ୍ଥ ବିଶିଷ୍ଟ ରୋଷଘର ଅବସ୍ଥିତ । ରୋଷଘରଟି ତିନିଗୋଟି ବଖରାରେ ବିଭକ୍ତ । ୧୦ଟି ଧୂଆଁନଳା ଥିବା ଏହି ପାକଶାଳାଟି ମାଙ୍କଡାପଥରରେ ନିର୍ମିତ । ୬୦୦ରୁ ଅଧିକ ସୁଆର ଓ ସେମାନଙ୍କ ପ୍ରାୟ ୪୦୦ ସହକାରୀ ପ୍ରତିଦିନ ରୋଷଘରେ କାମ କରନ୍ତି । ବିଗ୍ରହମାନଙ୍କୁ ଅର୍ପଣ ହେଉଥିବା ଭୋଗଦ୍ରବ୍ୟ ଗୁଡ଼ିକ ପ୍ରସ୍ତୁତି ହେବା ପାଇଁ ରହିଛି ତିନିପ୍ରକାର ଚୁଲି, ଯାହା ଅନ୍ନଚୁଲି, ଅହିଆ ପିଠାଚୁଲି ନାମରେ ପରିଚିତ । ରୋଷଶାଳାରେ ପ୍ରବେଶ କରିବାର ଅଧିକାର ଓ ରାନ୍ଧିବା ଅଧିକାର କେବଳ ସୁଆରମାନଙ୍କର ହିଁ ରହିଛି । ସମସ୍ତ ଚୁଲିରେ ବଂଶାନୁକ୍ରମେ ସେଇମାନେ ହିଁ ପ୍ରସାଦ ପାକ କରନ୍ତି । କିମ୍ବଦନ୍ତୀ କହେ ଯେ, ସୁଆରମାନେ ବ୍ରାହ୍ମଣ ବିଦ୍ୟାପତି ଓ ଶବର ଲଳିତାଙ୍କ ବଂଶଧର । ରୋଷଶାଳା ଚଟାଣ ଉପରେ ପ୍ରାୟ ୪ଫୁଟ ଉଚ୍ଚ ଓ ଦୁଇଫୁଟ ପ୍ରସ୍ଥ ବିଶିଷ୍ଟ ଲମ୍ବା ଲମ୍ବା ମାଟିର ପ୍ଲାଟଫର୍ମ ରହିଛି । ଏହି ପ୍ଲାଟଫର୍ମ ଉପରେ ଧାଡ଼ି ଧାଡ଼ି ହୋଇ ରହିଛି ଚୁଲିସବୁ । ସବୁଠାରୁ ଅଧବକା ରହିଛି ଅନ୍ନଚୁଲି (ଏକଶହରୁ ଉର୍ଦ୍ଧ୍ୱ), ଯେଉଁଥିରେ ଅନ୍ନ, ଖେଚୁଡ଼ି, କନିକା ପ୍ରଭୃତି ରନ୍ଧାଯାଏ । ପ୍ରତି ଅନ୍ନଚୁଲିରେ ଏକାଥରକେ ୯ଟି ଅନ୍ନହାଣ୍ଡି ବସି ରନ୍ଧାଯାଏ । ଡାଲି, ତରକାରୀ, ଶାଗ, ବେସର, ମହୁର, ଖଟା ପ୍ରଭୃତି ରନ୍ଧା ଯାଉଥିବା ଅହିଆଚୁଲିର ସଂଖ୍ୟା ପ୍ରାୟ ଏକଶତ ଏବଂ ପିଠା ପ୍ରସ୍ତୁତ କରିବା ପାଇଁ ରହିଛି ୧୦ଟି ପିଠା ଚୁଲି । କାଠ ହିଁ ମନ୍ଦିର ରୋଷଶାଳାର ଏକମାତ୍ର ଇନ୍ଧନ । କୋଇଲା, ଗ୍ୟାସ୍ ବା ବିଦ୍ୟୁତ୍‌ଶକ୍ତି ରନ୍ଧାଶାଳାରେ ଗ୍ରହଣୀୟ ନୁହେଁ । ରୋଷଘରର ଅଧିଷ୍ଠାତ୍ରୀ ଦେବୀ ମା’ ଲକ୍ଷ୍ମୀଙ୍କର ଗୋଟିଏ ପଥର ମୂର୍ତ୍ତି ମଧ ରହିଛି ରୋଷଶାଳା ରାସ୍ତାରେ । ରୋଷଘର ଦ୍ୱାରରେ ପୁଣି ରୋଷଗଣେଷଙ୍କର ଆସ୍ଥାନ । ସୁଆରମାନେ ତାଙ୍କ ସେବାରେ ନିୟୋଜିତ । କୋଠଭୋଗ ରୋଷରେ ଶ୍ରୀମନ୍ଦିରର କୋଠଭୋଗ ରନ୍ଧାଯାଏ । କୋଠଭୋଗ ପାଇଁ ଏକ ‘ସରଘର’ ରହିଛି । ଯେଉଁଠାରେ କି କୋଠଭୋଗ ‘ଅମୁଣିଆ’ (ଅର୍ଥାତ୍ ତିଆରି ହୋଇଥିବା ମାତ୍ର ଭୋଗ ଲାଗି ନଥିବା) ରଖାଯାଏ ।

ଦ୍ୱାଦଶ ଶତାବ୍ଦୀରେ ନିର୍ମିତ ବର୍ତ୍ତମାନର ଶ୍ରୀଜଗନ୍ନାଥ ମନ୍ଦିର ଉତ୍କଳୀୟ ଭାସ୍କର୍ଯ୍ୟ ତଥା କଳା ନୈପୁଣ୍ୟର ଏକ ଅନବଦ୍ୟ କୃତି । ରହସ୍ୟମୟ ଶ୍ରୀଜଗନ୍ନାଥଙ୍କ ରୀତି, ନୀତି, ବେଶ, ଭୋଗ, ଯାନିଯାତ୍ରା ସବୁଥିରେ ଏକ ସ୍ୱାତନ୍ତ୍ର୍ୟ ରହିଅଛି । ସମଗ୍ର ଭାରତବର୍ଷରେ ଏପରି କୌଣସି ନୀତି ବହୁଳ ମନ୍ଦିର ନାହିଁ, ଯାହାକି, ଶ୍ରୀମନ୍ଦିର ସହିତ ତୁଳନୀୟ ହୋଇପାରିବ । ଶ୍ରୀଜୀଉଙ୍କ ରାଜଭୋଗ ବା କୋଠଭୋଗର ସମସ୍ତ ଖର୍ଚ୍ଚ ଶ୍ରୀମନ୍ଦିର ପ୍ରଶାସନ ବହନ କରିଥାଏ । ଦୈନନ୍ଦିନ କୋଠ ଭୋଗ ସାମଗ୍ରୀ ମଧ୍ୟରେ ଥାଳି ଚାଉଳ-୫୮ କି.ଗ୍ରା.୮୪୦ ଗ୍ରାମ୍, ଚୁନା ଚାଉଳ-୨୯ କି.ଗ୍ରା. ୬୫୦ଗ୍ରାମ୍, ମୁଗ-୭କି.ଗ୍ରା. ୨୫୦ ଗ୍ରାମ୍, ଖିସ୍‌ମିସ୍ - ୫୦ଗ୍ରାମ୍, ବିରି-୧୮କି.ଗ୍ରା, ଓମ୍‌ଫେଡ୍ ଘିଅ - ୨୯ କି.ଗ୍ରା. ୯୦୬ଗ୍ରାମ୍, ଗୁଡ଼ - ୨୮ କି.ଗ୍ରା. ୭୯୨ ଗ୍ରାମ୍, ଚିନି - ୨୦ କି.ଗ୍ରା. ୯୬୨ ଗ୍ରାମ୍, ଅଟା - ୨୫ କି.ଗ୍ରା, ସୁଜି-୬୦୦ ଗ୍ରାମ୍, ବେସନ - ୩୦୦ଗ୍ରାମ୍, ଜୀରା - ୧୫୦ ଗ୍ରାମ୍, ମରିଚ-୭୫ଗ୍ରାମ୍, ଅଳେଇଚ - ୧୧୫ ଗ୍ରାମ୍, ଲୁଣ - ୨ କି.ଗ୍ରା. ୫୦୦ ଗ୍ରାମ୍, ରାଶିତେଲ - ୫୦ ଗ୍ରାମ୍, ହଳଦୀ- ୫୦ ଗ୍ରାମ୍, ମଧୁରୀ - ୭୫ ଗ୍ରାମ୍, ହରଡ଼ଡାଲି - ୧କି.ଗ୍ରା., ଡାଲଚିନି - ୫୦ ଗ୍ରାମ୍, ଲବଙ୍ଗ - ୧୦ ଗ୍ରାମ୍, ହେଙ୍ଗୁ - ୧୦ ଗ୍ରାମ୍, ଜାଇଫଳ - ୧୨ ଗ୍ରାମ୍, ଲିଆ - ୫ ଗଉଣି ବା ୨ କି.ଗ୍ରା., ନଡ଼ିଆ (ବଲ୍ଲଭ ନିମନ୍ତେ) - ୧୨ଟା, କୋଠଭୋଗ (ନଡ଼ିଆ) - ୪ଟା, ପରିବା ମଧ୍ୟରେ କଖାରୁ - ୨ କି.ଗ୍ରା. ୫୦୦ ଗ୍ରାମ୍, ବାଇଗଣ - ୨ କି.ଗ୍ରା., ପୋଟଳ - ୨୫୦ ଗ୍ରାମ୍, ଅଦା - ୩୦୦ ଗ୍ରାମ୍, ଦେଶୀଆଳୁ - ୨୫୦ ଗ୍ରାମ୍, କଦଳୀ- ୧୨ଟା, ଶାଗ - ୨ ବିଡ଼ା, ତେନ୍ତୁଳୀ - ୧୦୦ ଗ୍ରାମ୍ ।

ଏତଦ୍ ବ୍ୟତୀତ ଶ୍ରୀଜୀଉମାନଙ୍କ ଦୈନନ୍ଦିନ କୋଠଭୋଗ ତଥା ବିଭିନ୍ନ ନୀତି ମାନଙ୍କରେ ଯେଉଁ ମାଟି ନିର୍ମିତ ପାତ୍ରର ଆବଶ୍ୟକ ହୋଇଥାଏ, ତାହା ହେଲା ଆଳି କୁଡୁଆ - ୪୦ଟି, ଅଙ୍ଗବାସ ଓଳି - ୧୯୫ଟି, ତାଡ଼-୬ଟି, ଟିପେଇ ହାଣ୍ଡି - ୨୧ଟି, ପାହାନ୍ତି - ୨ଟି, ଅଧା - ୧ଟି, ସାନ ପୁଳି - ୮୧ଟି, ପୁଳିସରା - ୨୪ଟି, ପାଳିସରା - ୬୦ ଟି, ବଡ଼ା - ୬୦ଟି, କଟା ସରା - ୧୪ଟି, ନମାଳି - ୨୪ଟି । ପ୍ରତ୍ୟେହ ତଥା ବିଶେଷ ପର୍ବପର୍ବାଣୀ ଦିନମାନଙ୍କରେ ଏକ ସ୍ୱତନ୍ତ୍ର ଶୈଳୀରେ ମହାସୁଆର ମାନଙ୍କ ଦ୍ୱାରା ଅନେକ ପ୍ରକାର ସୁମିଷ୍ଟିପିଷ୍ଟକ, ଅନ୍ନ, ବ୍ୟଞ୍ଜନାଦି ପ୍ରସ୍ତୁତ ହୋଇ ଉତ୍କଳର ପରମ ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ନୈବେଦ୍ୟ ହେଉଅଛି । ଯାହାକି ଦୀର୍ଘ ଶହ ଶହ ବର୍ଷର ପରମ୍ପରାକୁ ଉଜ୍ଜୀବିତ କରିଆସୁଅଛି ।


ଉଦ୍ଭିଦ ବିଜ୍ଞାନୀ ଓ ପରିବେଶବିତ୍, ପୂର୍ବତନ ସମ୍ପାଦକ, ଶ୍ରୀସତ୍ୟସାଇ ବିଦ୍ୟାଳୟ, କଳାବିକାଶ କେନ୍ଦ୍ର ମାର୍ଗ, କଟକ,

ଦୂରଭାଷ : ୭୦୦୮୧୮୧୮୨୦

## ଶିକାରୀଙ୍କ ଟାର୍ଗେଟ୍‌ରେ ବାରହା: ୩୦୦ ଟଙ୍କାରେ କିଲେ ମାଂସ, ବନ ବିଭାଗ ଚୁପ୍



ଖଣ୍ଡପଡ଼ା, (ମହାଭାରତ) : ଶିକାରୀଙ୍କ ଟାର୍ଗେଟ୍‌ରେ ରହିଛନ୍ତି ଜଙ୍ଗଲୀ ଜନ୍ତୁ ତଥା ବାରହା। ଖଣ୍ଡପଡ଼ା ଉପକଣ୍ଠ କୁସୁମୀ ନଈ ପଠା, ସିଂଘାପଡ଼ା, କଣ୍ଟିଲୋ, ସିଧାମୂଳା, ରାକେଶିଆ, କୁମ୍ଭାରପଡ଼ା ଆଦି ବନାଞ୍ଚଳ ଅଧୀନ ବିଭିନ୍ନ ଗ୍ରାମାଞ୍ଚଳରେ ଥିବା ବୁଦୁବୁଦିଆ ଘଞ୍ଚ ଘାସ, ଶାଳ ଓ ଫାଶିବଣରେ ଥିବା ବାର୍ହହାଙ୍କ ବଂଶ ଧୀରେ ଧୀରେ ଲୋପ୍ ପାଇବାରେ ବସିଲାଣି। ଯଦି ଦେଖିବା ଏଠାରେ ଶିକାର ତୁଳନାରେ ଶିକାରୀଙ୍କ ସଂଖ୍ୟା ଯଥେଷ୍ଟ ଅଧିକ ଥିବା ଅନୁମାନ କରାଯାଉଛି। କିଛି ଅସାଧୁ ଶ୍ରେଣୀର ଲୋକ ମାନେ ଏହି ସବୁ ଅଞ୍ଚଳରେ ବିଦ୍ୟୁତ୍ ତାର ବିଛାଇ ବାହା ଶିକାର କରୁଥିବା ସାଧାରଣରେ ଆଲୋଚନା ହେଉଛି। ବାର୍ହା ଶିକାର ପରେ ଖୁବ୍ ଚତୁରତାର ସହ ଗ୍ରାହକଙ୍କୁ କେଜି ପିଛା ୩୦୦ ଟଙ୍କାରେ ମାଂସ ବିକ୍ରି କରି ହଜାର ହଜାର ଟଙ୍କା ରୋଜଗାର କରୁଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଉକ୍ତ ଅଞ୍ଚଳରେ ଆଖପାଖ ଗ୍ରାମର ଗାଈଗୋରୁ, ଛେଳି, ମେଣ୍ଢା, ମଇଁଷି, ବୁଲା କୁକୁର ଆଦି ଖାଦ୍ୟ ନିମନ୍ତେ ବିଚରଣ କରୁଥିବାରୁ ଅନେକ ସମୟରେ ଶିକାର ପାଇଁ ବିଛାଯାଇଥ ?ବା ବିଦ୍ୟୁତ୍ ତାରରେ ଆଘାତ ପାଇ ଘଟଣାସ୍ଥଳରେ ସେମାନଙ୍କର ମୃତ୍ୟୁ ହୋଇଥିବା ମଧ୍ୟ ନଜିର ରହିଛି। ସେହିପରି ଗତବର୍ଷ ଖଣ୍ଡପଡ଼ା ବନାଞ୍ଚଳର ସିଂଘାପଡ଼ା ସେକ୍ସନ ଅଧୀନ ବୁଢ଼ୀଝାରି ସଂରକ୍ଷିତ ଜଙ୍ଗଲ ନିକଟରେ ବାହା ଶିକାର ଉଦ୍ଦେଶ୍ୟରେ ଚୋରାରେ ବିଛାଯାଇଥିବା ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୋଟିଏ କଲରାପତରିଆ ବାଘର ମୃତ୍ୟୁ ହେବା ଭଳି ଅଭାବନୀୟ ଘଟଣା ବନ ବିଭାଗର ପାରିବା ପଣିଆକୁ ପଦାରେ ପକାଇଥିଲା। ଏହା ସହିତ ସେହି ଅଞ୍ଚଳରେ କିଛି ଲୋକ ଚାଷବାସ କରୁଥିବା ବେଳେ ଆଉ କିଛି ଲୋକ ଜାଳେଣି ପାଇଁ କାଠ ସଂଗ୍ରହ କରିବାକୁ ମଧ ଯାଇଥାନ୍ତି। ମାତ୍ର ବାରହା ଶିକାର ପାଇଁ ବିଛାଯାଉଥିବା ବିଦ୍ୟୁତ୍ ତାର ଜୀବନ ନେବା କଥା ଜାଣି ସେମାନେ ଏକପ୍ରକାର ଭୟଭୀତ ଅବସ୍ଥାରେ ରହିଥିବା ଶୁଣିବାକୁ ମିଳୁଛି। ଏସବୁ ହେବା ପରେ ବନ୍ୟଜନ୍ତୁ ସୁରକ୍ଷା ଖଣ୍ଡପଡ଼ା ଅଞ୍ଚଳରେ କିଭଳି ହେଉଥିବ ତାହା ସମସ୍ତଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦୀର୍ଘଦିନ ଧରି ଚାଲିଥିବା ଏହି ବାରହା ଶିକାରକୁ ରୋକିବା ପାଇଁ ଜଙ୍ଗଲ ବିଭାଗ କର୍ମଚାରୀ ଓ ଅଧିକାରୀ ମାନଙ୍କ ନିକଟରେ କିଭଳି ଭାବେ ଖବରଅନ୍ତର ନାହିଁ ତାହା ସମସ୍ତଙ୍କୁ ଚକିତ କରିଛି। ବାରହା ଶିକାର କରି ମୁନାଫା କମାଉଥିବା ଅବାଧ ଶିକାରୀଙ୍କ ବିରୋଧରେ କେବେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏନେଇ ବୁଦ୍ଧିଜୀବୀ ଓ ପଶୁପକ୍ଷୀ ପ୍ରେମୀଙ୍କ ମହଲରେ ଚର୍ଚ୍ଚା ହେଉଛି। ତେବେ ବାରହା ବଂଶ ଲୋପ୍ ପାଇବାକୁ ବସିଥିବାବେ ବେଳେ ଜଙ୍ଗଲ ବିଭାଗ ଏବଂ ବିଦ୍ୟୁତ୍ ବିଭାଗ ଅଧିକାରୀ ମାନେ କୁମ୍ଭକର୍ଣ୍ଣ ନିଦ୍ରାରେ ଥିବା ଭଳି ମନେ ହେଉଛି। ବନ ବିଭାଗ କର୍ମଚାରୀଙ୍କ ଦ୍ୱାରା ପ୍ରକୃତ ପାଟ୍ରୋଲିଂ ବିନା ବାରହା ଶିକାରକୁ ରୋକାଯିବ। ସମ୍ଭବ ନୁହେଁ ବୋଲି ଅନେକ ମତପ୍ରକାଶ କରିଛନ୍ତି। ଏନେଇ ଖଣ୍ଡପଡ଼ା ବନାଞ୍ଚଳରୁ ମିଳିଥିବା ସୂଚନା ଅନୁଯାୟୀ ଯେଉଁ ମାନେ ବନ୍ୟଜନ୍ତୁ ଶିକାର କରୁଛନ୍ତି, ସେମାନଙ୍କ ପ୍ରତି ନଜର ରଖିବା ସହ ଆଇନ ଅନୁଯାୟୀ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ସୂଚନା ମିଳିଛି।

## ବନ୍ଦର ନିଷିଦ୍ଧାଞ୍ଚଳରେ ଶ୍ରମିକଙ୍କୁ ମରଣାନ୍ତକ ଆକ୍ରମଣ

ପାରାଦୀପ, (ମହାଭାରତ) : ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳରେ ରେଳ ପରିଚାଳନା କରୁଥିବା ଆଇପିଆରସିଏଲ କମ୍ପାନୀରେ ଲୋକୋ ପାଇଲଟ ଭାବେ କାର୍ଯ୍ୟ କରୁଥିବା ରଜନୀକାନ୍ତ ଦାସ ଙ୍କୁ ଗତ ଶନିବାର ଦିନ କିଛି ଅସାମାଜିକ ବ୍ୟକ୍ତି ମରଣାନ୍ତକ ଆକ୍ରମଣ କରିଥିଲେ । ଘଟଣାରୁ ପ୍ରକାଶ ଯେ ସେହି କମ୍ପାନୀରେ କାର୍ଯ୍ୟ କରୁଥିବା ମହେନ୍ଦ୍ର ବେହେରା, ଶଶୀଭୁଷଣ ମହାନ୍ତି ଓ ଜ୍ଞାନରଞ୍ଜନ ସାହୁ ଡ୍ୟୁଟିରେ ଅନୁପସ୍ଥିତ ଥିବା ନେଇ ରାଜିନୀକାନ୍ତ କମ୍ପାନୀ ଅଧିକାରୀଙ୍କୁ ଜଣାଇବା ନେଇ ଏଥିରେ ଉତକ୍ଷିପ୍ତ ହୋଇ ସେମାନେ ଏକ ଲୁହା ପାଇପରେ ଆକ୍ରମଣ କରିଥିଲେ । ଏଥିରେ ଗୁରୁତର ଆହତ ହୋଇ ରାଜନୀକାନ୍ତ ଅଠରବାଙ୍କି ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇ ଚିକିତ୍ସିତ ହୋଇଥିଲେ ଏବଂ ତାଙ୍କ ମୁଣ୍ଡରେ ସାତଟା ଷ୍ଟିଚ ପଡିଥିଲା । ଏ ବାବଦରେ ରାଜନୀକାନ୍ତ ପାରାଦୀପ ଆଦର୍ଶ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ତେବେ ଘଟଣାରେ କମ୍ପାନୀର ଜଣେ ଅଧିକାରୀ ସାମିଲ ଥିବାରୁ ଘଟଣାର ଆପୋଷ ସମାଧାନ ପାଇଁ ଆକ୍ରମଣକାରୀ ମାନେ ପ୍ରୟାସ କରିଥିବା ବେଳେ ଏଥିରେ ପୀଡିତ ରାଜନୀକାନ୍ତ ରାଜି ନହେବାରୁ ସେମାନେ ଥାନାରେ ଓଲଟି ଏକ ମାମଲା ଦାୟର କରିଛନ୍ତି । ସୂଚନାଥାଉକି ମୂଖ୍ୟ ଅଭିଯୁକ୍ତ ମହେନ୍ଦ୍ର ବେହେରା ନାମରେ ପୂର୍ବରୁ ବିଭିନ୍ନ ଥାନାରେ ଅନେକ ମାମଲା ରହିଛି । ଏ ଘଟଣାରେ ସମ୍ପୃକ୍ତ ବ୍ୟକ୍ତି ମାନଙ୍କୁ ଗିରଫ କରାଯିବା ସହ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଦର୍ଶ ଥାନା ଅଧିକାରୀ କାବୁଲି ବାରିକ ସୂଚନା ଦେଇଛନ୍ତି । ଗୁରୁତ୍ୱପୂର୍ଣ୍ଣ ଘଟଣା ହେଲା ଆହତ ରାଜନୀକାନ୍ତ ଙ୍କୁ ଆଇପିଆରସିଏଲ କମ୍ପାନୀ ମେଡିକାଲରେ ଅସହାୟ ଅବସ୍ଥାରେ ଛାଡି ପଳାଇବା ଏବଂ ସାମାନ୍ୟ ସୁସ୍ଥ ହେବାପରେ ତାଙ୍କୁ ଡ୍ୟୁଟି ନଦେବା ଏବଂ କମ୍ପାନୀ କର୍ତ୍ତୃପକ୍ଷ ଙ୍କୁ ଫୋନ କରି ଯୋଗାଯୋଗ କଲେ ମଧ ସେମାନେ କୌଣସି ଜବାବ ଦେଉନଥିବା ଅଭିଯୋଗ ହୋଇଛି । ଅନ୍ୟପକ୍ଷରେ ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳ ମଧରେ କାର୍ଯ୍ୟ କରୁଥିବା କର୍ମଚାରୀ ଓ ଶ୍ରମିକ ମାନଙ୍କ ଗେଟ ପାସ ପାଇଁ ପୋଲିସ ଭେରୀଫିକେସନ ର ଆବଶ୍ୟକତା ରହିଥିବା ବେଳେ ଏପରି ଅପରାଧୀ ମାନଙ୍କୁ କିପରି ଗେଟ ପାସ ମିଳୁଛି, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ବ୍ୟାଟରେ ପିଟି ହତ୍ୟା ଘଟଣା, ଅଭିଯୁକ୍ତଙ୍କୁ ଆଜୀବନ

ହାଟଡ଼ିହି, (ମହାଭାରତ) : ଆନନ୍ଦପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍‌ଙ୍କ କୋର୍ଟରେ ରେ ଶୁକ୍ର ବାରଦିନ ଏସ୍‌ଟି /୨୦୨୨ର ବିଚାର କରାଯାଇ ଅଭିଯୁକ୍ତ କୁ ଆଜୀବନ କାରାଦଣ୍ଡ ପ୍ରକାଶ କରା ଯାଇଛି। ଏହା ସହିତ ଅଭିଯୁକ୍ତ କୁ ୧ ଲକ୍ଷ ଟଙ୍କାର ଜୋରିମାନା ହୋଇଥିବାବେଳେ ଜୋରି ମାନା ଅନାଦେୟ ଦୁଇବର୍ଷ ସଶ୍ରମ କାରଦଣ୍ଡାଦେଶ ରାୟ ପ୍ରକାଶ ପାଇଛି। ଅଭିଯୁକ୍ତ ନନ୍ଦିପଦା ଥାନା ଅଁରା ଗ୍ରାମ ର ବିଜନ ବେହେରାଙ୍କୁ ଏହି ଦଣ୍ଡାଦେଶ ହୋଇଛି ।ଆନନ୍ଦପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ସମସ୍ତ ସାକ୍ଷୀ ମାନଙ୍କ ବୟାନ କୁ ଆଧାର କରି ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଡେପୁଟି ଡାଇରେକ୍ଟର ଅଫ ପ୍ରସିକ୍ୟୁସନ ପ୍ରକାଶ ଚନ୍ଦ୍ର ମହାନ୍ତି ତତ୍ତ୍ୱାବଧାନରେ ସରକାରଙ୍କ ତରଫରୁ ମାମଲା ପରିଚାଳନା କରୁଥିଲେ। ସୂଚନାଯୋଗ୍ୟ, ହାଟଡିହି ବ୍ଲକ ଅଁରା ଗ୍ରାମର ଆନନ୍ଦ ଚନ୍ଦ୍ର ନାୟକ ୨୦.୧୧.୨୦୨୦ ସନ୍ଧ୍ୟା ସମୟରେ ଗ୍ରାମର ଏକ ବୈଠକରେ ଯୋଗଦେବା ପାଇଁ ଆସିଥିଲେ। ସଭାକାର୍ଯ୍ୟ ଚାଲୁଥିବା ସମୟରେ ଗ୍ରାମର ବିଜନ କୁମାର ବେହେରା ଏକ କ୍ରିକେଟ ଦ୍ୱାରା ଆନନ୍ଦଙ୍କ ମୁଣ୍ଡକୁ ଶକ୍ତ ପ୍ରହାର କରିଥିଲେ। ଘଟଣା ସ୍ଥଳ ରେ ରେ ଆନନ୍ଦ ଗୁରୁତର ଆହତ ହୋଇ ପ୍ରଥମେ ଶାଳଣିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନତର କରାଯାଇଥିଲା। ସେଠାରେ ସେ ଭଲ ନହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା । ଘଟଣାକୁ ନେଇ ଆନନ୍ଦଙ୍କ ସ୍ତ୍ରୀ ମଞ୍ଜୁଲତା ନାୟକ ନନ୍ଦିପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନନ୍ଦିପଦା ପୁଲିସ କେସ୍ ନଂ ୧୫୧/୨୦୨୦ରେ ମାମଲା ରୁଜୁ କରି ବିଜନ ବେହେରା ଙ୍କୁ କୋର୍ଟ ଚାଲାଣ କରିଥିଲା । ଏବେ ଏହି ମାମଲା ରେ ବିଜନ ବେହେରା ଆଜୀବନ କାରାଦଣ୍ଡ ପାଇବାକୁ ମାନ୍ୟବର ଅଦାଲତ ରାୟ ପ୍ରକାଶ କରିଛନ୍ତି।

## ଆଦିବାସୀ ଛାତ୍ର ମୃତ୍ୟୁ ନେଇ ଉତ୍ତେଜନା

କେନ୍ଦୁଝର, (ମହାଭାରତ): ଭୁବନେଶ୍ୱର କିସରେ ଆଦିବାସୀ ଛାତ୍ରର ମୃତ୍ୟୁ ନେଇ କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଉତ୍ତେଜନା । ମୃତ ଶରୀର ଧରି ପରିବାର ଏବଂ ଗ୍ରାମବାସୀଙ୍କ ଧାରଣା। ମୃତକ ହେଲେ କେନ୍ଦୁଝର ଟାଉନ ଥାନା ଟିକର ଗୁମୁରାର ରଘୁନାଥ ମୁଣ୍ଡାଙ୍କ ପୁଅ ଶିବ ମୁଣ୍ଡା। ଛାତ୍ର ଜଣଙ୍କ କିସ ରେ ନବମ ଶ୍ରେଣୀରେ ପଢୁଥିଲେ। ପରିବାର ପକ୍ଷରୁ ହତ୍ୟା ଅଭିଯୋଗ ଆଣି କେନ୍ଦୁଝର ଟାଉନ ଥାନାରେ ଅଭିଯୋଗ। ମୃତକଙ୍କ ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ ଗତକାଲି ସକାଳେ କିସ କର୍ତ୍ତୃପକ୍ଷ ଫୋନ କରି କହିଲେ କି ତମ ଛୁଆ ବାଥରୁମରେ ପଡିଯିବାରୁ ତାର ଗୋଡ ଭାଙ୍ଗି ହସ୍ପିଟାଲରେ ଭର୍ତ୍ତି ହେଇଛି । ଏହାଶୁଣି ମୃତକଙ୍କ ବାପା ସଙ୍ଗେ ସଙ୍ଗେ କେନ୍ଦୁଝରରୁ ଭୁବନେଶ୍ୱର ଯାଇ ପହଞ୍ଚିବା ପରେ ହସ୍ପିଟାଲରେ ତାର ମୃତ ଦେହ ଧରାଇ ନେଇ ଯିବାକୁ କହିଲେ। ଏପରିକି ମେଡ଼ିକାଲ ଟ୍ରିଟମେଣ୍ଟ କାଗଜ ପତ୍ର ମଧ ଦେଲେ ନାହିଁ। କିନ୍ତୁ ପରେ ଦେଖିବା ବେଳକୁ ତାର ବେକ ଏବଂ ହାତରେ ରଶି ଦାଗ ଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ୧ କୋଟି ଟଙ୍କା କ୍ଷତିପୂରଣ ସହ ଦୋଷୀକୁ ଦଣ୍ଡ ଦାବୀ ନେଇ ମହିଳା ଏବଂ ପୁରୁଷ ମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ବସିଥିବା ବେଳ ପୋଲିସ ବୁଝାସୁଝା କରି ମୃତ ଦେହର ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ମୃତ ଛାତ୍ର ପରିବାର ଲୋକଙ୍କୁ ୨୦ ହାଜର ସହାୟତା ସହ ଥାନାରେ କିସ ବିରୋଧରେ ମାମଲା ରୁଜୁ ହେବା ସହ କିସ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବା ପରେ ହଟିଲା ଆନ୍ଦୋଳନ ଏବଂ ରାସ୍ତା ଅବରୋଧ।

## ବିଧାୟକଙ୍କ ଦ୍ୱାରା ୪ଗୋଟି ପ୍ରକଳ୍ପର ଶୀଳାନ୍ୟାସ

ବାଲିଚନ୍ଦ୍ରପୁର, (ମହାଭାରତ) : ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ପଂଚାୟତରେ ୪ ଗୋଟି ପ୍ରକଳ୍ପର ଶୀଳାନ୍ୟାସ ବଡ଼ଚଣା ବିଧାୟକ ଅମର କୁମାର ନାୟକଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ପତରାଜପୁର ପଂଚାୟତର ସିଂହସାହି ପ୍ରାଥମିକ ବିଦ୍ୟାଳୟରେ ପ୍ରାୟ ୨୦ ଲକ୍ଷ୍ୟ ଟଙ୍କା ବ୍ୟୟ ଅଟକଳରେ ନୂତନ ଶ୍ରେଣୀ ଗୃହର ଶୀଳାନ୍ୟାସ କଲା ପରେ ଜଳସମ୍ପଦ ବିଭାଗ ନର୍ଥ ଡ଼ିଭିଜନ ଅନ୍ତର୍ଗତ ୭ ନଂ-୧ କେନାଲ ଦକ୍ଷିଣପାର୍ଶ୍ୱ ରାସ୍ତା ବନ୍ଦରେଶ୍ୱର ଛକ ଠାରୁ ପଲେଇ ସ୍କୁଲ ପର୍ଯ୍ୟନ୍ତ ଏବଂ ୬ ନଂ କେନାଲ ବନ୍ଧ ନାନପୁର ପଟଣା ନିକଟରେ ୨ କୋଟି ୩୭ ଲକ୍ଷ ୭୧ ହଜାର ଟଙ୍କାର କାର୍ଯ୍ୟକୁ ଶୀଳାନ୍ୟାସ କରିଥିଲେ। ପରେ ପଲ୍ଲିଶ୍ରୀ ମହିଳା ଉଚ୍ଚବିଦ୍ୟାଳୟ ପରିସରରେ ବିଧାୟକଙ୍କ ଆଂଚଳିକ ଉନ୍ନୟନ ପାଣ୍ଠିରୁ ପ୍ରାୟ ୮ ଲକ୍ଷ୍ୟ ଟଙ୍କା ବ୍ୟୟ ବରାଦରେ ନିର୍ମାଣ ହେବାକୁ ଥିବା କଲେଜର ମୁଖଶାଳା ଗେଟ, ପଚେରୀ ଆଦି କାର୍ଯ୍ୟର ଶୀଳାନ୍ୟାସ କରିଥିଲେ। ଏଥିରେ କଲେଜର ଅଧ୍ୟକ୍ଷା ମାମି ବଳବନ୍ତରାୟ, ଅଧାପକ ଭାବଗ୍ରାହୀ ମହାରଣା, ପ୍ରେମାନନ୍ଦ ପରିଡ଼ାଙ୍କ ସମେତ କଲେଜର ସମସ୍ତ କର୍ମକ[illegible]ୀ ଓ ଛାତ୍ରୀ ମାନେ ଉପସ୍ଥିତ ଥିଲେ। ଇତିଅବସରରେ ବିଧାୟକ ଶ୍ରୀ ନାୟକ ମହାବିଦ୍ୟାଳୟର ପ୍ରଥମସୋପାନ ଉନ୍ନତିମୂଳକ କାର୍ଯ୍ୟ ଆରମ୍ଭ ହେଲା। କଲେଜର ଭଉଣୀ ମାନଙ୍କ ପାଇଁ ଆଗକୁ ଯାହା ଆବଶ୍ୟକ ଉନ୍ନୟନ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ। ଶେଷପର୍ଯ୍ୟାୟରେ ସାହାସପୁର ମହାବିଦ୍ୟାଳୟ ବାଲିଚନ୍ଦ୍ରପୁର କଲେଜକୁ ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନରେ ୫ କୋଟି ଟଙ୍କା ପ୍ରଦାନ କରାଯାଇଥିବା ବେଳେ ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଉନ୍ନୟନ କାର୍ଯ୍ୟ ପାଇଁ ବ୍ୟୟ ବରାଦ କରାଯାଇଛି। ସେଥି ମଧରୁ ୩ କୋଟି ଟଙ୍କା ବ୍ୟୟରେ କଲେଜର ସାରସ୍ୱତ ଶ୍ରେଣୀ ଗୃହ ନିର୍ମାଣ ଓ ପୁରାତନ ଶ୍ରେଣୀ ଗୃହର ନବିକରଣ ପାଇଁ ଶୀଳାନ୍ୟାସ କରାଯାଇଥିଲା।

## ୨୫୦୦ କଣ୍ଠ ଶିଳ୍ପୀଙ୍କ ଜନ୍ମଦାତା ମେଘମହ୍ଲାରର ୫ମ ବାର୍ଷିକ ଉତ୍ସବ



ପାରାଦୀପ, (ମହାଭାରତ) : ପାରାଦୀପର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ମେଘ ମହ୍ଲାର କଳା ପରିଷଦର ୫ମ ବାର୍ଷିକ ଉତ୍ସବ ଜୟଦେବ ସଦନ ନିକଟସ୍ଥ ପଡିଆରେ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ମେଘ ମହ୍ଲାର କଳା ପରିଷଦ ଅନୁଷ୍ଠାନ ୨୫୦୦ କଣ୍ଠଶିଳ୍ପୀଙ୍କୁ ତିଆରି କରିବା ସହିତ ତାର ସାଂସ୍କୃତିକ କାର୍ଯ୍ୟକ୍ରମ ଜାରି ରଖିଛି। ତେବେ ଆୟୋଜିତ ଏହି ସାଂସ୍କୃତିକ କାର୍ଯ୍ୟକ୍ରମର ଶୀତୁଆ ସନ୍ଧ୍ୟାରେ ଓଲିଉଡ କଣ୍ଠଶିଳ୍ପୀ ଜାଗୃତୀଙ୍କ ସଙ୍ଗୀତ ଜଳଓ୍ୱାରେ ଝୁମିଥିଲେ ଦର୍ଶକ । ଉକ୍ତ କାର୍ଯ୍ୟକ୍ରମ ରେ ମୂଖ୍ୟ ଅତିଥି ଭାବେ ପାରାଦୀପ ପୌର ପରିଷଦ ଅଧକ୍ଷ ବସନ୍ତ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ପାରାଦୀପ ବନ୍ଦର ପ୍ରାଧିକରଣ ବରିଷ୍ଠ ଏଇଏମ ବିଶ୍ୱଜିତ ମିଶ୍ର, ମୂଖ୍ୟ କଣ୍ଠଶିଳ୍ପୀ ଜାଗୃତି ମିଶ୍ର, ଇଫକୋ ଡେପୁଟି ମ୍ୟାନେଜର ଅଜିତ କୁମାର ଜେନା, ପାରିଷଦ ଅଜିତ ଷଡ଼ଙ୍ଗୀ, ମୁଖ୍ୟ କର୍ମକର୍ତ୍ତା ଅନିଲକାନ୍ତ ଆଚାର୍ଯ୍ୟଙ୍କ ସମେତ ପ୍ରଫୁଲ୍ଲ କୁମାର ପ୍ରଧାନ, ରଶ୍ମି ରଞ୍ଜନ ଖଟୁଆ, ସୁବାସ ଚନ୍ଦ୍ର ଦାସ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ମେଘ ମହ୍ଲାର କଳା ପରିଷଦର ଗୁରୁ ଶ୍ରୀ ବିଜୟ କୁମାର ମାଛୁଆ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶତାଧିକ ଦର୍ଶକ ବିଭୋର ହୋଇଥିଲେ। ଏହା ସହ ଅନୁଷ୍ଠାନ ର କଳାକାର ମାନଙ୍କ ଦ୍ୱାରା ଓଡିଶୀ ଗୀତ ଗାୟନ,ତବଲା ପରିବେଷଣ, ଓଡ଼ିଶୀ ନୃତ୍ୟ, ଭଜନ, ସାଂସ୍କୃତିକ ସଭା ଓ ଅନୁଷ୍ଠାନର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ନାଚ,ଗୀତ ଆଦି ପରିବେଷଣ କରାଯାଇଛି। ଏନେଇ ମେଘ ମହ୍ଲାର କଳାପରିଷଦ ମୂଖ୍ୟ ସଙ୍ଗୀତ ଗୁରୁ ବିଜୟ କୁମାର ମାଛୁଆ ସମସ୍ତ ଅତିଥି ଓ ଦର୍ଶକ ଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଲିଖିତ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ

ଦଶପଲ୍ଲା, (ମହାଭାରତ): ନୟାଗଡ ଜିଲ୍ଲା ଦଶପଲ୍ଲା ବ୍ଲକ ଅନ୍ତର୍ଗତ ମଧ୍ୟଖଣ୍ଡ ପି ଏମ ଶ୍ରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ଏକ ଲିଖିତ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ତେବେ ଛାତ୍ରୀ ଛାତ୍ର ମାନଙ୍କ ର ସାଧାରଣ ଜ୍ଞାନ ତଥା ବୌଦ୍ଧିକ ବିକାଶ କରାଇବା କ୍ଷେତ୍ର ରେ ଏ ପ୍ରକାର କାର୍ଯ୍ୟକ୍ରମ ନିଶ୍ଚିତ ରୂପେ ସାଧୁବାଦର ବିଷୟ। ସରକାର ଙ୍କ ଦ୍ୱାରା ବିଭିନ୍ନ ପ୍ରକାର ର କାର୍ଯ୍ୟକ୍ରମ ଛାତ୍ର ଛାତ୍ରୀ ମାନଙ୍କ ର ଉନ୍ନତି ନିମନ୍ତେ ସହାୟକ ହେବ ଏଥିରେ କୌଣସି ଦ୍ୱିଧା ନାହିଁ ମାତ୍ର ବିଦ୍ୟାଳୟ ମାନଙ୍କ ରେ ସଠିକ ଭାବରେ କାର୍ଯ୍ୟକ୍ରମ କରାଯିବା ଦରକାର ତଥା ଛାତ୍ର ଛାତ୍ରୀ ମାନଙ୍କୁ ଏ ଦିଗରେ ସମସ୍ତ ଶିକ୍ଷାଦାନ କରାଯିବା ଦରକାର। ତେବେ ଆଜିର କାର୍ଯ୍ୟକ୍ରମ ରେ ଅତିଥି ଭାବେ ଲକ୍ଷ୍ମୀଧର ମହାରଣା ଯୋଗ ଦେଇଥିବା ବେଳେ ବିଦ୍ୟାଳୟ ର ପ୍ରଧାନଶିକ୍ଷକ ରାମକୃଷ୍ଣ ପ୍ରଧାନ, କମିଟି ସଭାପତି ପ୍ରଫୁଲ୍ଲ କୁମାର ନାୟକ ଓ ଅନ୍ୟ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ। ଶେଷରେ ଉତୀର୍ଣ୍ଣ ଛାତ୍ର ଛାତ୍ରୀ ମାନଙ୍କୁ ସାର୍ଟିଫିକେଟ ସହ ସିଲ କପ ପ୍ରଦାନ କରାଯାଇଥିଲା।

## ଅସ୍ତରଙ୍ଗ ଡ୍ରାଇଭର ମହାସଂଘ ବୈଠକ

ଅସ୍ତରଙ୍ଗ, (ମହାଭାରତ) : ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଡ୍ରାଇଭର ମହାସଂଘ ତରଫରୁ ଶନିବାର ଦିନ ମଧାହ୍ନ ରେ ଷ୍ଟେଟ ବ୍ୟାଙ୍କ ନିକଟସ୍ଥ ଲକ୍ଷ୍ମୀ କଲ୍ୟାଣୀ ମଣ୍ଡପ ପରିସରରେ ଅସ୍ତରଙ୍ଗ ଡ୍ରାଇଭର ମହାସଂଘ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି ।ମୁଖ୍ୟ ଅତିଥି ରାଜ୍ୟ ଡ୍ରାଇଭର ସଙ୍ଘ ସଭାପତି ଶ୍ରୀଯୁକ୍ତ ପ୍ରଶାନ୍ତ ମେଣ୍ଡୁଲି, ମୁଖ୍ୟବକ୍ତା ରାଜ୍ୟ ସହ ସମ୍ପାଦକ ଶ୍ରୀଯୁକ୍ତ ଆଲୋକ ରାଉତ, ସଂମ୍ମାନିତ ଅତିଥି ପୁରୀ ଜିଲ୍ଲା ସଭାପତି ଗୋପାଳ ବାରିକ, ଜିଲ୍ଲା ଉପସଭାପତି ଗୋପବନ୍ଧୁ ଦାସ ପ୍ରମୁଖ ଉପସ୍ଥିତ ଥିବା ବେଳେ ମଞ୍ଚ ପରିଚାଳନା କରିଥିଲେ ଜିଲ୍ଲା ସମ୍ପାଦକ କୁଲେନ ପାଟ୍ଟଶାଣୀ ।ବୈଠକ ରେ ବିଭିନ୍ନ ସମସ୍ୟା ମଧ୍ୟରେ ଡ୍ରାଇଭର ମାନେ ଅସୁବିଧା ସମ୍ମୁଖୀନ ହେଉଥିବା ବେଳେ ସରକାର ତାଙ୍କୁ କୌଣସି ସହାୟତା କରୁନାହାନ୍ତି ।ଏହି ବୈଠକ ରେ ଅସ୍ତରଙ୍ଗ ବ୍ଲକର ପାଖାପାଖି ୧ଶହ ରୁ ଉର୍ଦ୍ଧ ଡ୍ରାଇଭର ବୈଠକ ରେ ସାମିଲ ହୋଇଥିଲେ। ବୈଠକ ରେ ସମାଜ ସେବୀ ସତ୍ୟବ୍ରତ ଲେଙ୍କା ପ୍ରମୁଖ ଉପସ୍ଥିତ ଥିବା ବେଳେ ଶେଷରେ ବ୍ଲକ କୃପାସିନ୍ଧୁ ବସ୍ତିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ପୌରାଞ୍ଚଳ ବାସିନ୍ଦାଙ୍କୁ ସ୍ଥାୟୀ ରାଜସ୍ୱ ପଟ୍ଟା ପ୍ରଦାନ କାର୍ଯ୍ୟ ତ୍ୱରାନ୍ୱିତ ନେଇ କମିଟି ଗଠିତ



ଆସିକା, (ମହାଭାରତ) : ଆଜି ଅପରାହ୍ନରେ ଆସିକା ସୁନାମ୍ବ ସାହି ଜଗନ୍ନାଥ ମନ୍ଦିର ପରିସରରେ ଏକ ବୈଠକ ଗଙ୍ଗାଧର ଶତପଥିଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସରକାରଙ୍କୁ ଆସିକା ପୌରାଞ୍ଚଳର ସମସ୍ତ ମୌଜାର ଅଧିବାସୀଙ୍କୁ ସ୍ଥାୟୀ ଭୂ-ବନ୍ଦୋବସ୍ତ (ସର୍ଭେର୍ ସେଟେଲମେଣ୍ଟ) ରାଜସ୍ୱ ରୟତି ପଟ୍ଟା ଯୋଗାଇ ଦେବା ନେଇ ଆଲୋଚନା କରାଯାଇଥିଲା । ଏଥିପାଇଁ ଆଗାମୀ ଦିନରେ ସୁନାମ୍ବ ସାହି ଜଗନ୍ନାଥ ମନ୍ଦିର ଠାରୁ ଆସିକା ନାଗରିକମାନଙ୍କର ଏକ ଶୋଭାଯାତ୍ରା ନଗର ପରିକ୍ରମା କରି ଆସିକା ତହସିଲଦାରଙ୍କ ଜରିଆରେ ଜିଲ୍ଲାପାଳ ଓ ରାଜସ୍ୱ ଉପରିସ୍ଥ କର୍ମକର୍ତ୍ତାଙ୍କୁ ଦାବୀ ପତ୍ର ପ୍ରଦାନ କରିବାକୁ ସ୍ଥିର କରାଯାଇଥିଲା । ଗଙ୍ଗାଧର ଶତପଥିଙ୍କ ସଭାପତିତ୍ୱରେ ବୈଠକରେ ଆସିକା ପୌରାଞ୍ଚଳର ସମସ୍ତ ୱାର୍ଡରେ ରାଜସ୍ୱ ପଟ୍ଟା ପାଇଁ ଏକ କମିଟି ଗଠନ କରିବାକୁ ନିଷ୍ପତ୍ତି କରାଯାଇଛି । ପୌରାଞ୍ଚଳର ରାଜସ୍ୱ ପଟ୍ଟା କାର୍ଯ୍ୟକ୍ରମକୁ ଚଳାଇବା ପାଇଁ ଆସିକା ନାଗରିକ କମିଟି ନାମରେ ନାମିତ କରି ଏହାର କମିଟିରେ ସଭାପତି ଭାବେ ଆଇନଜିବୀ ଛବିଳରାମ ମିଶ୍ର, ସମ୍ପାଦକ ଶକ୍ତିପ୍ରସାଦ କର, ଉପଦେଷ୍ଟା ଭାବେ ସତ୍ୟ ନାରାୟଣ ରଥ, ଆଇନଜିବୀ ବିନୋଦ ପାଣିଗ୍ରାହୀ, ଆଇନଜିବୀ ନାରାୟଣ ମୁନୀ, ଅମଳା ସଂଘ ନେତା ପ୍ରସନ୍ନ କୁମାର ତ୍ରିପାଠୀ, ଆଇନଜିବୀ ସନ୍ତୋଷ କୁମାର ପାଣିଗ୍ରାହୀ, ଆଇନଜିବୀ ଦିଲିପ କୁମାର ପାଣିଗ୍ରାହୀ, ନିରୋଜ କୁମାର ପାଢୀ, ପଣ୍ଡିତ ଗଙ୍ଗାଧର ଶତପଥି, ପଣ୍ଡିତ ଉପେନ୍ଦ୍ର ନାଥ ମିଶ୍ର, ପଞ୍ଚାନନ ବିଷୋୟୀଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଛି । ସର୍ବପ୍ରଥମେ ସୁନାମ୍ବ ସାହି ୱାର୍ଡ ନଂ ୯ର ୱାର୍ଡ କମିଟିରେ କାହ୍ନୁ ଚରଣ ପାତ୍ର, ଅନୋଜ କୁମାର ପାଣିଗ୍ରାହୀ, ମନୋଜ କୁମାର ସାହୁ, ମନୋରଞ୍ଜନ ସାହୁ, ନିରଞ୍ଜନ ପଣ୍ଡା, ବଜେନ୍ଦ୍ର କୁମାର ପାତ୍ର, ବୃନ୍ଦାବନ ସାହୁଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି । ମନୋରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଆସିକା ନଗରବାସୀଙ୍କୁ ଆସନ୍ତା ସୁନାମ୍ବ ଠାରୁ ହେବାକୁ ଥିବା ଶୋଭା ଯାତ୍ରାରେ ଯୋଗଦେବା ପାଇଁ ସଭାପତି ଅନୁରୋଧ କରି ବୈଠକ ସାଙ୍ଗ ହୋଇଥିଲା ।

## ଜିଲ୍ଲାପାଳଙ୍କ ନୂତନ କାର୍ଯ୍ୟାଳୟ ନିର୍ମାଣ ପ୍ରସଙ୍ଗ: ନୟାଗଡ଼କୁ କ୍ଷୁଦ୍ର ଭାବେ ଗଣିଲେ ସରକାର, ବିଧାନସଭାରେ ପ୍ରଶ୍ନ ଉଠାଇଲେ ନୟାଗଡ଼ ବିଧାୟକ ଅରୁଣ



ନୟାଗଡ଼, (ମହାଭାରତ) : ନୟାଗଡ଼ ଜିଲ୍ଲାକୁ କ୍ଷୁଦ୍ର ଜିଲ୍ଲା ଭାବେ ଗଣିଛନ୍ତି ରାଜ୍ୟ ସରକାର। ଏନେଇ ତଥ୍ୟ ଉପସ୍ଥାପନ କରିବା ସହ ସରକାରଙ୍କ ଦୃଷ୍ଟିକୁ ଆଣିଛନ୍ତି ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ। ବିଧାନସଭାରେ ଏହି ପ୍ରସଙ୍ଗ ଉଠାଇ ନୟାଗଡ଼ ପ୍ରତି ସରକାରଙ୍କ ବୈମାତୃକ ମନୋଭାବ କ'ଣ ପାଇଁ ପ୍ରଶ୍ନ କରିଛନ୍ତି। ନୟାଗଡ଼ ବିଧାୟକ ଡ. ସାହୁ ବିଧାନସଭାରେ ପ୍ରଶ୍ନ ଉଠାଇବା ପରେ ନୟାଗଡ଼ ବୁଦ୍ଧିଜୀବୀ ମହଲରେ ମଧ ପ୍ରସଙ୍ଗଟି ଜଟିଳତା ସୃଷ୍ଟି କରିଛି। ରାଜ୍ୟ ସରକାର ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ନବକଳେବର କରିବା ପାଇଁ ଯୋଜନା ପ୍ରସ୍ତୁତ କରୁଛନ୍ତି। ଏଥିପାଇଁ ସରକାର ୩୦ ଜିଲ୍ଲାକୁ ୩ଟି ବର୍ଗରେ ବିଭକ୍ତ କରିଛନ୍ତି। ବଡ଼ ବର୍ଗରେ ସମ୍ବଲପୁର, ପୁରୀ, କେନ୍ଦୁଝର, କଟକ, ମୟୂରଭଞ୍ଜ, ସୁନ୍ଦରଗଡ଼ ଏବଂ ଗଞ୍ଜାମ ଜିଲ୍ଲାକୁ ନିଆଯାଇଥିବା ବେଳେ ମଧମ ବର୍ଗରେ କନ୍ଧମାଳ, ରାୟଗଡ଼ା, ବାଲେଶ୍ୱର, ଯାଜପୁର, ବଲାଙ୍ଗିର, ଖୋର୍ଦ୍ଧା, କଳାହାଣ୍ଡି, ଭଦ୍ରକ, ବରଗଡ଼, କେନ୍ଦ୍ରାପଡ଼ା, କୋରାପୁଟ, ଅନୁଗୁଳ, ନବରଙ୍ଗପୁର, ଢେଙ୍କାନାଳ, ଜଗତସିଂହପୁର ଜିଲ୍ଲାକୁ ନିଆଯାଇଛି। କ୍ଷୁଦ୍ର ବର୍ଗରେ ନୟାଗଡ଼, ମାଲକାନଗିରି, ନୂଆପଡ଼ା, ସୁବର୍ଣ୍ଣପୁର, ଝାରସୁଗୁଡ଼ା, ଗଜପତି, ବୌଦ୍ଧ, ଦେବଗଡ଼ ଜିଲ୍ଲାକୁ ନିଆଯାଇଛି। ବଡ଼ବର୍ଗ ଜିଲ୍ଲାରେ ୧ ଲକ୍ଷ ୭୦ ହଜାର ସ୍କୋୟାର ଫୁଟ୍ ଜମିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିର୍ମାଣ ହେବାକୁ ସ୍ଥିର ହୋଇଛି। ମଧମ ବର୍ଗ ପାଇଁ ୧ଲକ୍ଷ ୪୦ ହଜାର ସ୍କୋୟାର ଫୁଟ୍ ଜମିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିର୍ମାଣ କରାଯିବାକୁ ଯୋଜନା ରହିଛି। କ୍ଷୁଦ୍ରବର୍ଗ ପାଇଁ ୧ ଲକ୍ଷ ସ୍କୋୟାର ଫୁଟ୍ ଜମିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିର୍ମାଣ ହେବ। ନୟାଗଡ଼ ଜିଲ୍ଲାକୁ କ୍ଷୁଦ୍ର ବର୍ଗରେ ନିଆଯାଇଛି। ନୟାଗଡ଼ ଜିଲ୍ଲାରେ ୪ଟି ନିର୍ବାଚନମଣ୍ଡଳୀ ରହିଥ ?ବା ବେଳେ ଏହାର ଆପତନ ୩୮୯୦ ସ୍କୋୟାର କିଲୋମିଟର ରହିଛି। ଜିଲ୍ଲାର ଜନସଂଖ୍ୟା ୧୦ ଲକ୍ଷରୁ ଉର୍ଦ୍ଧ ହୋଇଥିବା ସାକ୍ଷରତା ହାର ୮୩.୩ ପ୍ରତିଶତ ରହିଛି। ନୟାଗଡ଼ ଜିଲ୍ଲା ତୁଳନାରେ କମ୍ ନିର୍ବାଚନମଣ୍ଡଳୀ, କମ୍ ଜନସଂଖ୍ୟା ଏବଂ କମ୍ ସାକ୍ଷରତା ହାର ରହିଥିବା ଜିଲ୍ଲାକୁ ମଧମ ବର୍ଗରେ ନିଆଯାଇଥିବା ବେଳେ ସରକାର ନୟାଗଡ଼କୁ କାହିଁକି କ୍ଷୁଦ୍ରବର୍ଗରେ ନେଇଛନ୍ତି ବୋଲି ନୟାଗଡ଼ ବିଧାୟକ ଡ. ସାହୁ ବିଧାନସଭାରେ ଏହାକୁ ଉପସ୍ଥାପନ କରିଛନ୍ତି। ନୟାଗଡ଼ ଜିଲ୍ଲା ଏକ ଡ୍ରାଏ ଡିଷ୍ଟ୍ରିକ୍ଟ ଭାବେ ପରିଚିତ ଥିବାବେଳେ ଏହାର ବିକାଶକୁ ସରକାର ଗୁରୁତ୍ୱ ଦେବା ଆବଶ୍ୟକ ଅଟେ। ନୟାଗଡ଼ ଜିଲ୍ଲା ଖଣି, ପାଣି, ଶିଳ୍ପବିହୀନ ଜିଲ୍ଲା ଭାବେ ପରିଗଣିତ। ଏହି ଜିଲ୍ଲାରେ କେବଳ ଜଙ୍ଗଲ ସମ୍ପଦ ଭରପୂର ରହିଥିବା ବେଳେ ଅନ୍ୟ କୌଣସି ଆର୍ଥିକ ବିକାଶ ଦିଗ ନାହିଁ। ଏଭଳି ଜିଲ୍ଲାକୁ ପ୍ରୋତ୍ସାହନ ଦିଆଯିବା ବଦଳରେ ସରକାର ଅଣଦେଖା କରୁଥିବା ବିଧାୟକ କହିଛନ୍ତି। ସରକାର ଏବଂ ବାଚସ୍ପତି ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି। ନୟାଗଡ଼ ଜିଲ୍ଲାକୁ ସରକାର କ୍ଷୁଦ୍ରବର୍ଗରେ ଗଣୁଥିବା ନେଇ ଜଣାପଡ଼ିବା ପରେ ଜିଲ୍ଲାବାସୀଙ୍କ ମଧରେ ଆଲୋଡ଼ନ ସୃଷ୍ଟି ହୋଇଛି। ନୟାଗଡ଼ ଜିଲ୍ଲାକୁ ପ୍ରତ୍ୟେକ କ୍ଷେତ୍ରରେ ଉପେକ୍ଷା କରାଯାଉଥିବା ନେଇ ନୟାଗଡ଼ ବାସୀଙ୍କ ମନରେ କ୍ଷୋଭ ସୃଷ୍ଟି ହୋଇଛି। ଜିଲ୍ଲାର ଗରିମାକୁ କ୍ଷୁର୍ଣ୍ଣ କରିବା ପାଇଁ ସରକାର କରିଥିବା ଷଡ଼ଯନ୍ତ୍ର ବିରୁଦ୍ଧରେ ଜନଆନ୍ଦୋଳନ ସୃଷ୍ଟି ହେବ ବୋଲି ମତ ପ୍ରକାଶ ପାଇଛି।

## ସ୍ୱେଚ୍ଛାସେବୀ ସଂଗଠନ ପଲ୍ଲୀ ବିକାଶ ତରଫରୁ ଆୟୋଜିତ ଗ୍ରାମ୍ୟ ମହୋତ୍ସବ



ହିଞ୍ଜିଳିକାଟୁ(ମହାଭାରତ): ସ୍ୱେଚ୍ଛାସେବୀ ସଂଗଠନ ପଲ୍ଲୀ ବିକାଶ ତରଫରୁ ଆୟୋଜିତ ଗ୍ରାମ୍ୟ ମହୋତ୍ସବ କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ପୋଡଙ୍ଗୀ ଗ୍ରାମରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଓ ଡିସିବି ବ୍ୟାଙ୍କ ହିଞ୍ଜିଳିକାଟୁ ମିଳିତ ସହଯୋଗରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଚିକିତ୍ସା ଓ ଚକ୍ଷୁ ଚିକିତ୍ସା ଶିବିରର ଆୟୋଜନ କରାଯାଇଥିଲା। ଏହି ଅବସରରେ ହିଞ୍ଜିଳି ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶ୍ରୀ ସାଗରିକା ଷଡଙ୍ଗୀ ମୁଖ୍ୟ ଅତିଥି ଯୋଗଦେଇ ସ୍ୱେଚ୍ଛାସେବୀ ସଂଗଠନର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ସହିତ ଗ୍ରାମର ଉନ୍ନତି ନିମନ୍ତେ ଗୁରୁତ୍ୱାରୋପ କରିଥିଲେ। ଅବସରପ୍ରାପ୍ତ କୃଷି ଅଧିକାରୀ ସୁରେଶ କୁମାର ବିଶୋୟୀ ମୁଖ୍ୟ ବକ୍ତା, ଶ୍ରୀମତୀ ସଂଯୁକ୍ତା ସେଠୀ ଶାଖା ପରିଚାଳକ ଭାରତୀୟ ଷ୍ଟେଟ ବ୍ୟାଙ୍କ ହିଞ୍ଜିଳିକାଟୁ ଶାଖା, ଟୁକୁନା ପାଢ଼ୀ ଶାଖା ପରିଚାଳକ ଡିସିବି ବ୍ୟାଙ୍କ ହିଞ୍ଜିଳିକାଟୁ, ନରେନ୍ଦ୍ରନାଥ ମିଶ୍ର ଓ ଶଙ୍କର ପଣ୍ଡା, ସର୍ବଭାରତୀୟ ସେଲସ ମୁଖ୍ୟ ଡିସିବି ବ୍ୟାଙ୍କ ଶିଶିର ମିଶ୍ର, ବିଜେପି କାର୍ଯ୍ୟକାରିଣୀ ସଦସ୍ୟ, ଅବସରପ୍ରାପ୍ତ ହୋମିଓପାଥିକ ପ୍ରଫେସର ଡ ପ୍ରଶାନ୍ତ ପତି, ରାଉରକେଲା ଇସ୍ପାତ କାରଖାନାରେ ମୁଖ୍ୟ ପ୍ରବନ୍ଧକ ପ୍ରଶାନ୍ତ ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସଭାପତି ସଞ୍ଜୟ କୁମାର ପଣ୍ଡା କରିଥିବା ବେଳେ ସମ୍ପାଦକ ଆଲୋକ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଯୁଗ୍ମ ସମ୍ପାଦକ ଜନାର୍ଦ୍ଦନ ପାଢ଼ୀ ଅତିଥି ପରିଚୟ ଦେଇଥିବା ବେଳେ ସଂଯୋଜକ ଚିନ୍ତାମଣି ବେହେରା ଧନ୍ୟବାଦ ଜ୍ଞାପନ କରିଥିଲେ।ଭାରତୀୟ ଚିକିତ୍ସକ ସଂଘ ବ୍ରହ୍ମପୁରର ହୃଦରୋଗ ବିଶେଷଜ୍ଞ ଡା ବଦ୍ରି ଦଣ୍ଡପାଣି, ସଲ୍ୟ ଚିକିତ୍ସକ ଡା ଆଲୋକ କୁମାର ଦାସ, ଡା ତିରୁପତି ଜେନା, ନିଶ୍ଚେତକ ବିଭାଗର ଡା ଟି କେ ଶ୍ରୀକାନ୍ତ ଭେଷଜ ବିଭାଗର ଡା ଆଶିଷ ମହାପାତ୍ର, ଅସ୍ଥିଶଲ୍ୟ ବିଭାଗର ଡା କିଶନ ମଲ୍ଲିକ, ଭେଷଜ ବିଭାଗର ଡା ସାଇ କୁମାର ବେହେରା, ଡା ରାଜକୁମାର ମହାରଣା ବିଭିଉ ବିଭାଗର ମୁଖ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇ ସହଯୋଗ କରିଥିଲେ। ରୁବୀ ଚକ୍ଷୁ ଚିକିତ୍ସାଳୟ, ବ୍ରହ୍ମପୁରର କର୍ମଚାରୀ ମାନେ ଯୋଗଦେଇ ଚକ୍ଷୁ ଚିକିତ୍ସା କରିଥିଲେ। ଏହି କାର୍ଯ୍ୟକ୍ରମରେ ୩୦୦ରୁ ଉର୍ଦ୍ଧ ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବିତରଣ କରାଯାଇଥିଲା ଓ ୮୩ ବ୍ୟକ୍ତିଙ୍କର ଚକ୍ଷୁ ପରୀକ୍ଷା କରାଯାଇ ଥିଲାୟ ତତସହିତ ଉପଦେଷ୍ଟା କିରଣ କୁମାର ପାଢ଼ୀ, ଅରୁଣ କୁମାର ପାଢ଼ୀ, ପ୍ରଶାନ୍ତ କୁମାର ପାଣିଗ୍ରାହୀ, ସୀତାରାମ ପାଢ଼ୀ, ପ୍ରତାପ କୁମାର ପାଢ଼ୀ, ଯଜ୍ଞାସେନ ବେହେରା, ହିମାଂଶୁ ବେହେରା, ସିଦ୍ଧାର୍ଥ ଗୌଡ଼, ସାଇ ପାଢ଼ୀ, ଭୋଲା ସ୍ୱାଇଁ, ଆଶିଷ ଗୌଡ଼ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଦଡୁଆଁ ଗ୍ରାମରେ ଠାକୁରାଣୀ ଉଷା

ଯୋଡ଼ା,(ମହାଭାରତ)କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ୍ ଅନ୍ତର୍ଗତ ବିରି କଳା ଗ୍ରାମ ପଞ୍ଚାୟତ ର ଦଡୁଆଁ ଗ୍ରାମ ସ୍ଥିତ ଧୁବୁଲା ବେଢ଼। ଠାରେ ମା ଠାକୁରାଣୀ ଙ୍କ ଉଷା ଧୂମ ଧାମ ରେ ପାଳିତ ହୋଇ ଯାଇଛି ।ଦୀର୍ଘ ୮ ଦିନ ଧରି ମା ଙ୍କ କୋଠୀ ଘରେ ରୀତିନୀତି ଅନୁଯାୟୀ ପୂଜା ଅର୍ଚ୍ଚନା ପରେ ଗୁରୁବାର ବିଳମ୍ବିତ ରାତିରେ କୋଠୀ ଘରୁ ବାହାର କୁ ମା ବିଜେ କରିଥିଲେ ଶୁକ୍ରବାର ଦିନ ତମାମ ପୂଜା ଅର୍ଚ୍ଚନା କରାଯାଇଥିଲା ।ବହୁ ସଂଖ୍ୟାରେ ଆଖପାଖ ଅଞ୍ଚଳ ର ଗ୍ରାମବାସୀ ମାନେ ମା ଙ୍କୁ ଦର୍ଶନ କରିଥିଲେ ।ଗ୍ରାମ ର ଦେହୁରୀ ଙ୍କ ଦ୍ୱାରା ଦୀର୍ଘ ୮ ଦିନ ଧରି ମା ଙ୍କ ମୃଣ୍ମୟୀ ମୂର୍ତ୍ତି ର ପୂଜା ଅର୍ଚ୍ଚନା କରାଯାଇଥିଲା ।ଉପବାସ ରଖୁଥିବା ବ୍ରତ ଧାରୀ ମାନେ ଆଠ ଦିନ ଧରି ଶୁଦ୍ଧପୂତ ଭାବେ ବ୍ରତ ରଖି ଶୁକ୍ରବାର ସନ୍ଧ୍ୟାରେ ପରମ୍ପରା ଅନୁଯାୟୀ ନିଆଁ ହୁଳାରେ ଖାଲି ପାଦରେ ଚାଲିଥିଲେ।ଏହି ବିରଳ ଦୃଶ୍ୟ ଦେଖିବା ପାଇଁ ଶତାଧିକ ଶ୍ରଦ୍ଧାଳୁ ତଥା ଲୋକଙ୍କ ଭିଡ଼ ଜମି ଥିଲା।ଶେଷରେ ମା ଙ୍କୁ ଗ୍ରାମରେ ବାଦ୍ୟ ରୋଷଣୀ ,ଗୀତ ନାଚ କରି ମେଲାଣି ଦିଆ ଯାଇ ବୈତରଣୀ ନଦୀରେ ବିସର୍ଜନ କରାଯାଇଥିଲା ।

## ଚାହା ବ୍ୟବସାୟୀ ଟୁନା ଙ୍କୁ ସହାୟତାର ହାତ ବଢ଼ାଇଲେ ଗ୍ରୀନ ପାରାଦୀପ ଟ୍ରଷ୍ଟ




ପାରାଦୀପ (ମହାଭାରତ): ପାରାଦୀପ ପ୍ରେସ ଗ୍ୟାଲେରୀ ନିକଟରେ ଥିବା ଚାହା ଦୋକାନୀ ସୁଜିତ ଦାସ (ଟୁନା) ଙ୍କୁ ଶନିବାର ସକାଳେ ଗ୍ରୀନ ପାରାଦୀପ ଟ୍ରଷ୍ଟ ପକ୍ଷରୁ ଏକ ନୂତନ ଚାହା ଷ୍ଟଲ ଗାଡି ପ୍ରଦାନ କରାଯାଇଥିଲା । ଏହି ଅବସରରେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଏହି ଷ୍ଟଲ କୁ ଉଦଘାଟନ କରିଥିବା ବେଳେ ଉଚ୍ଚ ନ୍ୟାୟାଳୟର ଏଜିଏ ତପନ କୁମାର ଦାଶ ଓ ବଣିକ ସଂଘର ପୂର୍ବତନ ସଭାପତି ବରିଷ୍ଠ ବ୍ୟବସାୟୀ କ୍ଷୀରୋଦ କୁମାର ସ୍ୱାଇଁ ଉପସ୍ଥିତ ଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟ ର ଅଧ୍ୟକ୍ଷ ରାକେଶ ପଟ୍ଟନାୟକ, ଉପସଭାପତି ସୁଧାଂଶୁ ନାୟକ, ଉପଦେଷ୍ଟା ଶୁକଦେବ ଜେନା, ଶଶାଙ୍କ ଆଚାର୍ଯ୍ୟ ଓ ରବିନ୍ଦ୍ର ଜେନା, ଗ୍ରୀନ ଟ୍ରଷ୍ଟର ସଦସ୍ୟ ପ୍ରଭାକର ସାହୁ, ଦୀପକ ଦାସ, ଆଲୋକ ମହାପାତ୍ର, ବିବେକାନନ୍ଦ ରାଉତ, ଲାଲା ବିନୟ କୁମାର ରାୟ, ବିରଜା ତ୍ରିପାଠୀ,ସନ୍ତୋଷ ଭାରତୀ, ସଂଗ୍ରାମ ରାଉତ,ଅଜିତ ଦାସ, ତ୍ରିଲୋଚନ ମହାପାତ୍ର, ପ୍ରୀତି ରଞ୍ଜନ ମହାପାତ୍ର,ପ୍ରଶାନ୍ତ ସ୍ୱାଇଁ, ପ୍ରଭାସ ଦାସ,କୁଳମଣି ନାୟକ, ଅବଦୁଲ ଆବିଦ ଖାନ, ପ୍ରଦୀପ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ । ତେବେ ଦୀର୍ଘଦିନ ହେବ ଏଠାରେ ଚାହା ବ୍ୟବସାୟ କରୁଥିବା ଟୁନା ଏକ ଜରାଜୀର୍ଣ୍ଣ ଠେଲାରେ ବ୍ୟବସାୟ କରୁଥିବା ବେଳେ, ଏହାକୁ ହୃଦୟଙ୍ଗମ କରି ପାରାଦୀପ ର କାର୍ଯ୍ୟରତ ସାମ୍ବାଦିକଙ୍କ ଦ୍ୱାରା ପ୍ରତିଷ୍ଠିତ ଗ୍ରୀନ ପାରାଦୀପ ଟ୍ରଷ୍ଟ ପକ୍ଷରୁ ଏକ ନବ ନିର୍ମାଣ ଅତ୍ୟାଧୁନିକ ଷ୍ଟଲ ଗାଡି ଦାନ କରାଯାଇଥିଲା । ସୂଚନାଥାଉକି, ଗ୍ରୀନ ପାରାଦୀପ ଟ୍ରଷ୍ଟ ବନ୍ଦର ସହରକୁ ସବୁଜମୟ କରିବା ଉଦ୍ଦେଶ୍ୟରେ ନିୟମିତ ଅନ୍ତରରେ ବୃକ୍ଷ ରୋପଣ କରିଆସୁଥିବା ବେଳେ ଅସହାୟ ମାନଙ୍କୁ ସର୍ବଦା ସହାୟତାର ହାତ ବାଢଥାଏ । ଏହି ଷ୍ଟଲ ପାଇବା ପରେ ଚାହା ବ୍ୟବସାୟୀ ଟୁନା ଟ୍ରଷ୍ଟ ଏବଂ କାର୍ଯ୍ୟରତ ସାମ୍ବାଦିକ ମାନଙ୍କୁ ଅନ୍ତରର ସହ ଧନ୍ୟବାଦ ଜଣାଇଛନ୍ତି ।

# ପର୍ଯ୍ୟଟନ ଋତୁରେ ଭୀମକୁଣ୍ଡ ଚଳଚଞ୍ଚଳ

## ଅବ୍ୟବସ୍ଥା ପାଇଁ ପର୍ଯ୍ୟଟନ ଅସନ୍ତୋଷ



କରଞ୍ଜିଆ,(ମହାଭାରତ) ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ପର୍ଯ୍ୟଟନ ସ୍ଥଳୀ ଭୀମକୁଣ୍ଡୟଏହା ମୟୂରଭଞ୍ଜ ଜିଲ୍ଲାର ଏକ ଅନନ୍ୟ ପର୍ଯ୍ୟଟନ କ୍ଷେତ୍ର। ବିଶ୍ୱାସ ଅଛି ଯେ ପାଣ୍ଡବ ମାନେ ଦ୍ୱାପର ଯୁଗରେ ଅଜ୍ଞାତ ବାସରେ ଥିବା ବେଳେ ଏହିଠାରେ ସ୍ନାନ କରିବା ସହିତ ତୃଷ୍ଣା ମେଣ୍ଟାଇବା ଥିଲେ। ତେଣୁ ଏହାର ନାମକରଣ ମଧ୍ୟ ଭୀମକୁଣ୍ଡ ରଖାଯାଇଛି ଯାହା ଲୋକ ଶ୍ରୁତିରୁ ଜଣାଯାଏ ।ତେବେ ଏହାକୁ ୨୦୦୬ ମସିହାରେ ଓଡିଶା ମାନଚିତ୍ରରେ ପର୍ଯ୍ୟଟନ କ୍ଷେତ୍ର ହିସାବରେ ସ୍ଥାନ ମିଳିଛି ।ସେଇ ଦିନଠାରୁ ଆଜି ପର୍ଯ୍ୟନ୍ତ ପିକନିକ ଋତୁରେ ଚଳଚଞ୍ଚଳ ହୋଇ ଉଠେ ଭୀମକୁଣ୍ଡ ।ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଜନ ମାନସକୁ ବିମହିତ କରିଥାଏ । ପୁଣ୍ୟତୋୟା ବୈତରଣୀର ଉଚ୍ଛଳା ଜଳରାଶି ପଥର ଉପରୁ ଡେଇଁ ପୋଡି ଏକପ୍ରପାତ ସୃଷ୍ଟିକରିବାର ଦୃଶ ପରିବେଶକୁ ରମଣୀ। କରୁଥିବା ବେଳେ ଧଳା , କଳା ଓ ନେଳି ପଥର ଗୋହର ଦେଇ ଏକ ବିରାଟ କୁଣ୍ଡକୁ ନୀଳ ଜଳରାଶି ବହିଆସୁଥିବାର ଦୃଶ ଅତି ରମଣୀ। ଏହାକୁ ଦେଖିଲେ ଯେ କେହିବି କିଛି କ୍ଷଣ ପାଇଁ ସବୁକିଛି ଭୁଲିଯାଇଥାଏ । ହେଲେ ପ୍ରକୃତିର ସୌନ୍ଦର୍ଯ୍ୟ ଭରା ଏଇ ଭୀମକୁଣ୍ଡ ପର୍ଯ୍ୟଟନ ମାନ୍ୟତା ପାଇଥିଲେ ମଧ ବହୁ ସମସ୍ୟା ଦେଖା ଦେଇଛି ଦିର୍ଘଦିନ ଧରି କାମ ମ୍ୟର ଗତିରେ ଚାଲିଛି। ତେବେ ଭୀମକୁଣ୍ଡ ର ସୁରକ୍ଷା ବାଡ଼ ଡେଇଁ ସେଲଫି ପାଇଁ ପର୍ଯ୍ୟଟକ ଚାଲିଯାଉଥିଲା ବେଳେ ଅଘଟଣା ଘଟିପାରେ ତେଣୁ ସେଠାରେ ସୁରକ୍ଷା ବ୍ୟବସ୍ଥା ସହିତ କୁଣ୍ଡ ପାଖରେ ନିର୍ମାଣ ହୋଇଥିବା ଭୀମ ମୂର୍ତ୍ତିର ର ରଙ୍ଗ ଛାଡି ବର୍ଷ ଜଳ ସିଉଳି ବହିଯାଇଛି , କୁଣ୍ଡରେ କୌଣସି ସୁରକ୍ଷା ବାଡ଼ ଦେଲେ ବହୁ ମୂଲ୍ୟବାନ ଜୀବନର ସୁରକ୍ଷା ହୋଇ ପାରିବା ସହିତ ପର୍ଯ୍ୟଟକ ମାନେ ଏହାର ଭରପୁରମଜା ନେଇ ପାରନ୍ତେ । ଏହା ଏକ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ପର୍ଯ୍ୟଟନସ୍ଥଳ ହୋଇଥିବା ବେଳେ, ବଣ ଭଜି ପାଇଁ ଏଠାକୁ ବର୍ଷ ସାରା ପର୍ଯ୍ୟଟକଙ୍କ ସୁଅ ଛୁଟିଥିଲା ବେଳେ ପର୍ଯ୍ୟଟନ ଋତୁରେ ପ୍ରବଳ ଭିଡ ଦେଖିବାକୁ ମିଳିଲାନି । ଏହାର ମନରୋମ ଦୃଶ୍ୟ ଉପଭୋଗ କରିବା ପାଇଁ ୱାଚଟାୱାର, ସୁରକ୍ଷାବାଡ଼ , ପୋକ୍କାରାସ୍ତା, , ଶୌଚାଳୟ ,ରହିବା ପାଇଁ କଟେଜ୍ , ବଙ୍ଗଳା ଆଦି ମ୍ୟର ଗତିରେ କାମ ଚାଲିଥିଲା ବେଳେ ଜୁଲାଇ ମାସ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ସମୟ ସୀମା ଥିଲା। ଛୁଟି ଦିନ ଗୁଡ଼ିକରେ ବାହାର ଜିଲ୍ଲା ସହିତ ରାଜ୍ୟ ବାହାରୁ ମଧ୍ୟ ପର୍ଯ୍ୟଟକ ଆସୁଛନ୍ତି । ପାନୀୟ ଜଳ, ଶୌଚାଳ ଓ ସଂଧାରେ ପରେ ଷ୍ଟିଟଲାଇଟ ଆଦି ସମସ୍ୟା ଦେଖାଦେଇଛି । ଏହାକୁ ନେଇ ପର୍ଯ୍ୟଟକଙ୍କ ମନରେ ଅଶାନ୍ତି ଭରି ରହୁଛିୟ ସେହିପରି ପର୍ଯ୍ୟଟନକ୍ଷେତ୍ରରେ ସୁରକ୍ଷା ଓ ସ୍ୱଚ୍ଛତା, ସିକୁଟି ବ୍ୟବସ୍ଥା ଓ ଟି ଡି ସି ର ଭୀମକୁଣ୍ଡ ଦାଇତ୍ୱ ଥିବା କର୍ମଚାରୀ ଆର ପିଉସ୍ ପ୍ରକାଶ କରିଥିଲେ।ତେବେ ସ୍ୱାଚଳୟ କିମ୍ବା ରହିବା ପାଇଁ କୌଣସି ବ୍ୟବସ୍ଥା ହୋଇ ନ ଥିବାରୁ ପର୍ଯ୍ୟଟକ ମାନେ ବହୁ ଅସୁବିଧାର ସମ୍ମୁଖିନ ମଧ ହୋଇଥାନ୍ତି । ତେବେ ସେଠାରେ ଏ ବିଷୟରେ ପୂର୍ତ୍ତି ବିଭାଗ କନିଷ୍ଠ ଯନ୍ତ୍ରୀ ସୁଧାଂଶୁ ସେଖର ନାଏକଙ୍କୁ ପଚାରିବାରୁ ବିଜୁଳି ଆଲୋକ କାମ ଆମର ନୁହେଁ , ଶ୍ୱାଚାଳୟ ଅନ୍ୟାନ୍ୟ କାମ ବର୍ଷା ପାଇଁ ବିଳମ୍ବ ହୋଇଛି। ଏ ବର୍ତ୍ତମାନ ପର୍ଯ୍ୟଟନ ଋତୁ ଆରମ୍ଭ ହୋଇଯାଇଥିଲା ବେଳେ ଜିଲ୍ଲା ପ୍ରଶାସନ ବା ପର୍ଯ୍ୟଟନ ବିଭାଗର ଏ ଦିଗରେ କେବେ ଦୃଷ୍ଟି ପଡୁଛି ଦେଖିବାକୁ ବାକି ରହିଲା । ଏଠାକୁ ଆସିବା ପାଇଁ ବସ୍, କିମ୍ବା ଚାରିଚକିଆ ଯାନରେ ଦୂରତାୟ ଭୁବନେଶ୍ୱରରୁ ଠାକୁରମୁଣ୍ଡା ଦେଇ ୨୦୩ କିମି ।ବାଲେଶ୍ୱର ରୁ ଠାକୁରମୁଣ୍ଡା ଦେଇ ଭୀମକୁଣ୍ଡ କୁ ୧୨୦ କି ମି। ଜିଲ୍ଲା ସଦରମହକୁମା ବାରିପଦା ରୁ ୧୩୦ କିମି। ରାଇରଙ୍ଗପୁର ରୁ ଭୀମକୁଣ୍ଡ ୧୦୩ କିମି।

## ସର୍ବସାଧାରଣ ସ୍ଥାନରେ ଅଳିଆ ଆବର୍ଜନା ପଡୁଛି

### ପୌରପାଳିକାର ନିର୍ଦ୍ଦେଶକୁ ଅମାନିଆଙ୍କ ବେଖାତିର



କେନ୍ଦୁଝର, (ମହାଭାରତ): କେନ୍ଦୁଝର ସହରକୁ ସ୍ୱସ୍ଥ ସୁନ୍ଦର କରିବା ପାଇଁ ପୌର ପ୍ରଶାସନ ପକ୍ଷରୁ କଡା ଆଭିମୁଖ୍ୟ ଗ୍ରହଣ କରାଯାଇ ସର୍ବସାଧାରଣ ସ୍ଥାନରେ ଅଳିଆ ଆବର୍ଜନା ପଡିଲେ ଜରିମାନା ଆଦାୟ କରାଯିବ ବୋଲି କୁହାଯାଇଥିଲା । ଏହି ଆଦେଶ କରାଯିବାର ୧ ମାସ ପରେ ମଧ ଅମାନିଆ ମାନେ ପୂର୍ବବତ ଚିହ୍ନଟ କରାଯାଇଥିବା ସର୍ବସାଧାରଣ ସ୍ଥାନରେ ଅଳିଆ ଆବର୍ଜନା ପକାଉଛନ୍ତି । ଚିହ୍ନଟ କରାଯାଇଥିବା ସ୍ଥାନରେ ପୌରପାଳିକା ପକ୍ଷରୁ ସୂଚନା ଦିଆଯାଇ ଲୋକଙ୍କୁ ବାରଣ କରାଯାଇଛି । ଏହା ସ□ ଉକ୍ତ ସ୍ଥାନରେ ଅଳିଆ ପଡୁଛି । ନିର୍ମଳା କନଭେ□ ସ୍କୁଲ ରାସ୍ତା ଏବଂ ଟାଉନ ଥାନା ନିକଟରେ ରାସ୍ତା ପାଶ୍ୱରେ ବହୁ ଲୋକ ରାତିରେ ଆଣି ଅଳିଆ ପକାଇ ପଳାଉଛନ୍ତି । ତେବେ ସେମାନଙ୍କୁ ଚିହ୍ନଟ କରି ପୌରପାଳିକା ପକ୍ଷରୁ ଜରିମାନା ଆଦାୟ କରାଯାଉନାହିଁ। ପ୍ରତ୍ୟେକ ୱାର୍ଡକୁ ସ୍ୱଚ୍ଛ ସବାରୀ ଗାଡି ଯାଉଥିଲେ ମଧ କିଛି ଅମାନିଆ ଲୋକ ସ୍ୱଚ୍ଛ ସବାରୀ ଗାଡିରେ ଓଦା ଓ ଶୁଖିଲା ଅଳିଆ ଆବର୍ଜନା ନଦେଇ ସର୍ବସାଧାରଣ ସ୍ଥାନ,ଡ୍ରେନ ଓ ରାସ୍ତା ଉପରେ ପକାଉଛନ୍ତି । ସ୍ୱଚ୍ଛସାଥି ୱାର୍ଡସ୍ତରରେ ଲୋକମାନଙ୍କୁ ସଚେତନ ଏବଂ ବାରଣ କରୁଥିଲେ ମଧ କିଛି ଅମାନିଆ ଲୋକ ବର୍ଷ ବର୍ଷ ଧରି ସର୍ବସାଧାରଣ ସ୍ଥାନରେ ଅଳିଆ ପକାଉଥିବାରୁ ପରିବେଶ ପ୍ରଦୂଷିତ ହେଉଛି । ରାସ୍ତାରେ ପଡୁଥିବା ବାସି ଖାଦ୍ୟ ଗୋରୁଗାଈ ଖାଇ ମୃତ୍ୟୁବରଣ କରୁଛନ୍ତି । ବାସି ଖାଦ୍ୟକୁ କୁକୁରମାନେ ଖାଇ ଏଣେତେଣେ ପକାଉଛନ୍ତି । ବାରମ୍ବାର ତାଗିଦ ସ□ ଅମାନିଆ ଚେତୁ ନଥିବାରୁ ପୌର ପ୍ରଶାସନ କଡା ଆଭିମୁଖ୍ୟ ଗ୍ରହଣ କରିବାକୁ ଦାବୀ ହୋଇଛି । କେନ୍ଦୁଝର ସହରରେ ସର୍ବସାଧାରଣରେ ଅଳିଆ ଆବର୍ଜନା ପଡୁଥିବା ୬୦ଟି ସ୍ଥାନକୁ ଚିହ୍ନଟ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ୧୫ଟି ସ୍ଥାନରେ ସିସିଟିଭି ଲଗାଯିବ । ସିସିଟିଭି ଆଧାରରେ ଅମାନିଆଙ୍କୁ ଚିହ୍ନଟ କରାଯାଇ ସେମାନଙ୍କଠାରୁ ଜରିମାନା ଆଦାୟ କରାଯିବ ଏବଂ କେନ୍ଦୁଝର ସହରରେ ଛକ ସ୍ଥାନରେ ଲାଗିଥିବା ଡିଜିଟାଲ ଡିସପ୍ଲେ ବୋର୍ଡରେ ସେମାନଙ୍କ ଫଟୋ ପ୍ରଦର୍ଶିତ କରାଯିବ ବୋଲି କେନ୍ଦୁଝରଗଡ ପୌରପାଳିକାର ନିର୍ବାହୀ ଅଧିକାରୀ ଲଳିତ କୁମାର ନାୟକ ସୂଚନା ଦେଇଛନ୍ତି ।

## ସମସ୍ୟା ଘେରରେ ଜିଲ୍ଲା ନିବନ୍ଧକ କାର୍ଯ୍ୟାଳୟ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ଥିବା ଜିଲ୍ଲା ନିବନ୍ଧକ କାର୍ଯ୍ୟଳୟ ଟି ସମସ୍ୟା ଘେର ରେ ରହିଥିବା ଜଣାପଡିଛି ଏଠ ରେ ସ୍ଥାୟୀ ନିବନ୍ଧକ ନଥିବ ଜଣାପଡିଛି । ଓ କର୍ମଚାରୀ ଅଭାବ ରହିଥିବା ଜଣ ପଡିଛି ଗୋଟିଏ ଜୁନିଅର କ୍ଲର୍କ ଓ ସିନିୟର୍ କ୍ଲ ର୍କ ପଦବି ଖାଲି ପଡ଼ିଛି। ଏଥି ସଙ୍ଗେ ଥିବା କର୍ମ ଚାରୀଙ୍କ ବଦଳି ହୋଇ ନଥିବା ଜଣା ପଡ଼ିଛି। ସକାଳ ପାଇଲେ କାର୍ଯ୍ୟ ଳ ୟ ରେ ଦଲା ଲ ଙ୍କ ଘୁରି ବୁଲୁ ଥିବାର ଅଭିଯୋଗ ହଉଛି। ଆର୍ ଆ ଇ ଅଫିସ ଠାରୁ ନିବନ୍ଧକ ଅଫିସ ପର୍ଯ୍ୟନ୍ତ ଦଲାଲ ମାନେ ଖଣ୍ଡେ କାଗଜ ଧରି ରାସ୍ତାରେ ଛିଡ଼ା ହୋଇ ପ୍ଲଟ କିଣା ବିକା ସକାଶେ ଛିଡା ହୋଇ ଥାନ୍ତି । ଇଚ୍ଛୁକ ଥିବ ବ୍ୟକ୍ତି ଙ୍କୁ ଡକ୍ୟୁମେଣ୍ଟ ଦେ ଖା ଇ ଥାଆନ୍ତି। ରାତ ରାତି ଲକ୍ଷ ପତି କୋଟି ପତି ହେବ ସପ୍ନ ଦେଖି ଥାଆନ୍ତି । ଯାହା ପାଖରେ କିଛି ନଥିଲା ସେ ଆଜି କୋଟି ପତି ଲକ୍ଷ ପତି ହୋଇଛନ୍ତି ବିଳାସ ବେସନ ରେ ଓ ଏସ ଆର୍ ମ ରେ ଜୀବନ ବିତାଉ ଛନ୍ତି । ଏହା କାହାକୁ ଅଛପା ନାହିଁ । ସରକାର ଦଲାଲ ମୁକ୍ତ ସକାଶେ କହୁ ଥିବା ବେଳେ ଦଲାଲ ମୁକ୍ତ ହୋଇ ପାରୁ ନାହିଁ ଅଫିସ ରେ ଲାଗିଥିବା ସି ସି କେମେରା ଯାଞ୍ଚ କରିବା ଆବଶ୍ୟକ ତୟ ରହିଛି। ଯଦି ଜଣେ ବେ କ୍ତି ବାରମ୍ବାର ଅଫିସ ଆସେ ବା ପ୍ରତି ଦିନ ଅଫିସ ରେ ଘୁରି ବୁଲୁ ଥାଏ ତେବେ ତାହାର କଣ ଆବଶ୍ୟକ ତା ରହିଛି । ପଚାରି ବୁଝିଲେ ଦଲାଲ ମୁକ୍ତ ହୋଇ ପାରିବ ବୋଲି ସାଧାରଣ ରେ ମତ ପ୍ରକାଶ ପାଇଛି।

## ଦିବଙ୍ଗତ ସାମ୍ବାଦିକ ରମାକାନ୍ତ ମହାନନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି

ରେଙ୍ଗାଲି:-(ମହାଭାରତ ): ଏକ ସଡକ ଦୁର୍ଘଟଣା ରେ ମୃତ୍ୟୁବରଣ କରିଥିବା ଯୁବ ସାମ୍ବାଦିକ ରମାକାନ୍ତ ମହାନନ୍ଦ ଙ୍କ ଅକାଳ ବିୟୋଗ ରେ ଆଜି ଓୟୁଜେ ରେଙ୍ଗାଲିବ୍ଲକ ୟୁନିଟ୍ ପକ୍ଷରୁ ଏକ ଶୋକ ସଭା ଅନୁଷ୍ଠିତ ହୋଇ ସ୍ୱର୍ଗତ ମହାନନ୍ଦଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭ ରେ ସ୍ୱର୍ଗତ ମହାନନ୍ଦ ଙ୍କ ଫଟୋଚିତ୍ର ରେ ଧୂପଦୀପ ପ୍ରଜ୍ୱଳନ କରାଯାଇ ଅମର ଆତ୍ମାର ଶାନ୍ତି ଓ ସଦ୍ ଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଗତ ମହାନନ୍ଦ ଙ୍କ ପରିବାର କୁ ସରକାର ଶୀଘ୍ର ଆର୍ଥିକ ସହାୟତା ପ୍ରଦାନ କରିବା ସହିତ ତାଙ୍କର ସନ୍ତାନସନ୍ତତି ଙ୍କ ପାଠପଢା ଦାୟିତ୍ୱ ସରକାର ବହନ କରି ତାଙ୍କର ଧର୍ମପତ୍ନୀଙ୍କୁ ଥଇଥାନ ବ୍ୟବସ୍ଥା କରାଯିବାକୁ ସଭାରେ ଦାବୀ କରାଯାଇଛି।

# ବିକାଶ ଖୋଜୁଛି ଶିଳ୍ପାଞ୍ଚଳର ବାତେଲିମା ଗାଁ

## ଶିକ୍ଷା, ସ୍ୱାସ୍ଥ୍ୟ,ଗମନାଗମନ,ଭଳି ବର୍ଷ ବର୍ଷ ଧରି ଲାଗି ରହିଛି ବିଭିନ୍ନ ସମସ୍ୟା



ଲାଞ୍ଜିଗଡ଼(ମହାଭାରତ) କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଶିଳ୍ପାଞ୍ଚଳର ଏକ ପାର୍ଶ୍ୱବର୍ତ୍ତି ଗାଁ ହେଉଛି ବାତେଲିମା।ଏହି ବାତେଲିମାରେ ପଞ୍ଚାୟତ କାର୍ଯ୍ୟାଳୟ ମଧ ରହିଛି।ବର୍ତ୍ତମାନ ଏଠାରେ ବିକାଶ ଅପହଞ୍ଚ ହୋଇ ରହିଥିବା ବେଳେ ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ, ଭଳି ବିଭିଉ ସମସ୍ୟା ବର୍ଷ ବର୍ଷ ଧରି ଲାଗି ରହିଛି।ଯାହା ଫଳରେ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।ବାତେଲିମା ଗାଁରେ ୪ ଗୋଟି ପଡା ରହିଥିବା ବେଳେ ୧୨୫ ପରିବାର ପ୍ରାୟ ୬୦୦ ଶହରୁ ଉର୍ଦ୍ଧ୍ୱ ଜନସଂଖ୍ୟା ବସବାସ କରନ୍ତି।ଏହା ବ୍ୟତୀତ ବାରେଲିମା ପଞ୍ଚାୟତ ଉପରେ ପ୍ରାୟ ୧୧ ଗୋଟି ଗାଁ ଲୋକେ ନିର୍ଭର କରୁଛନ୍ତି।ବାତେଲିମା ପଞ୍ଚାୟତକୁ ଲାଗି ବେଦାନ୍ତ କମ୍ପାନୀ ରହିଥିବା ବେଳେ ଏହି ବାତେଲି ପଞ୍ଚାୟତକୁ କମ୍ପାନୀ ଓ ପ୍ରଶାସନର ଦୂର ଦୃଷ୍ଟି ଅଭାବରୁ ବର୍ଷ ବର୍ଷ ଧରି ବିଭିନ୍ନ ସମସ୍ୟା ଲାଗି ରହିଛି।ଏଥି ମଧ୍ୟରୁ ମୁଖ୍ୟ ସମସ୍ୟା ହେଉଛି ରାସ୍ତା।ବାତେଲିମା ପଞ୍ଚାୟତ ୪ ଗୋଟି ଆର୍ଡି ରାସ୍ତା ସଂଯୋଗ କରୁଥିବା ବେଳେ ବାତେଲିମା-ନିଆଳି,ବାତେଲିମା-କଂସାରୀ, ବାତେଲିମା-ସିନ୍ଧିବାହିଲି, ବାତେଲିମା-ଲାଞ୍ଜିଗଡ ସଂଯୋଗ କରୁଥିବା ଆର୍ଡି ରାସ୍ତାଟି କମ୍ପାନୀର ଭାରିଯାନ ଚକ ପ୍ରଚଳ ଯୋଗୁଁ ଆଜିକୁ ୨୩ ବର୍ଷ ଧରି ଶୋଚନୀୟ ଅବସ୍ଥାରେ ପଡ଼ି ରହିଛି।ଯାହା ଫଳରେ ପଞ୍ଚାୟତକୁ ଆମ୍ବୁଲାନ୍ସ ଯିବା କଷ୍ଟକର ହୋଇପଡ଼ିଥିବା ବେଳେ ଗୁରୁତର ରୋଗୀ, ଗର୍ଭବତୀ ଓ ପ୍ରସୂତି ମହିଳାଙ୍କୁ ଡାକ୍ତରଖାନା ନେବା ସମ୍ଭବ ହେଉନାହିଁ। ସ୍ୱାସ୍ଥ୍ୟ ସେବା ପାଇବା ପାଇଁ ଲାଞ୍ଜିଗଡ ଉପରେ ନିର୍ଭର କରିଥାନ୍ତି। କିନ୍ତୁ ଭଲ ରାସ୍ତା ନଥିବା ଯୋଗୁଁ ଗୁରୁତର ରୋଗୀ କିମ୍ବା ପ୍ରସୂତି ମହିଳାଙ୍କୁ ଲାଞ୍ଜିଗଡ ଆଣିବା କଷ୍ଟକର ହୋଇପଡୁଛି।ଛାତ୍ରଛାତ୍ରୀଙ୍କୁ ଉଚ୍ଚ ଶିକ୍ଷା ପାଇଁ ବିଶ୍ୱନାଥପୁର ୧୮ କିଲୋମିଟର ଯିବାକୁ ପଡୁଛି।ବାତେଲିଗାଁ ଠାରୁ ୩ କିମି ଦୂରରେ ଭାଟଗୁଡା ଗାଁ ନିକଟରେ କଲେଜ ପାଇଁ ଆଜିକୁ ୧୫ ବର୍ଷ ହେଲା ବେଦାନ୍ତ କମ୍ପାନୀ ପକ୍ଷରୁ ପାଚେରୀ ନିର୍ମାଣ ହୋଇଛି।କିନ୍ତୁ ବିଭିନ୍ନ ଦାବି ସତ୍ତ୍ୱେ□ମଧ କଲେଜ ହୋଇ ପାରିନାହିଁ। ଏଣୁ ଗରିବ ଆଦିବାସୀ ଛାତ୍ର ଛାତ୍ରୀମାନେ ଉଚ୍ଚ ଶିକ୍ଷା ପାଇବାରୁ ବଞ୍ଚିତ ହୋଇ ଇଚ୍ଛା ଶକ୍ତି ଥାଇ ବି ଅନେକ ମେଧାବୀ ଛାତ୍ରଛାତ୍ରୀ ପାଠପଢ଼ା ଅଧାରୁ ପାଠ ପଢ଼ା ଛାଡି ଦେଉଛନ୍ତି । କୌଣସି ଉପାୟ ନ ପାଇ ଦାଦନ ଖଟିବାକୁ ଯାଉଥିବାବେଳେ ଝିଅମାନଙ୍କୁ କମ ବୟସରେ ବାଧ ବାଧକତାରେ ବିବାହ କରି ଦିଆ ଯାଇଥାଏ।ଏପଟେ କମ୍ପାନୀ ପାଚିରୀ ଗାଁକୁ ଲାଗି ରହିଥିବା ବେଳେ ଅଳ୍ପକେ ପବନ ହେଲେ କୋଇଲା,ବକ୍ସାଇଟ ଓ ପାଉଁଶ ଗୁଣ୍ଡରେ ଗାଁ ଡାଙ୍କି ହୋଇ ଯାଉଛି।ଏଣୁ ଯଦି ଏଥିପ୍ରତି ପ୍ରଶାସନ କିମ୍ବା କମ୍ପାନୀ ଦୃଷ୍ଟି ନ ଦିଅନ୍ତି ତାହାହେଲେ ଆଗାମୀ ଦିନରେ ରାଜରାସ୍ତାକୁ ଓଲ୍ଲାଇବା ସହିତ ବ୍ଲକ କାର୍ଯ୍ୟାଳୟ ତଥା କମ୍ପାନୀର ମୁଖ୍ୟ ଗେଟ ଆଗରେ ଧାରଣା ଦେବୁବୋଲି ବାତେଲିମା ସରପଞ୍ଚ କରୁଣା ମାଝୀ,ସମିତି ସଭ୍ୟା ଗୋବିନ୍ଦ ନାଏକ, ଭଗବାନ ପାତ୍ର, ମୁରଲୀ ନାଏକ, ଚିତ୍ତରଞ୍ଜନ ପାତ୍ର, ଧନୁ ମାଝୀ, ରଘୁ ମାଝୀ, କୃଷ୍ଣ ପାତ୍ର, ହରମନ ଦଣ୍ଡସେନା, ବାସନ୍ତୀ ସାମଲ, ସନ୍ତୋଷ ମାଝୀ, ଭକ୍ତ ଦୋରା, ବିଭୀଷଣ ପାତ୍ର ସମେତ ବାତେଲିମା ଗ୍ରାମବାସୀ ଚେତାବନୀ ଦେଇଛନ୍ତି।







## କୁହୁଡ଼ି ପାଇଁ ସିରିଜ ଦୁର୍ଘଟଣା



ଉତ୍ତରପ୍ରଦେଶ: ଘନ କୁହୁଡ଼ି ସାଜିଲା କାଳ । କୁହୁଡି ଯୋଗୁଁ, ଗ୍ରେଟର ନୋଏଡା ପୂର୍ବ ପେରିଫେରାଲ ହାଇୱେରେ ଛଅରୁ ଅଧିକ ଗାଡ଼ି ପରସ୍ପର ସହିତ ଧକ୍କା ହୋଇଥିଲା । ଯାହା ଫଳରେ ଅନେକ ଲୋକ ଆହତ ହୋଇଥିଲେ । ସୂଚନା ପାଇବା ପରେ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି କ୍ଷତିଗ୍ରସ୍ତ ଗାଡ଼ିଗୁଡ଼ିକୁ ହାଇୱେରୁ ଟାଣି ନେଇ ଆହତମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଏହି ଘଟଣାଟି ବାମ୍ବାୱାଡ ବାଦଲପୁର ପୋଲିସ ଷ୍ଟେସନ ଅଞ୍ଚଳର ବୋଲି କୁହାଯାଉଛି। ଦୁର୍ଘଟଣାର ଏକ ଭିଡିଓ ମଧ୍ୟ ସାମ୍ନାକୁ ଆସିଛି, ଯେଉଁଥିରେ ଅନେକ କାର ଏବଂ ଟ୍ରକ ପରସ୍ପର ସହିତ ଧକ୍କା ହେଉଥିବାର ଦେଖାଯାଉଛି ଯେତେବେଳେ ଘଟଣାସ୍ଥଳରେ ପୋଲିସ ଅଧିକାରୀମାନେ ଭାଙ୍ଗିଯାଇଥିବା କାର ଏବଂ ଟ୍ରକଗୁଡ଼ିକୁ ହଟାଉଛନ୍ତି। ପୋଲିସ କହିଛି ଯେ ଘନ କୁହୁଡ଼ି ଯୋଗୁଁ ଗାଡ଼ି ଚାଳକମାନେ ଦେଖିବାରେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଫଳସ୍ୱରୂପ, ଛଅରୁ ଅଧିକ ଗାଡ଼ି ପରସ୍ପର ସହିତ ଧକ୍କା ହୋଇଥିଲା, ଯାହା ଫଳରେ ଅନେକ ଲୋକ ଆହତ ହୋଇଥିଲେ ଏବଂ ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏହି ସମୟରେ ଦୁର୍ଘଟଣାରେ ଆହତ ହୋଇଥିବା ଜଣେ ଡ୍ରାଇଭର କହିଛନ୍ତି ଯେ କୁହୁଡ଼ି ଘନ ଥିଲା, ଯାହା ଫଳରେ ଦେଖିବା କଷ୍ଟକର ହୋଇପଡୁଥିଲା। ତାଙ୍କ କାର ଆଗକୁ ଥିବା ଏକ ଗାଡ଼ି ସହିତ ଧକ୍କା ହୋଇଥିଲା, ଯାହାକୁ ପଛରୁ ଅନ୍ୟ ଅନେକ ଗାଡ଼ି ଧକ୍କା ଦେଇଥିଲା । ଆହୁରି ମଧ୍ୟ ଆଗାମୀ ଦୁଇ ଦିନ ମଧ୍ୟରେ ଉତ୍ତର ଭାରତର ଅନେକ ଅଞ୍ଚଳରେ ଘନ କୁହୁଡ଼ି ହେବାର ସମ୍ଭାବନା ରହିଛି, ଯେଉଁଥିରେ ଉତ୍ତର ପ୍ରଦେଶ , ହରିୟାଣା, ପଞ୍ଜାବ ଏବଂ ଦିଲ୍ଲୀ ଅନ୍ତର୍ଭୁକ୍ତ । ପଞ୍ଜାବ ଏବଂ ଉତ୍ତର ପ୍ରଦେଶର କିଛି ଅଞ୍ଚଳରେ ଦୃଶ୍ୟମାନତା ୫୦ ମିଟର ତଳେ ଖସିପାରେ ।

## ପୁଟିନଙ୍କୁ ଅପେକ୍ଷା କରି ହଟହଟା ଶରିଫ



ତୁର୍କମେନିସ୍ତାନ : ପ୍ରୋଟୋକଲ ଭାଙ୍ଗି ବୈଠକରେ ଧସେଇ ପଶିଲେ ଶରିଫ । ପୁଟିନଙ୍କୁ ଅପେକ୍ଷା କରି ହଟହଟା ହୋଇଛନ୍ତି ଶରିଫ । ଶେଷରେ ସବୁ ପ୍ରୋଟୋକଲ ଭାଙ୍ଗି ପୁଟିନଙ୍କ ନିକଟରେ ପହଞ୍ଚି ଅପଦସ୍ତ ହୋଇଛନ୍ତି ପାକିସ୍ତାନ ପ୍ରଧାନମନ୍ତ୍ରୀ । ତୁର୍କମେନିସ୍ତାନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଯୋଗ ଦେଇଥିଲେ । ଏହି ବୈଠକରେ ତୁର୍କୀର ରାଷ୍ଟ୍ରପତି ଓ ପାକିସ୍ତାନ ପ୍ରଧାନମନ୍ତ୍ରୀ ମଧ୍ୟ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମ ପରେ ରୁଷ ରାଷ୍ଟ୍ରପତିଙ୍କୁ ଶରିଫ ଭେଟିବାର କାର୍ଯ୍ୟକ୍ରମ ଥିଲା । ପୁଟିନ ପ୍ରଥମେ ତୁର୍କୀ ରାଷ୍ଟ୍ରପତିଙ୍କ ସହ ବୈଠକ କରିଥିଲେ । ଏହି ବୈଠକ ଅଧିକ ସମୟ ଧରି ଚାଲିଥିଲା । ପୁଟିନଙ୍କୁ ଭେଟିବା ପାଇଁ ଦୀର୍ଘ ୪୦ ମିନିଟ ଧରି ଅପେକ୍ଷା କରି ବସି ରହିଥିଲେ ପାକିସ୍ତାନ ପ୍ରଧାନମନ୍ତ୍ରୀ । ହେଲେ ପୁଟିନଙ୍କ ବୈଠକ ନସରିବାରୁ ଶରିଫଙ୍କ ଧୈର୍ଯ୍ୟ ଚାଲିଯାଇଥିଲା । ବିଳମ୍ବ ସହିନପାରି ଶରିଫ ସବୁ ପ୍ରୋଟୋକଲ ଭାଙ୍ଗି ପୁଟିନଙ୍କ ବୈଠକ ସ୍ଥାନକୁ ଚାଲି ଯାଇଥିଲେ। ତେବେ ପୁଟିନ ବୈଠକ ପାଇଁ ପ୍ରସ୍ତୁତ ନଥିବାରୁ ସେଠାରେ ମଧ୍ୟ ଶରିଫଙ୍କୁ ଅପେକ୍ଷା କରିବାକୁ ପଡିଥିଲା । ଏହି ଘଟଣାକୁ ନେଇ କୂଟନୈତିକ ସ୍ତରରୁ ପାକିସ୍ତାନକୁ ସମାଲୋଚିତ ହେବାକୁ ପଡିଛି । ଦୁଇଟି ଦେଶର ରାଷ୍ଟ୍ରପତିଙ୍କ ମଧ୍ୟରେ ଦ୍ୱିପାକ୍ଷିକ ବୈଠକ ଚାଲିଥିବା ବେଳେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଜୋର ଜବରଦସ୍ତ ବୈଠକ ସ୍ଥାନକୁ ଯିବାକୁ ବୈଦେଶିକ ବ୍ୟାପାର ବିଶେଷଜ୍ଞ ନାପସନ୍ଦ କରିବା ସହ ଏହାକୁ ପାକିସ୍ତାନର ଭୁଲ ବୋଲି କହିଛନ୍ତି । ଏପଟେ ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହେଉଛି । ଲୋକମାନେ ଏହାକୁ ନେଇ ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କୁ ଟ୍ରୋଲ୍ କରୁଛନ୍ତି । କିଛି ଲୋକ କହିଛନ୍ତି "୪୦ ମିନିଟ୍ ଅପେକ୍ଷା କଲେ ଜୋମାଟୋ ଡେଲିଭରି ବୟ ମଧ୍ୟ ପଳାଇଥାଏ । ଆଉ କିଛି ଲୋକ କହିଛନ୍ତି ଯେ, ସେ ଭୁଲ୍ ଜାଗାରେ ପଶିଯାଇଥିଲେ । ଏହି ଘଟଣା ପାକିସ୍ତାନ ପାଇଁ ଏକ ଅଡୁଆ କୂଟନୈତିକ ପରିସ୍ଥିତି ସୃଷ୍ଟି କରିଛି ।

### ଭାରତ ଉପରେ ଟ୍ରମ୍ପଙ୍କ ଶୁଳ୍କ ମାଡ଼ ଆମେରିକାକୁ ଅଧିକ ପ୍ରଭାବିତ କରିଛି

ନୂଆଦିଲ୍ଲୀ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଭାରତ ଉପରେ ଲାଗୁ ହୋଇଥିବା ଭାରୀ ଶୁଳ୍କକୁ ତିନି ଜଣ ଡେମୋକ୍ରାଟିକ୍ ସାଂସଦ ଖୋଲାଖୋଲି ଭାବେ ଚ୍ୟାଲେଞ୍ଜ କରିଛନ୍ତି। ଆମେରିକାର ପ୍ରତିନିଧି ସଭାର ସଦସ୍ୟ ଡେବୋରା ରସ୍ (ଉତ୍ତର କାରୋଲିନା), ମାର୍କ ବିଜି (ଟେକ୍ସାସ) ଏବଂ ରାଜା କୃଷ୍ଣମୂର୍ତ୍ତି (ଇଲିନୋଇସ୍) ଏକ ପ୍ରସ୍ତାବ ଆଗତ କରି ସେହି ଜାତୀୟ ଜରୁରୀକାଳୀନ ଘୋଷଣାକୁ ପ୍ରତ୍ୟାହାର କରିବାକୁ ଦାବି କରିଛନ୍ତି, ଯାହା ଆଧାରରେ ଟ୍ରମ୍ପ ପ୍ରଶାସନ ଭାରତୀୟ ଆମଦାନୀ ଉପରେ ୫୦ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ବୃଦ୍ଧି କରିଥିଲା। ଭାରତ ଉପରେ ଟ୍ରମ୍ପଙ୍କ ଶୁଳ୍କ ମାଡ଼ ଆମେରିକାକୁ ଅଧିକ ପ୍ରଭାବିତ କରିଛି । ଏକ ମିଳିତ ବିବୃତ୍ତିରେ, ଡେମୋକ୍ରାଟିକ୍ ସାଂସଦ ଡେବୋରା ରସ୍, ମାର୍କ ବିଜି ଏବଂ ଭାରତୀୟ ବଂଶୋଦ୍ଭବ ରାଜା କୃଷ୍ଣମୂର୍ତ୍ତି କହିଛନ୍ତି ଯେ, 'ଏହି ଶୁଳ୍କ ବେଆଇନ, ଆମେରିକୀୟ ସ୍ୱାର୍ଥ ବିରୋଧୀ ଏବଂ ସାଧାରଣ ଆମେରିକୀୟ ନାଗରିକଙ୍କୁ ସବୁଠାରୁ ଅଧିକ କ୍ଷତି ପହଞ୍ଚାଉଛି। ଏହା ମୂଳତଃ ଆମେରିକୀୟମାନଙ୍କ ଉପରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଉପରେ ଏକ ଅତିରିକ୍ତ ଶୁଳ୍କ।'

# ବିଷାକ୍ତ ହୋଇଗଲା ଦିଲ୍ଲୀର ବାୟୁ
# ବିମାନବନ୍ଦର ପକ୍ଷରୁ ପରାମର୍ଶ ଜାରି




ନୂଆଦିଲ୍ଲୀ: ଦିଲ୍ଲୀ ଏବଂ ଆଖପାଖ ଅଞ୍ଚଳରେ ବାୟୁ ପ୍ରଦୂଷଣ ଆଜି ଗମ୍ଭୀର ବର୍ଗରେ ପହଞ୍ଚିଛି। ବାୟୁରେ ନିଶ୍ୱାସ ନେବା କଷ୍ଟକର ହୋଇପଡ଼ିଛି। ବିମାନବନ୍ଦର ଏକ ପରାମର୍ଶ ଜାରି କରିଛି। ଶନିବାର ଦିନ ଦିଲ୍ଲୀ ଏବଂ ଆଖପାଖ ଅଞ୍ଚଳ ଘନ କୁହୁଡ଼ିରେ ଆଚ୍ଛାଦିତ ହୋଇଥିଲା। ଦିଲ୍ଲୀ ଏବଂ ଆଖପାଖ ଅଞ୍ଚଳର ବାୟୁ ଗୁଣବତ୍ତା "ଗମ୍ଭୀର" ବର୍ଗରେ ପହଞ୍ଚିଥିଲା। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଉଚଉଇ)ର ତଥ୍ୟ ଅନୁଯାୟୀ, ଶନିବାର ସକାଳ ୮ଟାରେ ସାମଗ୍ରିକ ବାୟୁ ଗୁଣବତ୍ତା ସୂଚକାଙ୍କ (ଇଛଓ) ୩୯୦ ଥିଲା, ଯାହା "ଅତ୍ୟନ୍ତ ଖରାପ" ବର୍ଗରେ ପଡ଼ିଥାଏ। ତଥାପି, ରାଜଧାନୀର ଅନେକ ଅଞ୍ଚଳରେ ବାୟୁ ଗୁଣବତ୍ତା ଗମ୍ଭୀର ବର୍ଗରେ ପହଞ୍ଚିଥିଲା। ଆନନ୍ଦ ବିହାରର ଇଛଓ ୪୩୫, ବୁରାରି କ୍ରସିଂର ଇଛଓ ୪୧୫, ଚାନ୍ଦନୀ ଚୌକର ଇଛଓ ୪୧୯, ଗାଜିପୁରର ଇଛଓ ୪୩୫, ଜାହାଙ୍ଗୀରପୁରୀର ଇଛଓ ୪୪୨, ଜକ ପୁରମର ଇଛଓ ୪୦୪, ଏବଂ ରୋହିଣୀର ଇଛଓ ୪୩୬ ଥିଲା। ଆଜି ଗାଜିଆବାଦର ଅନେକ ଅଞ୍ଚଳ ମଧ୍ୟ କୁହୁଡ଼ିରେ ଆଚ୍ଛାଦିତ ହୋଇଥିଲା, ଆମରୋହା-ମୁରାଦାବାଦ ରାଜପଥରେ ଦୃଶ୍ୟମାନତା ଗୁରୁତର ଭାବରେ ପ୍ରଭାବିତ ହୋଇଥିଲା।

ଶନିବାର ପ୍ରତ୍ୟୁଷରେ ରାଜଧାନୀର ଅନେକ ଅଞ୍ଚଳରେ କୁହୁଡ଼ି ଏବଂ ହାଲୁକା କୁହୁଡ଼ି ଦୃଶ୍ୟମାନତାକୁ ହ୍ରାସ କରିଥିଲା। ବାୟୁ ଗୁଣବତ୍ତା ସୂଚକାଙ୍କ (ଇଛଓ) ଅନୁଯାୟୀ, ୦-୫୦ 'ଭଲ', ୫୧-୧୦୦ 'ସନ୍ତୋଷଜନକ', ୧୦୧-୨୦୦ 'ମଧ୍ୟମ', ୨୦୧-୩୦୦ 'ଖରାପ', ୩୦୧-୪୦୦ 'ଅତ୍ୟନ୍ତ ଖରାପ' ଏବଂ ୪୦୧-୫୦୦ 'ଗମ୍ଭୀର'। ଉଚଉଇ କହିଛି ଯେ ଏହି ପ୍ରତ୍ୟେକ ବର୍ଗ ପ୍ରଦୂଷଣର ସ୍ତର ଏବଂ ଏହା ସହିତ ଜଡିତ ସ୍ୱାସ୍ଥ୍ୟ ବିପଦକୁ ସୂଚିତ କରେ। ଶୀତ ବଢ଼ିବା ସହିତ, ଦିଲ୍ଲୀର ଅନେକ ସ୍ଥାନରେ ବାୟୁ ଗୁଣବତ୍ତା ସୂଚକାଙ୍କ (ଇଛଓ) ବିପଦପୂର୍ଣ୍ଣ ସ୍ତରକୁ ବୃଦ୍ଧି ପାଇବାରେ ଲାଗିଛି। ଶନିବାରର ସାମଗ୍ରିକ ଇଛଓ "ଅତ୍ୟନ୍ତ ଖରାପ" ବର୍ଗରେ ଖସି ଆସିଛି, ଯାହା ଦୀର୍ଘ ସମୟ ଧରି ସଂସ୍ପର୍ଶରେ ଥିବା ସୁସ୍ଥ ବ୍ୟକ୍ତିମାନଙ୍କ ପାଇଁ ମଧ୍ୟ ଶ୍ୱାସକ୍ରିୟା ରୋଗର ବିପଦ ସୃଷ୍ଟି କରୁଛି। ବାୟୁ ଗୁଣବତ୍ତା ଖରାପ ବର୍ଗରେ ପହଞ୍ଚିବା ପରେ ଦିଲ୍ଲୀ ବିମାନବନ୍ଦର ଏକ ସତର୍କ ସୂଚନା ଜାରି କରିଛି। ଦିଲ୍ଲୀ ବିମାନବନ୍ଦର ଏହାର ଢ ରେ ଏକ ପୋଷ୍ଟରେ କହିଛି ଯେ ସମସ୍ତ ବିମାନ ବର୍ତ୍ତମାନ ସ୍ୱାଭାବିକ ଭାବରେ ଚାଲୁଛି। "ଦିଲ୍ଲୀ ବିମାନବନ୍ଦରରେ କମ୍ ଦୃଶ୍ୟମାନତା ପ୍ରକ୍ରିୟା କାର୍ଯ୍ୟକାରୀ ହେଉଛି। ସମସ୍ତ ବିମାନ ବର୍ତ୍ତମାନ ସ୍ୱାଭାବିକ ଭାବରେ ଚାଲୁଛି। ଯାତ୍ରୀମାନଙ୍କୁ ବିମାନ ଅପଡେଟ୍ ପାଇଁ ସମ୍ପୃକ୍ତ ବିମାନ କମ୍ପାନୀ ସହିତ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି," ସତର୍କ ସୂଚନାରେ କୁହାଯାଇଛି। ଏହା ଉଲ୍ଲେଖ କରିବା ଉଚିତ ଯେ ଶୁକ୍ରବାର ଦିନ ଘନ କୁହୁଡ଼ି ଦିଲ୍ଲୀକୁ ଘେରି ରହିଥିଲା, ବାୟୁ ଗୁଣବତ୍ତା ସୂଚକାଙ୍କ ୩୮୬ ରେ ପହଞ୍ଚିଥିଲା। ଗାଜିପୁର ଏବଂ ଆନନ୍ଦ ବିହାର ଭଳି ଅଞ୍ଚଳଗୁଡ଼ିକ ଘନ ଏବଂ ଦୃଷ୍ଟିଶକ୍ତି କମ ଥିଲା। ଗତ କିଛି ସପ୍ତାହ ମଧ୍ୟରେ ସାମାନ୍ୟ ଉନ୍ନତି ସତ୍ତ୍ୱେ, ରାଜଧାନୀର ଏକ ବଡ଼ ଅଂଶ ଘନ ଏବଂ ବିଷାକ୍ତ କୁହୁଡ଼ିରେ ବୁଡ଼ି ରହିଛି। ବାୟୁ ଗୁଣବତ୍ତା ଖରାପ ହେବା ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ବାକ୍ ଯୁଦ୍ଧ ଆରମ୍ଭ କରିଛି।

## ଭାରତକୁ ପରମାଣୁ ବୋମା ଧମକ

ଇସଲାମାବାଦ: ପାକିସ୍ତାନ ମାଟିରେ ବର୍ଷ ବର୍ଷ ଧରି ଆତଙ୍କବାଦକୁ ଆଶ୍ରୟ ଦେଉଥିବାର ନୂତନ ପ୍ରମାଣ ଏକ ଭାଇରାଲ ଭିଡିଓ ରୂପରେ ସାମ୍ନାକୁ ଆସିଛି। ଲସ୍କର-ଇ-ତୈବା ଆତଙ୍କବାଦୀ ଅବଦୁଲ ରଉଫଙ୍କ ଏହି ଭିଡିଓଟି ଭାରତ ବିରୋଧରେ ଘୃଣା ଏବଂ ହିଂସାକୁ ଉସକାଇବା ପାଇଁ ଏକ ଖୋଲା ଅଭିଯାନ ବୋଲି କୁହାଯାଉଛି। ହାଫିଜ୍ ସଇଦର ଘନିଷ୍ଠ ସହଯୋଗୀ ବୋଲି କୁହାଯାଉଥିବା ରଉଫ କେବଳ ଭାରତରେ ଆତଙ୍କବାଦ ବିସ୍ତାର କରିବା କଥା କହିବା ସହିତ ଜମ୍ମୁ-କଶ୍ମୀରରେ ବୃଦ୍ଧି ପାଉଥିବା ହିଂସା ଏବଂ 'ଅପରେସନ ସିନ୍ଦୂର' ବିଷୟରେ ମଧ୍ୟ ଉଲ୍ଲେଖ କରିଛନ୍ତି। ଏହି ଭିଡିଓଟି ସୋସିଆଲ ମିଡିଆରେ ଙସ୍ୱସଭଶ୍ଙଠ ନାମକ ଏକ ଆକାଉଣ୍ଟ ଦ୍ୱାରା ସେୟାର କରାଯାଇଛି। ଏଥିରେ ରଉଫ କହିଛନ୍ତି ଯେ, ଲୋକମାନେ କହୁଛନ୍ତି ଯେ କାଶ୍ମୀର ବିବାଦ ଶେଷ ହୋଇଛି, କିନ୍ତୁ ଏହା ଆଦୌ ସତ୍ୟ ନୁହେଁ। ପୂର୍ବ ପରି ଲଢ଼େଇ ଜାରି ରହିଛି। ସେ ଦାବି କରିଛନ୍ତି ଯେ, ଗୋଟିଏ ଦିନ ଇସଲାମ ସମଗ୍ର ବିଶ୍ୱକୁ ଶାସନ କରିବ ଏବଂ ଆମେ ଗଜୱା-ଏ-ହିନ୍ଦରେ ସଫଳ ହେବୁ।

## ବନ୍ଦେ ଭାରତ ଟ୍ରେନରେ ମିଳିବ ସ୍ଥାନୀୟ ଖାଦ୍ୟ

ନୂଆଦିଲ୍ଲୀ: ବନ୍ଦେ ଭାରତ ଟ୍ରେନରେ ମିଳିବ ସ୍ଥାନୀୟ ଖାଦ୍ୟ । ଖୁବଶୀଘ୍ର ଅନ୍ୟ ଟ୍ରେନଗୁଡ଼ିକରେ ବି ସ୍ଥାନୀୟ ଖାଦ୍ୟ ମିଳିବ । ଏ ନେଇ ରେଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ । ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବ ଆଜି ରେଳ ଭବନରେ ଅଧିକାରୀମାନଙ୍କ ସହିତ ଏକ ସମୀକ୍ଷା ବୈଠକ କରିଥିଲେ। ଏହି ଅବସରରେ ରେଳ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ରଭନୀତ ସିଂହ ବିଟ୍ଟୁ ମଧ୍ୟ ଉପସ୍ଥିତ ଥିଲେ। କେନ୍ଦ୍ରମନ୍ତ୍ରୀ ଅଧିକାରୀମାନଙ୍କୁ ବନ୍ଦେ ଭାରତ ଟ୍ରେନରେ ସ୍ଥାନୀୟ ଖାଦ୍ୟ ଉପଲବ୍ଧ କରାଇବାକୁ ନିର୍ଦ୍ଦେଶ ଦେଇଥିଲେ। ସ୍ଥାନୀୟ ଖାଦ୍ୟ ପରିବେଷଣ ଦ୍ୱାରା ଯାତ୍ରୀଙ୍କ ସୁନ୍ଦର ଅନୁଭୂତି ହେବ, କାରଣ ଏହା ସ୍ଥାନୀୟ ଅଞ୍ଚଳର ସଂସ୍କୃତି ଏବଂ ସ୍ୱାଦକୁ ପ୍ରତିଫଳିତ କରିବ। ଭବିଷ୍ୟତରେ ଧୀରେ ଧୀରେ ସମସ୍ତ ଟ୍ରେନରେ ଏହି ସୁବିଧା କାର୍ଯ୍ୟକାରୀ କରାଯିବ ବୋଲି ସେ କହିଥିଲେ । କେନ୍ଦ୍ର ମନ୍ତ୍ରୀ ଏହା ମଧ୍ୟ କହିଛନ୍ତି ଯେ ଜାଲ୍ ପରିଚୟ ବ୍ୟବହାର କରି ଟ୍ରେନ୍ ଟିକେଟ୍ ବୁକିଂ ଉପରେ ଭାରତୀୟ ରେଳବାଇର କଡ଼ା କାର୍ଯ୍ୟାନୁଷ୍ଠାନ ସକାରାତ୍ମକ ଫଳାଫଳ ଆଣିଛି ।

## ଭୁଶୁଡ଼ିଲା ହିନ୍ଦୁ ମନ୍ଦିର, ୨ ମୃତ



ଜୋହାନ୍ସବର୍ଗ : ଦକ୍ଷିଣ ଆଫ୍ରିକାର ଡର୍ବାନର ଉତ୍ତରରେ ଥିବା ରେଡକ୍ଲିଫରେ ଏକ ଚାରି ମହଲା ବିଶିଷ୍ଟ ମନ୍ଦିର ହଠାତ୍ ଭୁଶୁଡ଼ି ପଡିଛି । ଫଳରେ ଦୁଇଜଣଙ୍କ ମୃତ୍ୟୁ ହୋଇଛି । ଭଗ୍ନାବଶେଷ ତଳେ ଆହୁରି ଅନେକ ଲୋକ ଫସି ରହିଥିବା ଆଶଙ୍କା କରାଯାଉଛି । ମନ୍ଦିର ଛାତ ଉପରେ କଂକ୍ରିଟ୍ ଢଳାଯିବା ବେଳେ ସମ୍ପୂର୍ଣ୍ଣ କୋଠାଟି ଭୁଶୁଡ଼ି ପଡ଼ିଥିଲା ଏବଂ ଅନେକ ଲୋକ ପୋତି ହୋଇଯାଇଥିଲେ । ଭଗ୍ନାବଶେଷ ତଳେ କେତେ ଜଣ ଶ୍ରମିକ ଏବଂ ମନ୍ଦିର ଅଧିକାରୀ ପୋତି ହୋଇଛନ୍ତି ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ଭାବରେ ଜଣାପଡ଼ିନାହିଁ । ମନ୍ଦିର ଭୁଶୁଡ଼ି ପଡ଼ିବା ପରେ ଜଣେ ୫୪ ବର୍ଷୀୟ ଭକ୍ତଙ୍କର ମଧ୍ୟ ମୃତ୍ୟୁ ହୋଇଥିଲା । ସେ ତାଙ୍କ ପରିବାର ସହିତ ମନ୍ଦିରରେ ପହଞ୍ଚିଥିଲେ । ଖବର ପାଇ ସେ ଶୀଘ୍ର ମନ୍ଦିରକୁ ଯାଉଥିବା ଉଚ୍ଚ ଢାଲ ଚଢ଼ିଗଲେ ଏବଂ ଘଟଣାସ୍ଥଳରେ ପହଞ୍ଚିବା ପରେ ତାଙ୍କର ହୃଦଘାତ ହୋଇଥିଲା । ପାରାମେଡିକ୍ସ ତାଙ୍କୁ ବଞ୍ଚାଇବାରେ ଅସମର୍ଥ ହୋଇଥିଲେ । ମନ୍ଦିର ପାଇଁ କୌଣସି ନିର୍ମାଣ ଯୋଜନା ଅନୁମୋଦନ କରାଯାଇ ନଥିଲା, ଅର୍ଥାତ୍ ସମ୍ପୂର୍ଣ୍ଣ ନିର୍ମାଣ ବେଆଇନ ଥିଲା । ମନ୍ଦିରକୁ ଅହୋବିଲାମ୍ ମନ୍ଦିର ସୁରକ୍ଷା ନାମ ଦିଆଯାଇଥିଲା । ଭାରତରୁ ଆମଦାନି ହୋଇଥିବା ପଥର ଏବଂ ଖନନ କରାଯାଇଥିବା ପଥରକୁ ଗୁମ୍ଫା ପରି ଦେଖାଯିବା ପାଇଁ ବ୍ୟବହାର କରାଯାଉଥିଲା । ଏହି ପଥରଗୁଡ଼ିକୁ ପ୍ରଥମ ମହଲାରେ ଲଗାଯାଉଥିଲା । ନଗର ନିଗମ ଏବଂ ଘରୋଇ କମ୍ପାନୀଗୁଡ଼ିକର ଉଦ୍ଧାର ଦଳ ଶନିବାର ସକାଳେ କ୍ୟାମେରା, ସ୍ନିଫର କୁକୁର ଏବଂ ଅନ୍ୟାନ୍ୟ ଉପକରଣ ସହିତ ଫେରିବେ ।

## ପାକିସ୍ତାନର ଗୁଇନ୍ଦା ଏଜେନ୍ସିର ଟାର୍ଗେଟରେ ଶିବରାଜ !



ନୂଆଦିଲ୍ଲୀ: କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କ ସୁରକ୍ଷା ବୃଦ୍ଧି କରାଯାଇଛି। ଗୃହ ମନ୍ତ୍ରଣାଳୟର ସୂଚନା ପରେ ଏହି ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଏମପି ଡିଜିପିଙ୍କୁ ଏକ ଚିଠି ପଠାଇ କହିଛି ଯେ ଶିବରାଜ ସିଂହ ଚୌହାନ ପାକିସ୍ତାନର ଗୁଇନ୍ଦା ସଂସ୍ଥା, ଆଇଏସଆଇର ଟାର୍ଗେଟରେ ଅଛନ୍ତି। ଆଇଏସଆଇ ଚୌହାନଙ୍କ ସହ ଜଡିତ ସୂଚନା ସଂଗ୍ରହ କରୁଛି। ଭୋପାଳରେ ଶିବରାଜଙ୍କ ବାସଭବନ, ବି-୮, ୭୪ ବଙ୍ଗଳା ପାଖରେ ପୋଲିସ ଅତିରିକ୍ତ ବ୍ୟାରିକେଡ୍ ନିର୍ମାଣ କରିଛି। ଦିଲ୍ଲୀରେ ତାଙ୍କ ସରକାରୀ ବାସଭବନରେ ମଧ୍ୟ ସୁରକ୍ଷା ବୃଦ୍ଧି କରାଯାଇଛି। ତାଙ୍କର ପୂର୍ବରୁ ଓ+ ସୁରକ୍ଷା ଥିଲା, କିନ୍ତୁ ବର୍ତ୍ତମାନ ସୁରକ୍ଷାକୁ ଆହୁରି ବୃଦ୍ଧି କରାଯାଇଛି। ଗୁଇନ୍ଦା ସୂଚନା ମିଳିବା ପରେ ତୁରନ୍ତ ସ୍ଥାନୀୟ ପୋଲିସ ଏବଂ ସୁରକ୍ଷା ଏଜେନ୍ସିଗୁଡ଼ିକ ଉଭୟ ସହରରେ ଚୌହାନଙ୍କ ସୁରକ୍ଷା ବଳୟକୁ ମଜବୁତ କରିଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ଭୋପାଳ ବଙ୍ଗଳା ବାହାରେ ସୁରକ୍ଷା ବୃଦ୍ଧି ଦେଖିବାକୁ ମିଳିଥିଲା। ସୁରକ୍ଷାରେ କୌଣସି ତ୍ରୁଟି ନହେବା ନିଶ୍ଚିତ କରିବାକୁ ଗୃହ ମନ୍ତ୍ରଣାଳୟ ସମ୍ପୃକ୍ତ ଏଜେନ୍ସି ଏବଂ ମଧ୍ୟପ୍ରଦେଶ ଡିଜିପିଙ୍କୁ ନିର୍ଦ୍ଦେଶ ଦେଇଛି। ମଧ୍ୟପ୍ରଦେଶର ମୁଖ୍ୟ ସଚିବଙ୍କୁ ମଧ୍ୟ ହାଇ ଆଲର୍ଟରେ ରଖାଯାଇଛି। ଦିଲ୍ଲୀ ପୋଲିସର ସ୍ୱତନ୍ତ୍ର କମିଶନର (ସୁରକ୍ଷା)ଙ୍କୁ ମଧ୍ୟ ନିର୍ଦ୍ଦେଶ ଜାରି କରାଯାଇଛି। ସୁରକ୍ଷା ବୃଦ୍ଧି ସମ୍ପର୍କରେ ଗୃହ ମନ୍ତ୍ରଣାଳୟର ଚିଠି ଅନୁଯାୟୀ, ଆଇଏସଆଇ କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କ ବିଷୟରେ ସୂଚନା ସଂଗ୍ରହ କରୁଛି । କେନ୍ଦ୍ରୀୟ ସୁରକ୍ଷା ଏଜେନ୍ସି ସହିତ ପରାମର୍ଶ କରି କେନ୍ଦ୍ର ମନ୍ତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କରାଯାଇଛି। ଏଜେନ୍ସିଗୁଡ଼ିକର ଇନପୁଟ୍ ପରେ ତାଙ୍କ ସୁରକ୍ଷା ପାଇଁ ନିୟୋଜିତ କର୍ମଚାରୀଙ୍କ ସଂଖ୍ୟା ସମ୍ପର୍କରେ କୌଣସି ସୂଚନା ଉପଲବ୍ଧ ନାହିଁ। ତଥାପି, ଓ+ ସୁରକ୍ଷା ଅଧୀନରେ, ଘଝଏ କମାଣ୍ଡୋ ସମେତ ପ୍ରାୟ ୫୫ ଜଣ ତାଲିମପ୍ରାପ୍ତ ସୁରକ୍ଷା କର୍ମୀ ନିୟୋଜିତ ଅଛନ୍ତି।

# ଯାତ୍ରୀମାନଙ୍କ ଖାତାରେ ଇଣ୍ଡିଗୋ ଜମା କଲା କ୍ଷତିପୂରଣ ରାଶି




ନୂଆଦିଲ୍ଲୀ: ଇଣ୍ଡିଗୋର ପ୍ରତ୍ୟକ ଯାତ୍ରୀ ପାଇବେ କ୍ଷତିପୂରଣ ରାଶି। ଘୋଷଣା କଲା ଇଣ୍ଡିଗୋ ବିମାନ କମ୍ପାନୀ । ଇଣ୍ଡିଗୋ ଏୟାରଲାଇନ୍ସ କିଛି ଯାତ୍ରୀଙ୍କ ପାଇଁ କ୍ଷତିପୂରଣ ଘୋଷଣା କରିଛି। ଏହି କ୍ଷତିପୂରଣ ସେହି ଯାତ୍ରୀମାନଙ୍କୁ ଦିଆଯିବ ଯେଉଁମାନଙ୍କର ବିମାନ ବିଳମ୍ବ ହୋଇଛି କିମ୍ବା ବାତିଲ ହୋଇଛି। ବିମାନ କମ୍ପାନୀ ପ୍ରତ୍ୟେକ ଯାତ୍ରୀଙ୍କୁ ୧୦୦୦୦ ଟଙ୍କା କ୍ଷତିପୂରଣ ପ୍ରଦାନ କରିବ। ଯାତ୍ରୀମାନଙ୍କର ହୋଇଥିବା ଅସୁବିଧା ପାଇଁ କ୍ଷତିପୂରଣ ଦେବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି । ଡିସେମ୍ବର ଆରମ୍ଭରେ ଦେଶର ସର୍ବବୃହତ ବିମାନ କମ୍ପାନୀ ଇଣ୍ଡିଗୋ ଗୋଟିଏ ପରେ ଗୋଟିଏ ଉଡ଼ାଣ ବାତିଲ କରିଦେଇଥିଲା, ଯାହା ଫଳରେ ଯାତ୍ରୀମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ବିମାନ ଚଳାଚଳ କ୍ଷେତ୍ର ପୂର୍ବରୁ ଏତେ ବଡ଼ ସଙ୍କଟ କ୍ୱଚିତ୍ ଦେଖିଥିଲା। ଅନେକ ବିମାନ ବାତିଲ ହେବା ଦ୍ୱାରା ଲକ୍ଷ ଲକ୍ଷ ଯାତ୍ରୀଙ୍କୁ ବହୁତ ଅସୁବିଧା ହୋଇଥିଲା। ଏହି ସମୟ ମଧ୍ୟରେ, ଯାତ୍ରୀମାନଙ୍କୁ ଘଣ୍ଟା ଘଣ୍ଟା ଧରି ବିମାନବନ୍ଦରରେ ଅପେକ୍ଷା କରିବାକୁ ପଡିଥିଲା ଏବଂ ଅନେକ ବିମାନବନ୍ଦରରେ ସୁଟକେସର ଗଦା ଦେଖିବାକୁ ମିଳିଥିଲା। ପରିସ୍ଥିତି ଧୀରେ ଧୀରେ ସୁଧୁରୁଛି। ଏହି ସମୟରେ, ଇଣ୍ଡିଗୋ ଡିସେମ୍ବର ୩, ୪, ୫ ରେ ପ୍ରଭାବିତ ଯାତ୍ରୀମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଘୋଷଣା କରିଛି। ଏହି ଯାତ୍ରୀମାନଙ୍କୁ ୧୦,୦୦୦ ଟଙ୍କା କ୍ଷତିପୂରଣ ମିଳିବ। ଇଣ୍ଡିଗୋ କ୍ଷତିପୂରଣ ଘୋଷଣା କରିଛି। ଇଣ୍ଡିଗୋ ସୋସିଆଲ ମିଡିଆ ପ୍ଲାଟଫର୍ମ ଢ ରେ ଏହି ସୂଚନା ସେୟାର କରିଛି। ଇଣ୍ଡିଗୋ କହିଛି ଯେ ଡିସେମ୍ବର ୩, ୪, ୫ ରେ ଯାତ୍ରା କରୁଥିବା ଏହାର କିଛି ଗ୍ରାହକ କିଛି ବିମାନବନ୍ଦରରେ କିଛି ଘଣ୍ଟା ପାଇଁ ଫସି ରହିଥିଲେ, ଏବଂ ସେମାନଙ୍କ ମଧ୍ୟରୁ ଅନେକ ଭିଡ଼ ଯୋଗୁଁ ଗୁରୁତର ଭାବରେ ପ୍ରଭାବିତ ହୋଇଥିଲେ। ଆମେ ଏହି ଗୁରୁତର ଭାବରେ ପ୍ରଭାବିତ ଗ୍ରାହକମାନଙ୍କୁ ୧୦୦୦୦ ଟଙ୍କା ମୂଲ୍ୟର ଯାତ୍ରା ଭାଉଚର ପ୍ରଦାନ କରିବୁ। ଏହି ଯାତ୍ରା ଭାଉଚରଗୁଡ଼ିକୁ ଆଗାମୀ ୧୨ ମାସ ମଧ୍ୟରେ ଯେକୌଣସି ଇଣ୍ଡିଗୋ ଯାତ୍ରା ପାଇଁ ବ୍ୟବହାର କରାଯାଇପାରିବ। ବିବୃତ୍ତିରେ କୁହାଯାଇଛି ଯେ ଏହି କ୍ଷତିପୂରଣ ବର୍ତ୍ତମାନର ସରକାରୀ ନିର୍ଦ୍ଦେଶାବଳୀ ଅନୁଯାୟୀ ପ୍ରତିଶ୍ରୁତି ବ୍ୟତୀତ,ଯାହା ଅନୁଯାୟୀ, ଇଣ୍ଡିଗୋ ଉଡ଼ାଣର ବ୍ଲକ ସମୟ ଉପରେ ନିର୍ଭର କରି ୫୦୦୦ ରୁ ୧୦୦୦୦ ପର୍ଯ୍ୟନ୍ତ କ୍ଷତିପୂରଣ ପ୍ରଦାନ କରିବ, ଯେଉଁ ଯାତ୍ରୀମାନଙ୍କର ଉଡ଼ାଣ ପ୍ରସ୍ଥାନ ସମୟର ୨୪ ଘଣ୍ଟା ମଧ୍ୟରେ ବାତିଲ ହୋଇଯାଇଥିଲା। ବିମାନ କମ୍ପାନୀ ପକ୍ଷରୁ ବାତିଲ ହୋଇଥିବା ଯାତ୍ରୀଙ୍କ ପାଇଁ ଟଙ୍କା ଫେରସ୍ତ ସମ୍ପର୍କରେ ଏକ ଅପଡେଟ୍ ମଧ୍ୟ ପ୍ରଦାନ କରାଯାଇଛି। ଇଣ୍ଡିଗୋ କହିଛି, "କାର୍ଯ୍ୟକଳାପରେ ବାଧା ସୃଷ୍ଟି ହେବା ପରେ, ଆମେ ନିଶ୍ଚିତ କରିଛୁ ଯେ ବାତିଲ ହୋଇଥିବା ବିମାନ ପାଇଁ ସମସ୍ତ ଆବଶ୍ୟକୀୟ ଟଙ୍କା ଫେରସ୍ତ ଆରମ୍ଭ କରାଯାଇଛି। ଏଥିମଧ୍ୟରୁ ଅଧିକାଂଶ ଯାତ୍ରୀଙ୍କ ଆକାଉଣ୍ଟରେ ଜମା ହୋଇସାରିଛି, ଏବଂ ଅବଶିଷ୍ଟ ଟଙ୍କା ଖୁବ୍ ଶୀଘ୍ର ଜମା କରାଯିବ।

# ମେସିଙ୍କ ପାଇଁ କୋଲକାତାରେ ମହାଭାରତ



**କୋଲକାତା, ୧୩।୧୨ : (ଏଜେନ୍ସି) :** ଆର୍ଜେଣ୍ଟିନା ଫୁଟବଲ ସୁପର ଷ୍ଟାର ଲିଓନେଲ ମେସିଙ୍କ ପାଇଁ ହଙ୍ଗାମା। ମେସି କୋଲକାତା ଆସିଥିବା ବେଳେ ଷ୍ଟାଡିୟମରେ ଦେଖିବାକୁ ମିଳିଛି ବ୍ୟାପକ ଭଙ୍ଗା ରୁଜା। ଫୁଟବଲର ଐତିହାସିକ ଉତ୍ସବ କୁହାଯାଉଥିବା ଏହି କାର୍ଯ୍ୟକ୍ରମରେ ଘଟିଛି ବିଶୃଙ୍ଖଳା। ମେସିଙ୍କୁ ଦେଖିବାକୁ ଚାହୁଁଥିବା ଲୋକମାନେ ବିବେକାନନ୍ଦ ଯୁବ ଭାରତୀ ସଲ୍ଟ ଲେକ ଷ୍ଟାଡିୟମରେ ବ୍ୟାପକ ଭଙ୍ଗାରୁଜା କରିଛନ୍ତି। ମେସିଙ୍କ ଭାରତ ଗସ୍ତକୁ ନେଇ ସୃଷ୍ଟି ହୋଇଥିବା ଆନନ୍ଦ ଏବେ ବିବାଦର ରୂପ ନେଇଛି। ମେସିଙ୍କୁ ଦେଖିବାକୁ ବଞ୍ଚିତ ହୋଇଥିବା ଲୋକମାନେ ପଡ଼ିଆ ଭିତରକୁ ପାଣି ବୋତଲ ମାଡ଼ କରିବା ସହ ହୋର୍ଡିଂ ଚିରିଛନ୍ତି। ମେସିଙ୍କ ସହ ସାକ୍ଷାତ ସେଲ୍ଫି ନେବାରୁ ଫ୍ୟାନ୍ସ ବିଫଳ ହେବାରୁ ନିଜର ଅସନ୍ତୋଷ ଝାଡ଼ିଛନ୍ତି।

ମେସି ମାତ୍ର ୧୦ ମିନିଟ୍ ପାଇଁ ଆସିଥିବା ବେଳେ ତାଙ୍କୁ ନେତା ଓ ମନ୍ତ୍ରୀ ଘେରି ଯାଇଥିଲେ। ଆୟୋଜକ କହିଥିଲେ ବଲିଉଡ୍ ଷ୍ଟାର ଶାହରୁଖ ଖାନ୍ ଆସିବେ। କିନ୍ତୁ ସେ ମଧ୍ୟ ଆସିଲେ ନାହିଁ। ୧୨ ହଜାର ଟଙ୍କାର ଟିକେଟ୍ ଓ ଘଣ୍ଟା ଘଣ୍ଟା ଅପେକ୍ଷାକୁ ନେଇ ଶେଷରେ ତାତିଛନ୍ତି ଫ୍ୟାନ୍ସ।

ମେସି ୧୦ ମିନିଟ ମଧ୍ୟରେ ପଡ଼ିଆ। ଛାଡ଼ି ଦେବାରୁ ଲୋକମାନେ ଆୟୋଜକଙ୍କ ଉପରେ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି। ପୂରା ହଙ୍ଗାମା ପାଇଁ ସେମାନେ ଆୟୋଜକଙ୍କୁ ଦାୟୀ କରିଛନ୍ତି। ଲୋକମାନେ ବ୍ୟାପକ ହଙ୍ଗାମା କରିବାରୁ ପୁଲିସ୍ ଲାଠି ଚାଳନା ମଧ୍ୟ କରିଥିବା ଜଣାପଡ଼ିଛି। ମେସି ଷ୍ଟାଡିୟମରୁ ବାହାରି ଏୟାରପୋର୍ଟ ଚାଲି ଯାଇଥିଲେ ହେଁ ହଙ୍ଗାମା ଏଯାଏ ବନ୍ଦ ହୋଇନାହିଁ।

ଷ୍ଟାଡିୟମ ଭିତରେ ଥିବା ପ୍ରତ୍ୟେକ୍ଷଦର୍ଶୀଙ୍କ କହିବା କଥା ଯେ ଦୁର୍ବଳ ଭିଡ଼ ନିୟନ୍ତ୍ରଣ ବ୍ୟବସ୍ଥା ଓ ବ୍ୟାପକ କଟକଣା ଯୋଗୁ ଏପରି ବିଶୃଙ୍ଖଳା ଦେଖିବାକୁ ମିଳିଛି। ମେସି ଉପସ୍ଥିତ ସ୍ଥାନକୁ ଯିବା ତଥା ତାଙ୍କୁ ଦେଖିବା ପାଇଁ ଲାଗୁ ହୋଇଥିବା କଟକଣା ଅସହ୍ୟ ବୋଲି ଫ୍ୟାନ୍ସ ଜାଣିବା ପରେ ହଙ୍ଗାମା ଆରମ୍ଭ କରିଥିଲେ। ଫ୍ୟାନ୍ସ ଷ୍ଟାଡିୟମର ଷ୍ଟାଣ୍ଡ ଗୁଡ଼ିକ ଭାଙ୍ଗିଥିଲେ ଓ ଏହାରେ ସ୍ଥିତି ଅଚାନକ ବିଗିଡ଼ି ଯାଇଥିଲା। ସ୍ଥିତି ଅସମ୍ଭାଳ ହେବାରୁ ସୁରକ୍ଷା ଅଧିକାରୀ ଭିଡ଼ ନିୟନ୍ତ୍ରଣ କରିବାକୁ ଲାଠି ମାଡ଼ କରିଥିଲେ।

ହଙ୍ଗାମା ଯୋଗୁ ମେସିଙ୍କ ଗସ୍ତ ସୂଚୀ ସମୟକୁ କାଟଛାଟ କରାଯାଇଥିଲା। ବିଶ୍ୱକପ ବିଜେତା ମାତ୍ର ୧୦ ମିନିଟ ଷ୍ଟାଡିୟମ ଭିତରେ ରହିବା ପରେ ଅନ୍ୟ ଭିଭିଆଇପିଙ୍କ ସହ ସେଠାରୁ ଚାଲି ଯିବାକୁ ବାଧ୍ୟ ହୋଇଥିଲେ। ମେସିଙ୍କ ଏହି ସ୍ୱଳ୍ପ ରହଣୀଙ୍କୁ ସକାଳୁ ତାଙ୍କୁ ଦେଖିବା ପାଇଁ ଅପେକ୍ଷା କରିଥିବା ଲୋକଙ୍କୁ ବେଶ ବାଧିଛି। ଅନେକ ଲୋକ ସକାଳୁ ମେସିଙ୍କ ଟିକିଏ ଝଲକ ପାଇଁ ଅପେକ୍ଷା କରିଥିଲେ ହେଁ ଶେଷରେ ନିରାଶ ହୋଇ ଘରକୁ ଫେରିଛନ୍ତି। ଅନେକ କହିଛନ୍ତି ଯେ ସେମାନେ ମାସାଧିକ କାଳ ଏହି କାର୍ଯ୍ୟକ୍ରମକୁ ଅପେକ୍ଷା କରି ରହିଥିଲେ। କିନ୍ତୁ ଏବେ ସେମାନଙ୍କୁ କେବଳ ବିଶୃଙ୍ଖଳାକୁ ସାମ୍ନା କରିବାକୁ ପଡ଼ିଛି। ଜଣେ ଫ୍ୟାନ କହିଛନ୍ତି, କେବଳ ନେତା ଓ ଅଭିନେତାମାନେ ମେସିଙ୍କୁ ଘେରି ରହିଥିଲେ। ଯଦି ଏମିତି ହେବାର ଥିଲା, ତା'ହେଲେ ସେମାନେ ଆମକୁ କାହିଁକି ଡାକୁଥିଲେ? ଆମେ ୧୨ ହଜାର ଟଙ୍କା ଦେଇ ଗୋଟିଏ ଟିକେଟି କିଣିଥିଲୁ। କିନ୍ତୁ ମେସିଙ୍କ ମୁହଁ ଦେଖିବାକୁ ମଧ୍ୟ ସକ୍ଷମ ହୋଇନାହୁଁ। ଅନେକ ଲୋକ ସମାନ ଅଭିଯୋଗ କରିଛନ୍ତି। ସାମ୍ନାକୁ ମଧ୍ୟ ଭଙ୍ଗାରୁଜା କରିବାର ଭିଡିଓ ଓ ଫଟୋ ସାମ୍ନାକୁ ଆସିଛି।

ଆଜି ସକାଳୁ ବିଭିନ୍ନ ପୋଷ୍ଟର ଓ କାର୍ଯ୍ୟକ୍ରମ ଦ୍ୱାରା ମେସିଙ୍କୁ ସ୍ୱାଗତ କରିଥିଲା କୋଲକାତା। କିନ୍ତୁ ମଧ୍ୟାହ୍ନ ବେଳକୁ ଏହି କାର୍ଯ୍ୟକ୍ରମ ବିଶୃଙ୍ଖଳାର ରୂପ ନେଇଛି। ମେସି ଆଜି ଠାରୁ ୩ ଦିନିଆ। ଭାରତ ଗସ୍ତରେ ଆସିଛନ୍ତି। ସେ ମଧ୍ୟରାତ୍ରରେ ଏୟାରପୋର୍ଟରେ ପହଞ୍ଚିବା ପରଠାରୁ ଫ୍ୟାନ୍ସଙ୍କ ଭିଡ଼ ଦେଖିବାକୁ ମିଳିଛି। ଆଜି ସେ କୋଲକାତା ଆସିଥିବା ବେଳେ ପରବର୍ତ୍ତୀ ଅବସ୍ଥାରେ ହାଇଦ୍ରାବାଦ, ମୁମ୍ବାଇ ଓ ଦିଲ୍ଲୀରେ ଯାଇ ଫ୍ୟାନ୍ସଙ୍କୁ ଭେଟିବେ।

କୋଲକାତାରେ ସେ ନିଜର ୭୦ ଫୁଟ ଉଚ୍ଚ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଛନ୍ତି। କୋଲକାତାର ଲେକ୍ ଟାଉନରେ ଥିବା ଶ୍ରୀଭୂମି ସ୍ପୋର୍ଟିଂ କ୍ଲବରେ ନିର୍ମିତ ଏହି ମୂର୍ତ୍ତିକୁ ଭିଡିଓ କନଫରେନ୍ସିଂ ଜରିଆରେ ମେସି ଉନ୍ମୋଚନ କରିଥିଲେ।

## କ୍ଷମା ମାଗିଲେ ଦିଦି

**କୋଲକାତା, ୧୩।୧୨ : (ଏଜେନ୍ସି) :** ଶନିବାର କୋଲକାତାର ସଲ୍ଟ ଲେକ୍ ଷ୍ଟାଡିୟମରେ ଫୁଟବଲ୍ ତାରକା ଲିଓନେଲ ମେସିଙ୍କ କାର୍ଯ୍ୟକ୍ରମରେ ହୋଇଥିବା ଅବ୍ୟବସ୍ଥା ଉପରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ସେ କହିଛନ୍ତି ଯେ ଏହି କୁପରିଚାଳନା ପାଇଁ ସେ ଅତ୍ୟନ୍ତ ମର୍ମାହତ ଏବଂ ଏଥିପାଇଁ ସେ ମେସି ତଥା ତାଙ୍କ ଫ୍ୟାନ୍ସମାନଙ୍କୁ କ୍ଷମା ମାଗିଛନ୍ତି। ମମତା ବାନାର୍ଜୀ ସୋସିଆଲ ମିଡିଆ ପ୍ଲାଟଫର୍ମ ଉପରେ ଲେଖିଛନ୍ତି ଯେ, ଆଜି ଷ୍ଟାଡିୟମରେ ଯେଉଁ ଅବ୍ୟବସ୍ଥା ଦେଖାଗଲା, ସେଥିପାଇଁ ମୁଁ ସ୍ତବ୍ଧ। ଏହି ଦୁର୍ଭାଗ୍ୟଜନକ ଘଟଣା ପାଇଁ ମୁଁ ଲିଓନେଲ ମେସି ଓ ସମସ୍ତ କ୍ରୀଡ଼ାପ୍ରେମୀଙ୍କୁ ହୃଦୟରୁ କ୍ଷମା ମାଗୁଛି। ମୁଖ୍ୟମନ୍ତ୍ରୀ ଏହି ଘଟଣାର ତଦନ୍ତ ପାଇଁ କଲିକତା ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ଅସୀମ କୁମାର ରାୟଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ଏହି କମିଟି ଦାୟୀ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ ଭବିଷ୍ୟତରେ ଏଭଳି ଘଟଣା ରୋକିବାକୁ ପରାମର୍ଶ ଦେବ। ବିଜେପି ପଶ୍ଚିମବଙ୍ଗ ୟୁନିଟ୍ ଏହି ଘଟଣାକୁ ନେଇ ଟିଏମସି ସରକାରଙ୍କୁ କଡ଼ା ସମାଲୋଚନା କରିଛି। ବିଜେପି ଅଭିଯୋଗ କରିଛି ଯେ ମମତା ସରକାର ବଙ୍ଗଳାର ଫୁଟବଲ୍ ସଂସ୍କୃତିକୁ ନଷ୍ଟ କରିଦେଇଛନ୍ତି। ବିଜେପି ନେତା ଅମିତ ମାଲବି। ଏହାକୁ ଏକ ବଡ଼ ଅପମାନ ଓ ସ୍କାମ ବୋଲି କହିବା ସହ ରାଜ୍ୟ କ୍ରୀଡ଼ା ମନ୍ତ୍ରୀ ଅରୂପ ବିଶ୍ୱାସଙ୍କ ଇସ୍ତଫା ଦାବି କରିଛନ୍ତି। ଷ୍ଟାଡିୟମରେ ଅବ୍ୟବସ୍ଥା ଏବଂ ସୁରକ୍ଷା କାରଣରୁ ମେସି ତାଙ୍କର କୋଲକାତା ଗସ୍ତକୁ ସମୟ ପୂର୍ବରୁ ଶେଷ କରିଦେଇଥିଲେ। ସେ ତୁରନ୍ତ ବିମାନବନ୍ଦର ଯାଇ ହାଇଦ୍ରାବାଦ ଅଭିମୁଖେ ଯାତ୍ରା କରିଥିଲେ।



## ସୁବର୍ଣ୍ଣପୁର ଜିଲ୍ଲା କ୍ରୀଡ଼ା ସଂସଦର ବାର୍ଷିକ କ୍ରୀଡ଼ା ଉତ୍ସବ

**ସୁବର୍ଣ୍ଣପୁର, ୧୩।୧୨ (ମହାଭାରତ):** ଆସନ୍ତାକାଲିଠାରୁ ଦୁଇଦିନ ଆରମ୍ଭ ହେବାକୁ ଯାଉଛି ସୁବର୍ଣ୍ଣପୁର ଜିଲ୍ଲା କ୍ରୀଡ଼ା ସଂସଦର ବାର୍ଷିକ କ୍ରୀଡ଼ା ଉତ୍ସବ। ପ୍ରଥମେ ସକାଳ ୭ଟା ୩୦ରେ ସୁରେଶ୍ୱରୀ ମନ୍ଦିର ପ୍ରାଙ୍ଗଣରୁ ଜିଲ୍ଲା କ୍ରୀଡ଼ା ସଂଘ ଓ ଖେଳାଳୀଙ୍କୁ ନେଇ ଏକ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଗାନ୍ଧୀ ପଡିଆରେ ୯ଟା ୩୦ ରେ ପହଂଚିବା ପରେ କ୍ରୀଡ଼ା ସଂଘ ସଭାପତି ତଥା ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ଏହାକୁ ଉଦଘାଟନ କରିବେ ଏବଂ ଖେଳ ୧୦ଟା ୩୦ ରେ ଆରମ୍ଭ ହେବ। ଏନେଇ ଗଣମାଧ୍ୟମ ଜରିଆରେ ସବିଶେଷ ସୂଚନା ଦେଇଛନ୍ତି ଜିଲ୍ଲା କ୍ରୀଡା ସଂଘ ସମ୍ପାଦକ ପୀୟୁଷ କୁମାର ପଣ୍ଡା। ଏହି ବାର୍ଷିକ କ୍ରୀଡା ଉତ୍ସବ ଡିସେମ୍ବର ୧୩ ଓ ୧୪ ଦୁଇଦିନ ବ୍ୟାପୀ ହେବାକୁ ଥିବାବେଳେ ବାଳକ ଓ ପୁରୁଷ ଖେଳାଳି ୪୪୯ ଜଣ ଅଂଶଗ୍ରହଣ କରିବାକୁ ଥିବାବେଳେ, ବାଳିକା ଓ ମହିଳା ଖେଳାଳି ୩୦୪ ଜଣ ଅଂଶଗ୍ରହଣ କରିବେ। ସର୍ବମୋଟ ୭୬୫ ଜଣ ଖେଳାଳି ଏହି ବାର୍ଷିକ କ୍ରୀଡାରେ ନାମ ପଞ୍ଜୀକରଣ କରିଥିବା ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଜିଲ୍ଲା କ୍ରୀଡା ସଂଘ ସମ୍ପାଦକ ପୀୟୁଷ କୁମାର ପଣ୍ଡା ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ କ୍ରୀଡା ସଂଘ ଉପସଭାପତି ଚିତ ରଞ୍ଜନ ତରାସିଆ, କାର୍ଯ୍ୟକାରିଣୀ ସଦସ୍ୟ ବି.ସତ୍ୟ ନାରାୟଣ ରାଓ, ଦିଲ୍ଲୀପ ଗୁରୁ, କମଳାକାନ୍ତ ସାହୁ, କ୍ରୀଡ଼ା ସଂଘ କୋଷାଧ୍ୟକ୍ଷ ସୁବାଷ ବିଶ୍ୱାଳ, କୋଚ କଲିମ୍ ମହମ୍ମଦ, ସଦସ୍ୟ ସୁଦର୍ଶନ ପଣ୍ଡା, ବିକାଶ ପଣ୍ଡା, କମଳାକାନ୍ତ ସାହୁ, ସଦା ସାହୁ, ଅନିଲ ସାହୁ, ହୃଷୀକେଶ ପଣ୍ଡା, ଜୟ ନାରାୟଣ ପାଢ଼ୀ, ବୀର ପ୍ରତାପ ଦାଶ, ରାଜ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିବା ବେଳେ ଶେଷରେ ଜିଲ୍ଲା କ୍ରୀଡା ସଂଘର ବରିଷ୍ଠ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦିଗାମ୍ବର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସୂର୍ଯ୍ୟକୁମାରଙ୍କ ଫର୍ମକୁ ନେଇ ଚିନ୍ତା

**ନୂଆଦିଲ୍ଲୀ, ୧୩।୧୨ : (ଏଜେନ୍ସି) :** ସୂର୍ଯ୍ୟକୁମାର ଯାଦବଙ୍କ ଟି-୨୦ ଫର୍ମ ଏବେ ଆଇସିସି ବିଶ୍ୱକପ୍ ପୂର୍ବରୁ ଭାରତୀୟ ଦଳ ପାଇଁ ବଡ଼ ଚିନ୍ତାର କାରଣ ହୋଇଛି। ଦଳର ଅଧିନାୟକ ଭାବେ ସେ ଲମ୍ବା ସମୟ ହେବ ପ୍ରଭାବୀ ପାଳିଟିଏ ଖେଳିପାରିନାହାନ୍ତି। ଗୁରୁବାର ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟି-୨୦ ମ୍ୟାଚରେ ସେ ଏକ ଟ୍ରିକ୍ ଖେଳିଥିଲେ ମଧ୍ୟ ସେଥିରେ ବି ଫେଲ୍ ମାରିଛନ୍ତି। ପ୍ରଥମ ଥର ପାଇଁ ସେ ନିଜେ ତୃତୀୟ ସ୍ଥାନରେ ବ୍ୟାଟିଂ ପାଇଁ ନ ଆସି ଅକ୍ଷର ପଟେଲ୍‌ଙ୍କୁ ପଠାଇଥିଲେ। ୪ ନମ୍ବରରେ ଆସିଥିଲେ ମଧ୍ୟ ସେ ୪ ବଲ୍‌ରୁ ୫ ରନ୍ ସହ ଫେଲ୍ ମାରିଥିଲେ। ଗତବର୍ଷ ନଭେମ୍ବର ମାସ ପରଠାରୁ ସୂର୍ଯ୍ୟକୁମାର ଏହି ଫର୍ମାଟ୍ରେ ୨୦ ପାଳିରୁ ୧୩.୩୫ ହାର ଓ ୧୨୦.୧୦ ଷ୍ଟ୍ରାଇକ୍ ରେଟ୍ରେ ମାତ୍ର ୨୨୭ ରନ୍ କରିଛନ୍ତି। ଏହି ସମୟ ମଧ୍ୟରେ ଭାରତ ସମ୍ପୂର୍ଣ୍ଣ ହୋଇଥିବା ୨୧ଟି ଟି-୨୦-୨୦ରୁ ମାତ୍ର ୪ଟି ହାରିଛି ସତ କିନ୍ତୁ ସୂର୍ଯ୍ୟଙ୍କ ବ୍ୟକ୍ତିଗତ ଅବଦାନର ଆବଶ୍ୟକତା ପଡ଼ିନାହିଁ। ଗୁରୁବାର ସେ ଟେଷ୍ଟ୍ ମ୍ୟାଚ୍ ଷ୍ଟାଇଲ୍ରେ ।ନ୍ସେନ୍‌ଙ୍କ ବୋଲିଂରେ ବଲ୍ ନିକ୍ ହୋଇ



ଉଇକେଟ୍‌ରକ୍ଷକ କ୍ୱିଣ୍ଟନ୍ ଡି'କକ୍‌ଙ୍କ ଗ୍ଲୋଭସରେ ପହଞ୍ଚିଥିଲା। ଅନ୍ୟପକ୍ଷରେ ସୂର୍ଯ୍ୟକୁମାରଙ୍କ ଭଳି ଉପଅଧିନାୟକ ଶୁବମନ୍ ଗିଲ୍ ମଧ୍ୟ ଖରାପ ଫର୍ମ ଦେଇ ଚାଲିଛନ୍ତି। ଅକ୍ଷର ପଟେଲ ତାଙ୍କ ୫୨ ଟ୍ୱେ ଟି-୨୦ ପାଳିରେ କେବେ ବି ୩ ନମ୍ବରରେ ବ୍ୟାଟିଂ କରିନଥିଲେ। ବହୁ ପରିଶ୍ରମ କରି ସେ ବଲ୍ ପିଛା ୨୧ ରନ୍ କରିବା ଅପ୍ରତ୍ୟାଶିତ ଥିଲା। ଅକ୍ଷରଙ୍କ ସହ ଶିବମ ଦୁବେଙ୍କୁ ବାମହାତୀ ସ୍ପିନର୍ ଜର୍ଜ ଲିଣ୍ଡେ ଅସୁବିଧାରେ ପକାଇଥିଲେ। ''ଏହି କୌଶଳ କାମ ନକରିବା ପରେ ଆମେ ପରବର୍ତ୍ତୀ ମ୍ୟାଚରେ ଭିନ୍ନ କିଛି କରିବୁ'' ବୋଲି ମଧ୍ୟ ସୂର୍ଯ୍ୟ ପ୍ରକାଶ କରିଛନ୍ତି। ଟି-୨୦ ଫର୍ମାଟରେ ସୂର୍ଯ୍ୟ ହାଇରିସ୍କ ସଟ୍ ଖେଳୁଥିବାରୁ ଏଭଳି ବିଫଳତା ଦେଇ ଗତି କରିବାକୁ ପଡ଼ିପାରେ ବୋଲି ମଧ୍ୟ କୁହାଯାଉଛି। କାରଣ ସୂର୍ଯ୍ୟ ଚଳିତ ବର୍ଷ ଇଂଲଣ୍ଡ ବିପକ୍ଷରେ ୫ ପାଳିରେ ୨ଟି ଶୂନ ବି କରିଥିଲେ। କିନ୍ତୁ ସେ ଆଇପିଏଲ୍-୨୦୨୫ରେ ୧୬ ପାଳିରୁ ୬୫.୧୮ ହାର ଓ ୧୬୭.୯୧ ଷ୍ଟ୍ରାଇକ୍ ରେଟ୍ରେ ୭୧୭ ରନ୍ କରିବା ସହ ମୁମ୍ବାଇ ଇଣ୍ଡିଆନ୍ସକୁ ନକ୍ ଆଉଟରେ ପହଞ୍ଚାଇଥିଲେ।

## ସ୍ୱାମପାଟଣା ଆଂଚଳିକ ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ

**କେନ୍ଦୁଝର, ୧୩।୧୨ (ମହାଭାରତ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ମୁଖ୍ୟାଳୟ ସ୍ୱାମପାଟଣା ଆଞ୍ଚଳିକ ମହାବିଦ୍ୟାଳୟର ଦୁଇ ଦିନିଆ ୩୦ ତମ ବାର୍ଷିକ କ୍ରୀଡ଼ା ସମାରୋହ ଆଜି ସନ୍ଧ୍ୟାରେ ଉଦଯାପିତ ହୋଇଛି। କ୍ରୀଡ଼ାରେ ୧୨ ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ୪ ଜଣ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଚମ୍ପିୟାନ ହୋଇଛନ୍ତି। ଯୁକ୍ତ ଦୁଇ କଳା ପ୍ରଥମ ବର୍ଷର ଛାତ୍ର ସିମନ ହାଁସଦା, ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷ କଳା ଛାତ୍ରୀ ଶ୍ରୀଦେବୀ ନାଏକ, ଯୁକ୍ତ ତିନି କଳା ପ୍ରଥମ ବର୍ଷ ଛାତ୍ର ବାହାଦୁର ବାସ୍କେ ଏବଂ ଯୁକ୍ତ ତିନି ବାଳିକା ବର୍ଗ କଳା ତୃତୀୟ ବର୍ଷର ଛାତ୍ରୀ ତପସ୍ୱିନୀ ମହାନ୍ତ ଚମ୍ପିୟାନ ହୋଇଛନ୍ତି।

କ୍ରୀଡ଼ା ଶିକ୍ଷକ କ୍ୟାପଟେନ ଧର୍ମେନ୍ଦ୍ର କୁମାର ସାହୁ ଓ ଅନ୍ୟ ମାନେ କ୍ରୀଡ଼ା ସମାରୋହ ପରିଚାଳନା କରିଥିଲେ। ଶରତ କୁମାର ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସମାରୋହରେ ଅଧ୍ୟକ୍ଷ ବିରେନ୍ଦ୍ର କୁମାର ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଉତର ଓଡ଼ିଶା ସାହିତ୍ୟ ସଂସ୍କୃତି ସମ୍ମେଳନ ର ସଭାପତି ନୃସିଂହ ନାଥ ସିଂହ ଯୋଗଦେଇ କୃତି ପ୍ରତିଯୋଗୀ ଓ ଚମ୍ପିୟାନ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିବା ବେଳେ ପ୍ରାଧ୍ୟାପକ ଅଶ୍ୱିନୀ କୁମାର ସାହୁ ଅଧ୍ୟାପିକା ସୁସ୍ମାତା ଶୋଭାଲିନ ମହାପାତ୍ର, ଅଧ୍ୟାପିକା ନୈଳାନୀ କାର୍ଜି, ରଜତ କୁମାର ଦାଶ, ବ୍ରଜେନ୍ଦ୍ର କୁମାର ପତି, ଅଧ୍ୟାପକ ରତ୍ନାକର ମହାକୁଡ ପ୍ରମୁଖ ଅନ୍ୟମାନେ ଉଦଯାପନୀ କାର୍ଯ୍ୟକ୍ରମରେ ସାମିଲ ଥିଲେ।

## କୋଟକ ସିକ୍ୟୁରିଟିଜ୍‌ର ମାର୍କେଟ ଆଉଟଲୁକ୍

**ମୁମ୍ବାଇ, ୧୩।୧୨ : (ଏଜେନ୍ସି) :** କୋଟକ ସିକ୍ୟୁରିଟିଜ ("କୋଟକ ନିଓ") ତାହାର ୨୦୨୬ ବର୍ଷ ନିମନ୍ତେ ମାର୍କେଟ ଆଉଟଲୁକ୍ (ବଜାର ଦୃଷ୍ଟିକୋଣ) ଉନ୍ମୋଚନ କରିଛି, ଯେଉଁଥିରେ ବିଶ୍ୱସ୍ତରରେ ଅନିଶ୍ଚିତ ପରିସ୍ଥିତି ସତ୍ତ୍ୱେ ଭାରତୀୟ ଇକ୍ୱିଟି ଓ କମୋଡିଟିଗୁଡିକୁ ନେଇ ଆଶାବାଦର ସୂଚନା ଦିଆଯାଇଛି। ଏହି ରିପୋର୍ଟରେ ଆଗାମୀ ବର୍ଷ ନଜର ରଖିବା ଆବଶ୍ୟକ ଥିବା ମାକ୍ରୋ ଧାରା, କ୍ଷେତ୍ରଭିତ୍ତିକ ସୁଯୋଗ ଏବଂ କମୋଡିଟି ସମ୍ପର୍କିତ ପୂର୍ବାନୁମାନ ଉପରେ ବିଶେଷ ଭାବରେ ଆଲୋକପାତ କରାଯାଇଛି। ଶ୍ରୀପାଲ ଶାହ, ଏମ୍‌ଡି ଓ ସିଇଓ, କୋଟକ ସିକ୍ୟୁରିଟିଜ କହିଥିଲେ, "ବୈଶ୍ୱିକ ଅସ୍ଥିରତା ମଧ୍ୟରେ ଭାରତ ଅଭିବୃଦ୍ଧିର ଏକ ଆଲୋକବର୍ତ୍ତିକା ହୋଇ ରହିଛି। ଦମ୍‌ଦାର ଉପାର୍ଜନ ଅନୁମାନ ଏବଂ ନୀତିଗତ ସମର୍ଥନ ଦ୍ୱାରା ପରିଚାଳିତ ହୋଇ ଇକ୍ୱିଟିକୁ ନେଇ ଆମର ଦୃଷ୍ଟିକୋଣ ବେଶ୍ ଉତ୍ସାହଜନକ ରହିଛି ଏବଂ ସେହି ସମୟରେ ସୁନା ୨୦୨୬ରେ ଏକ ସୁରକ୍ଷିତ ସମ୍ପତ୍ତି ଭାବରେ ନିଜର ଚମକ ବଜାୟ ରଖିବା ଆଶା କରାଯାଉଛି। ଯୁବ ନିବେଶକଙ୍କ ଦ୍ୱାରା ବର୍ଦ୍ଧିତ ଅଂଶଗ୍ରହଣ ସହିତ ମାର୍କେଟରେ ଗଭୀର ନିୟୋଜନତା ଏବଂ ସମ୍ପତ୍ତି ସୃଷ୍ଟି ହେବାକୁ ଯାଉଛି।" ଶିଳ୍ପ କ୍ଷେତ୍ର ସମ୍ପର୍କରେ ସେ କହିଥିଲେ, "ସେବିର ତାତା ସର୍ବେକ୍ଷଣ ଅଧ୍ୟୟନ ଅନୁଯାୟୀ ୬୩% ପରିବାର ଅତିକମ୍‌ରେ ଗୋଟିଏ ପ୍ରତିଭୂତି ବଜାର ଉତ୍ପାଦ ସମ୍ପର୍କରେ ଅବଗତ ରହିଥିଲେ ମଧ୍ୟ ମାତ୍ର ୯.୫% ପରିବାର ସକ୍ରିୟ ଭାବରେ ନିବେଶ କରୁଛନ୍ତି।

## ସୁକିନ୍ଦା ମହାବିଦ୍ୟାଳୟ ବାର୍ଷିକ କ୍ରୀଡା ପ୍ରତିଯୋଗିତା

**ସୁକିନ୍ଦା, ୧୩।୧୨ : (ସ୍ୱାଧିକାର ନ୍ୟୁଜ) :** ଯାଜପୁର ଜିଲ୍ଲାର ଅନ୍ୟତମ ଅଗ୍ରଣୀ ଶିକ୍ଷାନୁଷ୍ଠାନ ସୁକିନ୍ଦା ମହାବିଦ୍ୟାଳୟର ୪୭ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଗତ କାଲି ଓ ଆଜି ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଗତକାଲି ଉଦଘାଟନ ଦିବସରେ ଛାତ୍ରଛାତ୍ରୀମାନେ ଏକ ଶୋଭାଯାତ୍ରାରେ ଯାଇ ସୁକିନ୍ଦାର ଅଧିଷ୍ଠାତ୍ରୀ ଦେବୀ ମା ଖଣ୍ଡୁରାଈଙ୍କ ମନ୍ଦିର ରେ ପୂଜାର୍ଚ୍ଚନା କରି ମଶାଲରେ ଅଗ୍ନି ସଂଯୋଗ ପୂର୍ବକ ମହାବିଦ୍ୟାଳୟକୁ ଆସିଥିଲେ। ମହାବିଦ୍ୟାଳୟରେ ଭାରପ୍ରାପ୍ତ ଅଧ୍ୟକ୍ଷ ହିମାଂଶୁ ଶେଖର ଦ୍ୱିବେଦୀଙ୍କୁ ମଶାଲ ହସ୍ତାନ୍ତର କରିଥିଲେ। କ୍ରୀଡା ପତାକା ଉତ୍ତୋଳନ ସହିତ ଛାତ୍ର ଛାତ୍ରୀମାନେ ଶପଥ ପାଠ କରିଥିଲେ। କ୍ରୀଡା ପ୍ରତିଯୋଗିତାକୁ ଉଦଘାଟନ କରି ଅଧ୍ୟକ୍ଷ ସୁସ୍ଥ ଶରୀର ଓ ମନ ପାଇଁ ଛାତ୍ର ଛାତ୍ରୀଙ୍କ ଜୀବନରେ କ୍ରୀଡାର ଆବଶ୍ୟକତା ଥିବା କଥା କହିଥିଲେ। ପରେ ପରେ କ୍ରୀଡା ଶିକ୍ଷକ କାଳନ୍ଦୀ ଚରଣ ସାହୁ, ସଞ୍ଜୟ କୁମାର ବାରିକ, ଗଣେଶ୍ୱର ବେହେରା, କୈଳାସ ମହାପାତ୍ର, ଅଜିତ କୁମାର ପାଲ ଙ୍କ ପରିଚାଳନା ଓ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକା ମାନଙ୍କ ସହଯୋଗରେ ଦୁଇ ଦିନ ଧରି ବିଭିନ୍ନ ପ୍ରକାର ର ଦୌଡ କୁଦ ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତା ଶେଷରେ ଅଧ୍ୟକ୍ଷ କୃତି ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ।ଦୁଇ ଦିନ ର ଏହି ପ୍ରତିଯୋଗିତାରେ କ୍ରୀଡା ସଂସଦର ଉପସଭାପତି ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ସାହୁଙ୍କ ସମେତ ପ୍ରାଧ୍ୟାପକ ସିତିକଣ୍ଠ ଦାସ, ରାଜେନ୍ଦ୍ର ନାରାୟଣ ରାଉଳ, ଅଧ୍ୟାପକ ହାଡିବନ୍ଧୁ ଦାସ, ପାଣ୍ଡବ ଚରଣ ବେହେରା, ତ୍ରୈଲୋଚନ ମଲିକ, ସୁଶାନ୍ତ କୁମାର ବେହେରା, ଦିବ୍ୟଜ୍ୟୋତି ନାୟକ, ପ୍ରେମାନନ୍ଦ ପତି, ଜାଭେଦ ଇକବଲ୍,ସଞ୍ଜୟ ସାମଲ, ପ୍ରଶାନ୍ତ ମହାରଣା,ମନୀନ୍ଦ୍ର ହନହାଗା, ଦେବେନ୍ଦ୍ର ନାୟକ,ମନୋଜ ମହାରଣା ପ୍ରମୁଖ ସହଯୋଗ କରିଥିଲେ।

## ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ

**ଭୁବନେଶ୍ୱର, ୧୩।୧୨ (ମହାଭାରତ):** ଭୁବନେଶ୍ୱରସ୍ଥିତ ପଠାଣୀ ସାମନ୍ତ ପ୍ଲାନେଟାରିୟମ୍‌ରେ ୧୯ତମ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ (ୟାଟ୍‌ସ)ର ଗ୍ରାଣ୍ଡ ଫିନାଲେ-୨୦୨୫ କାର୍ଯ୍ୟକ୍ରମ ଶନିବାର ଆୟୋଜିତ ହୋଇଯାଇଛି। ଏଥିରେ ସାରା ରାଜ୍ୟର ୩୦ ଜଣ ଯୁବ ଜ୍ୟୋତିର୍ବିଜ୍ଞାନୀଙ୍କୁ ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା , ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସମ୍ବର୍ଦ୍ଧିତ କରିଛନ୍ତି। ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଅଧୀନସ୍ଥ ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନେଟାରିଅମ୍ ସହଯୋଗରେ ଆୟୋଜିତ, ଏହି ପ୍ରମୁଖ କାର୍ଯ୍ୟକ୍ରମ ରାଜ୍ୟର ପ୍ରତିଷ୍ଠିତ ଜ୍ୟୋତିର୍ବିଜ୍ଞାନୀ ପଠାଣି ସାମନ୍ତଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରୁଛି। ଏହାର ଉଦ୍ଦେଶ୍ୟ ହେଉଛି ରାଜ୍ୟର ଯୁବ ପ୍ରତିଭାମାନଙ୍କୁ ପ୍ରୋତ୍ସାହନ ଦେବା ସହିତ ସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ବିଜ୍ଞାନ, ଜ୍ୟୋତିର୍ବିଜ୍ଞାନୀ ଓ ଅନ୍ତରିକ୍ଷ ଗବେଷଣାଙ୍କୁ ଅନ୍ୱେଷଣ କରିବାକୁ ପ୍ରେରିତ କରିବା।

ଗ୍ରାଣ୍ଡ ଫିନାଲେରେ ସାମିଲ ହୋଇଥିବା ୬୦ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩୦ ଜଣ ବିଜୟୀ ଛାତ୍ରଛାତ୍ରୀଙ୍କୁ ମାନ୍ୟବର ମନ୍ତ୍ରୀ ସମ୍ମାନିତ କରିଛନ୍ତି। ଟାଟା ଷ୍ଟିଲ୍ ଓ ପଠାଣୀ ସାମନ୍ତ ପ୍ଲାନେଟାରିୟମ୍‌ର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚଳିତ ବର୍ଷ ରାଜ୍ୟର ସମସ୍ତ ଜିଲାରୁ ୭୬,୭୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ୨୦୦୭ ମସିହାରେ ୟାଟ୍‌ସ ଶୁଭାରମ୍ଭ ପରଠାରୁ ଏଥିରେ ୪.୭ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଯୋଡି ହୋଇଛନ୍ତି। କାର୍ଯ୍ୟକ୍ରମରେ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ପଠାଣୀ ସାମନ୍ତ ପ୍ଲାନଟାରିୟମ୍‌ର ଅଧ୍ୟକ୍ଷା ଶ୍ରୀମତୀ ଚିତ୍ରା ଅରୁମୁଗମ (ଆଇଏଏସ୍), ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଉପ ସଚିବ ତଥା ପ୍ଲାନେଟାରିୟମ୍‌ର ଡାଇରେକ୍ଟର ଇନଚାର୍ଜ ଶ୍ରୀମତୀ ଉର୍ମିପ୍ରଭା ମହାରଣା, ଟାଟା ଷ୍ଟିଲ୍‌ର ଉପସଭାପତି (କର୍ପୋରେଟ୍ ସର୍ଭିସେସ) ଡି ବି ସୁନ୍ଦର ରମମ ଓ ଟାଟା ଷ୍ଟିଲର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବିଜେତାମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଯୁବ ଜ୍ୟୋତିର୍ବିଜ୍ଞାନୀମାନଙ୍କୁ ଅଭିନନ୍ଦନ ଜଣାଇ ମାନ୍ୟବର ମନ୍ତ୍ରୀ କହିଛନ୍ତି ଯେ, " ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣର ଗ୍ରାଣ୍ଡ ଫିନାଲେରେ ବିଜୟୀ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଭବିଷ୍ୟତରେ ସେମାନେ ଜଣେ ଜଣେ ବିଶିଷ୍ଟ ମହାକାଶ ବିଜ୍ଞାନୀ ହେବେ ବୋଲି ଆଶା କରୁଛି।

## ଅକ୍ଷୟ କୁମାରଙ୍କ ଦ୍ୱାରା ଭୁବନେଶ୍ୱର ଏବଂ କଟକରେ କଲ୍ୟାଣ ଜୁଏଲର୍ସ ଉଦଘାଟିତ

**ଭୁବନେଶ୍ୱର, ୧୩।୧୨ (ମହାଭାରତ):** ଭାରତର ସବୁଠାରୁ ବିଶ୍ୱସ୍ତ ଏବଂ ଅଗ୍ରଣୀ ଅଳଙ୍କାର କମ୍ପାନୀ ମଧ୍ୟରୁ ଗୋଟିଏ, କଲ୍ୟାଣ ଜୁଏଲର୍ସ, ଆଜି ଓଡ଼ିଶାର ଭୁବନେଶ୍ୱର ଏବଂ କଟକରେ ଏହାର ସମ୍ପୂର୍ଣ୍ଣ ନୂତନ ଶୋ'ରୁମ୍ ଆରମ୍ଭ କରିଛି। ବଲିଉଡ୍ ଅଭିନେତା ଅକ୍ଷୟ କୁମାର ଏହି ଶୋ'ରୁମ୍ ଉଦଘାଟନ କରିଛନ୍ତି, ଯାହାର ଲକ୍ଷ୍ୟ ଏହି ଅଞ୍ଚଳରେ ବ୍ରାଣ୍ଡର ଉପସ୍ଥିତିକୁ ଆହୁରି ମଜବୁତ କରିବା। ଏହି ଶୋ'ରୁମ୍ କଲ୍ୟାଣ ଜୁଏଲର୍ସର ବିଭିନ୍ନ ଉତ୍କୃଷ୍ଟ ଡିଜାଇନ୍ ପ୍ରଦାନ କରିବ, ଯେଉଁଥିରେ ମୁହୂରତ୍ (ବିବାହ ଅଳଙ୍କାର ଲାଇନ), ମୁଦ୍ରା (ହସ୍ତଶିଳ୍ପ ପ୍ରାଚୀନ ଅଳଙ୍କାର), ନିମା (ମନ୍ଦିର ଅଳଙ୍କାର) ଏବଂ ଆହୁରି ଅନେକ ଲୋକପ୍ରିୟ ଗୃହ ବ୍ରାଣ୍ଡ ଅନ୍ତର୍ଭୁକ୍ତ ରହିଛି। କଲ୍ୟାଣ ଜୁଏଲର୍ସ ଦ୍ୱାରା ପ୍ରଦାନ କରାଯାଇଥିବା ବିଭିନ୍ନ ସିଗ୍ନେଚର ଅଳଙ୍କାର ଲାଇନରୁ ଡିଜାଇନର ଏକ ବିସ୍ତୃତ ସଂଗ୍ରହ ସହିତ, ନୂତନ ଶୋ'ରୁମ୍ ଏହି ଅଞ୍ଚଳର ଗ୍ରାହକମାନଙ୍କୁ ଏକ ଅଦ୍ଭୁତ ସପିଂ ଅଭିଜ୍ଞତା ପ୍ରଦାନ କରିବାକୁ ପ୍ରସ୍ତୁତ। ସମାବେଶକୁ ସମ୍ବୋଧିତ କରି ବଲିଉଡ୍ ଅଭିନେତା ଅକ୍ଷୟ କୁମାର କହିଛନ୍ତି, "କଲ୍ୟାଣ ଜୁଏଲର୍ସର ନୂତନ ଶୋ'ରୁମ୍ ଉଦଘାଟନରେ ଅଂଶୀଦାର ହୋଇ ମୁଁ ପ୍ରକୃତରେ ଆନନ୍ଦିତ। ବିଶ୍ୱାସ, ପାରଦର୍ଶିତା ଏବଂ ଏକ ଦୃଢ଼ ଗ୍ରାହକ-ପ୍ରଥମେ ନିଦର୍ଶନକୁ ନିରନ୍ତର ଭାବରେ ପାଥେୟ କରିଥିବା ଏକ ବ୍ରାଣ୍ଡର ପ୍ରତିନିଧିତ୍ୱ କରିବା ଏକ ସମ୍ମାନର ବିଷୟ। ମୁଁ ନିଶ୍ଚିତ ଯେ ଏହି ସହରର ଗ୍ରାହକମାନେ କଲ୍ୟାଣ ଜୁଏଲର୍ସକୁ ସେମାନଙ୍କର ଶ୍ରଦ୍ଧା ଓ ଆଗ୍ରହ ପ୍ରକାଶ କରିବେ ଏବଂ ବ୍ରାଣ୍ଡର ଅସାଧାରଣ ସେବା ମାନଦଣ୍ଡ ଏବଂ ଏହାର ବିବିଧ ପରିସରର ଉତ୍କୃଷ୍ଟ ଅଳଙ୍କାର ସଂଗ୍ରହକୁ ପ୍ରଶଂସା କରିବେ।"

## ସାମସଙ୍ଗ ନୂତନ ଉଦ୍ଭାବନ ଦୃଷ୍ଟିଭଙ୍ଗୀ ଉନ୍ମୋଚନ

**ଭୁବନେଶ୍ୱର, ୧୩।୧୨ (ମହାଭାରତ):** ସାମସଙ୍ଗ, ଭାରତର ସର୍ବବୃହତ ଗ୍ରାହକ ଇଲେକ୍ଟ୍ରୋନିକ୍ସ ବ୍ରାଣ୍ଡ, ଆଜି ଏକ ନବୀକରଣ ହୋଇଥିବା ରଣନୈତିକ ଦୃଷ୍ଟିଭଙ୍ଗୀ ଉନ୍ମୋଚନ କରିଛି - ପାୱାରିଙ୍ଗଇନୋଭେସନଫର୍‌ଇଣ୍ଡିଆ - ଯାହା ଲୋକ-କେନ୍ଦ୍ରିକ ଉଦ୍ଭାବନ, ଭାରତୀୟ ପ୍ରତିଭା ଏବଂ ଭାରତ ଦ୍ୱାରା ପରିଚାଳିତ ଉତ୍ପାଦ ବିକାଶକୁ ଦେଶରେ ଏହାର ପରବର୍ତ୍ତୀ ପର୍ଯ୍ୟାୟର ଅଭିବୃଦ୍ଧିର ମୂଳରେ ରଖିଥାଏ।

ଭାରତରେ କାର୍ଯ୍ୟର ୩୦ ବର୍ଷ ପୂର୍ତ୍ତି ଅବସରରେ ସାମସଙ୍ଗ କହିଛି ଯେ ଏହି ନୂତନ ଦୃଷ୍ଟି ଭାରତର ଡିଜିଟାଲ ରୂପାନ୍ତରଣ, ମେକ୍ ଇନ୍ ଇଣ୍ଡିଆ ଉତ୍ପାଦନ ଆକାଂକ୍ଷା ଏବଂ ନବସୃଜନ-ଆଧାରିତ ଅର୍ଥନୈତିକ ଅଭିବୃଦ୍ଧିରେ ଏକ ଦୀର୍ଘକାଳୀନ ସହଭାଗୀ ଭାବରେ ଏହାର ପ୍ରତିବଦ୍ଧତାକୁ ଦୃଢ଼ୀଭୂତ କରେ। ୧୯୯୫ ରେ ଭାରତରେ ପ୍ରବେଶ କରିବା ପରଠାରୁ, ସାମସଙ୍ଗ ଟେଲିଭିଜନରୁ ଆରମ୍ଭ କରି ଘରୋଇ ମନୋରଞ୍ଜନକୁ ପୁନର୍ବ୍ୟାଖ୍ୟା କରିବା ସହିତ ନୋଏଡାରେ ବିଶ୍ୱର ସର୍ବବୃହତ ମୋବାଇଲ୍ ଉତ୍ପାଦନ ସୁବିଧା ପ୍ରତିଷ୍ଠା କରିଛି ଏବଂ ଭାରତରେ ନିର୍ମିତ ନବସୃଜନକୁ ଆଗେଇ ନେଉଛି ଯାହା ବର୍ତ୍ତମାନ ଏହାର ବିଶ୍ୱ ପରିବେଶକୁ ଶକ୍ତିଯୋଗାଉଛି।

## ଜୟପ୍ରକାଶ ହସ୍ପିଟାଲ୍‌ରେ ନୂତନ କ୍ଲେଫ୍ଟ କେୟାର୍ ସେଂଟର ଘୋଷଣା

**ଭୁବନେଶ୍ୱର, ୧୩।୧୨ (ମହାଭାରତ):** ବିଶ୍ୱର ସର୍ବବୃହତ୍ କ୍ଲେଫ୍ଟ-କେନ୍ଦ୍ରିତ ଏନ୍‌ଜିଓ ସ୍ମାଇଲ୍ ଟ୍ରେନ୍ ତାହାର ନୂତନ ସହଭାଗୀ ଭାବେ ଜୟପ୍ରକାଶ (ଜେପି) ହସ୍ପିଟାଲ୍ ଏବଂ ରିସର୍ଚ୍ଚ ସେଂଟର, ରାଉରକେଲା ସହିତ ଭାଗିଦାରୀ ଘୋଷଣା କରିଛି, ଯାହା ମାଧ୍ୟମରେ ରାଉରକେଲାରେ ମାଗଣା କ୍ଲେଫ୍ଟ ଲିପ୍ ଓ ପ୍ୟାଲେଟ୍ ସର୍ଜରୀ ସୁବିଧା ଉପଲବ୍ଧ ହେବ। ନୂତନ କ୍ଲେଫ୍ଟ ସେଂଟରରେ ରୋଗୀମାନେ ସାରା ବର୍ଷ ମାଗଣା ସର୍ଜରୀ ପାଇପାରିବେ। ଏଠାରେ କ୍ଲେଫ୍ଟ ସର୍ଜରୀଗୁଡିକ ଡ଼ଃ ପ୍ରିୟଙ୍କା ଭୋଇ, ଅରାଲ୍ ଏବଂ ମ୍ୟାକ୍ସିଲୋଫେସିଆଲ୍ ସର୍ଜନ୍ ଓ ସ୍ମାଇଲ୍ ଟ୍ରେନ୍ ପ୍ରୋଜେକ୍ଟ ଡାଇରେକ୍ଟର ଦ୍ୱାରା କରାଯିବ। ଏପର୍ଯ୍ୟନ୍ତ, ସ୍ମାଇଲ୍ ଟ୍ରେନ୍ ଇଣ୍ଡିଆ ଓଡ଼ିଶାରେ ୨୬,୦୦୦ ରୁ ଅଧିକ ମାଗଣା କ୍ଲେଫ୍ଟ ସର୍ଜରୀ ସହଯୋଗ କରିଛି। ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଦେଓଗଡ଼ ଓ ନିକଟସ୍ଥ ଅଂଚଳର ଗ୍ରାମାଂଚଳ ଏବଂ ଜନଜାତି ଅଂଚଳରେ କ୍ଲେଫ୍ଟ ବିଷୟରେ ସଚେତନତା କମ୍। ଭାଗିଦାରୀ ବିଷୟରେ କହିବା ସମୟରେ, ରେଣୁ ମେହେତା, ସ୍ମାଇଲ୍ ଟ୍ରେନ୍‌ର ଏରିଆ ଡାଇରେକ୍ଟର, ସାଉଥ୍ ଏସିଆ, କହିଥିଲେ,"ଓଡ଼ିଶାରେ ପ୍ରତିବର୍ଷ ହଜାର ଶିଶୁ କ୍ଲେଫ୍ଟ ଲିପ୍ ଓ ପ୍ୟାଲେଟ୍ ସହିତ ଜନ୍ମ ନେଉଛନ୍ତି, କିନ୍ତୁ ଅନେକ ଜଣ ଅର୍ଥାଭାବ ଓ ସଚେତନତାର ଅଭାବରୁ ସମୟୋପଯୁକ୍ତ ଚିକିତ୍ସା ପାଇପାରନ୍ତି ନାହିଁ। ଆମର 'ଟିଚ୍ ଏ ପର୍ସନ ଟୁ ଫିସ୍'

## ମଜଭୁତ ନିରାପତ୍ତା ସଂସ୍କୃତି ଉଦ୍ରେକ କରାଉଛି ଆଦିତ୍ୟ ଆଲୁମିନିୟମ୍

**ଭୁବନେଶ୍ୱର, ୧୩।୧୨ (ମହାଭାରତ):** କାର୍ଯ୍ୟସ୍ଥଳରେ ସୁରକ୍ଷା ଓ ସାମୂହିକ ଦାୟିତ୍ୱ ପ୍ରତି ନିଜର ଏକନିଷ୍ଠ ପ୍ରତିବଦ୍ଧତାକୁ ପୁନଃସୁଦୃଢ଼ୀକରଣ କରି ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ଏକ ୟୁନିଟ୍ ଆଦିତ୍ୟ ଆଲୁମିନିୟମ, ଲପଙ୍ଗା ତାହାର ସମ୍ପ୍ରସାରଣ ପ୍ରକଳ୍ପ ପରିସରରେ "ସୁରକ୍ଷା ସଂକଳ୍ପ- ଯତ୍ନ ଓ ପ୍ରତିବଦ୍ଧତାର ଏକ ସଂସ୍କୃତି ନିର୍ମାଣ" ଶୀର୍ଷକରେ ଉଚ୍ଚ ପ୍ରଭାବୀ ପ୍ରେରଣାଦାୟୀ କାର୍ଯ୍ୟକ୍ରମ ସଫଳତାର ସହିତ ଆୟୋଜନ କରିଥିଲା।

ଏହି ପ୍ରୟାସ ସଂସ୍ଥାନର ସମସ୍ତ ସ୍ତରରେ ସପ୍-ଫ୍ଲୋର୍ କାର୍ଯ୍ୟାଭ୍ୟାସ ଏବଂ ଆଚରଣଗତ ନିରାପତ୍ତା ଉପରେ ତୀକ୍ଷ୍ଣ ଦୃଷ୍ଟିନିବଦ୍ଧ ସହିତ ସୁରକ୍ଷାଗତ ସଚେତନତାକୁ ଗଭୀର କରିବା ନିମନ୍ତେ ଏକ ଉଲ୍ଲେଖନୀୟ ପଦକ୍ଷେପ ଥିଲା। କାର୍ଯ୍ୟକ୍ରମରେ ଶ୍ରୀ ଉମାକାନ୍ତ ସାମନ୍ତରାୟ, ଆସିସ୍ଟାଣ୍ଟ ଡାଇରେକ୍ଟର- ଫାକ୍ଟରିଜ୍ ଆଣ୍ଡ ବଏଲର୍ସଙ୍କ ସହିତ ଶ୍ରୀ ଜେ.ପି. ନାୟକ, ୟୁନିଟ୍ ହେଡ୍ ଏବଂ ଶ୍ରୀ କମଲ କାନ୍ତ ପାଣ୍ଡେ, ପ୍ରୋଜେକ୍ଟ ହେଡଙ୍କର ସଦୟ ଉପସ୍ଥିତି ରହିଥିଲା। ସେମାନଙ୍କ ସହିତ ଶ୍ରୀ ଇଶ୍ୱର ରାଓ, ଶ୍ରୀ ଅଭୟ ମିଶ୍ର, ଶ୍ରୀ ଦୀପକ ଦାଶ, ଶ୍ରୀ ପ୍ରବୀର ପୁଜାରୀ, ଶ୍ରୀ କୁନ୍ତଳ ଦାସ ଏବଂ ଶ୍ରୀ ରବି ପ୍ରତାପ ସିଂ ଆଦି ନେତୃବୃନ୍ଦଙ୍କ ସମେତ ଏଚ୍‌ଆଇଏଲ ଏବଂ ତାହାର ବ୍ୟବସାୟ ସହଯୋଗୀଙ୍କର ପ୍ରତିନିଧିଗଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ